
ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୧୮ ଏପ୍ରିଲ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 18 April 2026

Vol.No. 36 ■ No.102 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଶୀଘ୍ର ଆସୁଛି

ସାଗରିକା

(ବିଷୁବ ସଂଖ୍ୟା)

ଡିଜିଟାଲ ଫର୍ମାଟରେ ମଧ୍ୟ ଉପଲବ୍ଧ...

website : sagarika.in.net


# ଦୁଇ ତୃତୀୟାଂଶ ବହୁମତ ଅଭାବରୁ ଖାରଜ ହେଲା ସମ୍ବିଧାନ ସଂଶୋଧନ ବିଲ୍

ନୂଆଦିଲ୍ଲୀ,୧୭/୪ : ମହିଳା ସଂରକ୍ଷଣକୁ ତ୍ୱରାନ୍ୱିତ କରିବା ପାଇଁ ନୂତନ ଜନଗଣନା ବିନା ସୀମା ପୁନଃନିର୍ଦ୍ଧାରଣ ପ୍ରକ୍ରିୟା ଶେଷ କରିବାକୁ ଆସିଥିବା ୩ଟି ସମ୍ବିଧାନ ସଂଶୋଧନ ବିଲ୍ ଆଜି ଲୋକସଭାରେ କାଟ୍ ଖାଇଛି । ସରକାରଙ୍କୁ ଦୁଇ ତୃତୀୟାଂଶ ସଦସ୍ୟଙ୍କ ସମର୍ଥନ ନ ମିଳିବାରୁ ଏ ବାବଦ ବିଲ୍ ସଂସଦରେ ବିଫଳ ହୋଇଛି । ଆଜି ଲୋକସଭାରେ ଏହି ବିଲ୍ ଉପରେ ହୋଇଥିବା ଭୋଟ ଗ୍ରହଣରେ ୨୯୮ ଜଣ ସଦସ୍ୟ ସପକ୍ଷରେ ଭୋଟ ଦେଇଥିବା ବେଳେ ୨୩୦ ଜଣ ବିପକ୍ଷରେ ଭୋଟ ଦେଇଥିଲେ । ବିଲ୍ ପାରିତ ହେବା ପାଇଁ ଶାସକ ଏନଡିଏକୁ ୩୨୬ ଭୋଟ୍ ଦରକାର ଥିଲା । ସୀମା ନିର୍ଦ୍ଧାରଣ ପାଇଁ ଏକ ନୂତନ ଜନଗଣନାର



ଆବଶ୍ୟକତାକୁ ଏଡ଼ାଇବା ପାଇଁ ଏହି ବିଲ୍ ଲକ୍ଷ୍ୟ ରଖିଥିବା ବେଳେ ଏହା ଭଣ୍ଡୁର ହୋଇଥିବାରୁ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥାର କାର୍ଯ୍ୟାନ୍ୱୟନ ଅନିଶ୍ଚିତତା ଭିତରକୁ ଚାଲିଯାଇଛି । କେନ୍ଦ୍ରମନ୍ତ୍ରୀ କିରଣ ରିଜିଜୁ ଲୋକସଭାରୁ ଏହି ବିଲ୍ ପ୍ରତ୍ୟାହାର କରିବା ପରେ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଲୋକସଭା ମୁଲତବୀ ରଖାଯାଇଛି । ନାରୀ ଶକ୍ତି ବନ୍ଦନ ଅଧିନିୟମ ବା ମହିଳା ସଂରକ୍ଷଣ ଆଇନରେ ସଂଶୋଧନ ଉପରେ ବିଚାର କରିବା ପାଇଁ ଏପ୍ରିଲ ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ସଂସଦର ତିନି ଦିନିଆ ସ୍ୱତନ୍ତ୍ର ଅଧିବେଶନ ଚାଲିଥିବା ବେଳେ ମୁଖ୍ୟ ବିଲ୍ କାଟ୍ ଖାଇଥିବା ନେଇ ରାଜନୀତି ସରଗରମ ହୋଇଛି । ପ୍ରସ୍ତାବିତ ସଂଶୋଧନଗୁଡିକ ଦ୍ୱାରା ୨୦୨୯ ସୁଦ୍ଧା ମହିଳା ସଂରକ୍ଷଣ ବ୍ୟବସ୍ଥାର କାର୍ଯ୍ୟକାରିତାକୁ ସକ୍ଷମ କରିବାକୁ ଲକ୍ଷ୍ୟ ରଖାଯାଇଥିଲା । ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ସଂରକ୍ଷଣ ଢାଞ୍ଚାକୁ କାର୍ଯ୍ୟକାରୀ କରିବା ପାଇଁ ଲୋକସଭାର ସଂଖ୍ୟାକୁ ୫୪୩ରୁ ୮୫୦ ଆସନକୁ ବୃଦ୍ଧି କରିବାକୁ ସରକାର ପ୍ରୟାସ କରିଥିଲେ । ଏହି ଯୋଜନାର ଏକ ଅଂଶ ଭାବରେ, ୨୦୧୧ ଜନଗଣନାକୁ ଆଧାର କରି ସୀମା ନିର୍ଦ୍ଧାରଣ କରାଯିବାକୁ ସରକାର ବିଲ୍ ଆଣିଥିଲେ ଏବଂ ବିରୋଧୀ ଦଳମାନେ ଏହାକୁ ଜୋରଦାର ବିରୋଧ କରିଥିଲେ । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଆଜି ତାଙ୍କ ଲୋକସଭା ଭାଷଣରେ କହିଥିଲେ ଯେ, ◆◆ପୃଷ୍ଠା ୭

# ୨୧ ଯାଏଁ ତାତିରୁ ନାହିଁ ନିସ୍ତାର: ଗୁଳୁଗୁଳିରେ ସନ୍ତୁଳି ହେବ ପୂରା ଓଡ଼ିଶା

ଭୁବନେଶ୍ୱର, ୧୭/୪ (ନି.ପ୍ର): ବଢ଼ୁଛି ତାତି, ଅସ୍ତବ୍ୟସ୍ତ ଜନଜୀବନ । ରାତି ପାହୁ ପାହୁ ବଢ଼ୁଛି ତାତିର ରାଜୁତି । ଅସହ୍ୟ ଗରମ, ତ୍ରାହି ତ୍ରାହି ଡାକିଲେଣି ଲୋକେ । ଅସହ୍ୟ ଗରମ କାରଣରୁ ଶିକ୍ଷାନୁଷ୍ଠାନ ଛୁଟି ଘୋଷଣା ବଲାଙ୍ଗିର ଜିଲ୍ଲାପାଳ । ୨୦ତାରିଖ ପର୍ଯ୍ୟନ୍ତ ବଲାଙ୍ଗିର ଓ ସମ୍ବଲପୁର ସମେତ ପଶ୍ଚିମଓଡ଼ିଶାର ବିଭିନ୍ନ ସ୍ଥାନରେ ତାତି ସାଙ୍ଗକୁ ଗୁଳୁଗୁଳି ରହିବ ବୋଲି ଆଲର୍ଟ କରାଯାଇଛି । ତତଲା କଢେଇରେ ଭାଜି ହେଉଛି ପୂର୍ବରୁ ପଶ୍ଚିମ, ଉତ୍ତରରୁ ଆଭ୍ୟନ୍ତରୀଣ । ଏମିତି ଖରା ଜୀବନରେ ଦେଖିନଥିଲେ, ଦିନରେ ଗୁଳୁଗୁଳି ସାଙ୍ଗକୁ ରାତିରେ ନିଦ ହେଉନି । ଜରୁରୀ କାମ ନଥିଲେ ଘରୁ ବାହାରିବାକୁ ଇଚ୍ଛା ହେଉନି । ପଶ୍ଚିମ ଓଡିଶାରେ ତାତିର ପ୍ରକୋପ ଅସହ୍ୟ ହେଲାଣି । ପୁଣି ଥରେ ତତଲାଗଡ଼ ପାଲଟିଛି ଟିଟିଲାଗଡ଼ । ଗୁରୁବାର ୪୩ ଡିଗ୍ରି ସହ ରାଜ୍ୟର ସବୁଠୁ ଉତ୍ତପ୍ତ ସ୍ଥାନ



ପାଲଟିଥିଲା । ପଛକୁ ରହିଥିଲା ବଲାଙ୍ଗୀରର ତାପମାତ୍ରା । ଖରାକୁ ଦୃଷ୍ଟିରେ ରଖି ଅଙ୍ଗନବାଡ଼ି, ସ୍କୁଲ କଲେଜ ଛୁଟି ଘୋଷଣା କରିଛନ୍ତି ବଲାଙ୍ଗୀର ଓ ସୋନପୁର ଜିଲ୍ଲାପାଳ । ବଲାଙ୍ଗୀରରେ ୧୮ ତାରିଖରୁ ୨୧ ତାରିଖ ଯାଏଁ ବିଦ୍ୟାଳୟ ଛୁଟି ଘୋଷଣା କରାଯାଇଛି । ସୋନପୁରରେ ୧୮ରୁ ୨୨ ପର୍ଯ୍ୟନ୍ତ ସ୍କୁଲ ଛୁଟି ଘୋଷଣା କରାଯାଇଛି । ସକାଳୁ ତାତିର ପ୍ରକୋପ ରାତି ପର୍ଯ୍ୟନ୍ତ ରହୁଛି । ଦିନ ୧୧ଟା ହେଲେ ରାସ୍ତାଘାଟ ଶୂନଶାନ । ଯାତ୍ରୀମାନେ ମଧ୍ୟ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗଛ ଛାଇ ଦେଖିଲେ କିଛି ସମୟ ରହି ପୁଣି ଯାତାୟାତ କରୁଛନ୍ତି । ୨୦ତାରିଖ ପର୍ଯ୍ୟନ୍ତ ବଲାଙ୍ଗୀର ଓ ସମ୍ବଲପୁର ସମେତ ପଶ୍ଚିମଓଡ଼ିଶାର ବିଭିନ୍ନ ସ୍ଥାନରେ ତାତି ସାଙ୍ଗକୁ ଗୁଳୁଗୁଳି ରହିବ । ଦିନର ତାପମାତ୍ରା ୪୦ରୁ ୪୩ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିବ । ରାତିର ତାପମାତ୍ରା ମଧ୍ୟ ସାମାନ୍ୟ ବୃଦ୍ଧି ପାଇବ । ଆଭ୍ୟନ୍ତରୀଣ ଓଡ଼ିଶାରେ ୩୮ରୁ ୪୦ ଡିଗ୍ରୀ ଟପିପାରେ ତାତି । ଉପକୂଳ ◆◆ପୃଷ୍ଠା ୭

# ଆୟକର ଅଧିକାରୀଙ୍କୁ ଦୁର୍ବ୍ୟବହାର: ପୁଲିସ୍ କମିସନରଙ୍କୁ ରିପୋର୍ଟ ମାଗିଲେ ଡିଜି

ଭୁବନେଶ୍ୱର, ୧୭/୪ (ନି.ପ୍ର): ଲୋକ ଭବନରେ ଦୁଇ ବରିଷ୍ଠ ଆୟକର ଅଧିକାରୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ ଚର୍ଚ୍ଚାର ବିଷୟ ହୋଇଛି । କେମିତି ଓ କିଏ ଦୁଇ ଅଧିକାରୀଙ୍କୁ ଦୁର୍ବ୍ୟବହାର କଲେ ? ତାହା ସମସ୍ତଙ୍କୁ ଚକିତ କରିଛି । ଏନେଇ ମୁଖ୍ୟ ଆୟକର କମିସନର ଅଭିଯୋଗ କରିବା ପରେ ଆରମ୍ଭ ହୋଇଛି ଖୋଳତାଡ଼ । ଦୁଇ ଆୟକର ଅଧିକାରୀଙ୍କୁ ଦୁର୍ବ୍ୟହାର ଅଭିଯୋଗକୁ ଅତି ଗୁରତ୍ୱର ସହ ନେଇଛନ୍ତି ପୁଲିସ୍ ଡିଜି । କଣ ହୋଇଥିଲା, ପୁଲିସ କମିସନରଙ୍କୁ ପୂରା ଘଟଣାର ମାଗିଛନ୍ତି ରିପୋର୍ଟ । ଏବଂ ରିପୋର୍ଟ ଆସିଲା ପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି । ଅଭିଯୋଗ ଅନୁସାରେ ରାଜ୍ୟପାଳଙ୍କୁ ଭେଟିବାକୁ ଲୋକଭବନ ଆସିଥିଲେ ଆୟକର ଅଧିକାରୀ । ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଅଧିକାରୀମାନେ ଲୋକଭବନକୁ ଆସିଥିଲେ । ତାଙ୍କ ସହିତ ବରିଷ୍ଠ ଅଧିକାରୀ ମନୀଷ କୁମାର ଓ ସତ୍ୟ ପ୍ରକାଶ ମିଶ୍ର ଲୋକଭବନ ଆସିଥିଲେ । କିନ୍ତୁ ଦୁର୍ଭାଗ୍ୟର ବିଷୟ ଲୋକଭବନର ଏଡିସିଙ୍କ ନିର୍ଦ୍ଦେଶରେ ସୁରକ୍ଷାକର୍ମୀ ଦୁଇ ଅଧିକାରୀଙ୍କୁ ଦୁର୍ବ୍ୟବହାର କରିଥିଲେ । ସେହି ଜାଗାରୁ ଜୋରଜବରଦସ୍ତି ହଟାଇ ଦେଇଥିଲେ । ଏହା ଜାଣିବା ପରେ ମୁଖ୍ୟ ଆୟକମର କମିସନର ସୁଧାକର ରାଓ ରାଜ୍ୟପାଳଙ୍କ ସଚିବଙ୍କୁ ଚିଠି ଲେଖି ଅବଗତ କରିଥିଲେ । ଏହାଦ୍ୱାରା ଅଧିକାରୀଙ୍କ ମର୍ଯ୍ୟାଦା ହାନି ହୋଇଛି ବୋଲି ଦର୍ଶାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି । ବାସ୍ତବରେ ଅଧିକାରୀଙ୍କ ସହ କଣ ଘଟିଛି ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ଲୋକଭବନ ପକ୍ଷରୁ ମଧ କୌଣସି ସ୍ପଷ୍ଟୀକରଣ ଦିଆଯାଇନାହିଁ । ତେବେ ସତ ହୋଇଥିଲେ ସାଂଘାତିକ । ପ୍ରଶ୍ନ ଉଠୁଛି, ଆୟକର ଅଧିକାରୀଙ୍କୁ କେମିତି ଜାଣିପାରିଲେନି ସୁରକ୍ଷାକର୍ମୀ ? ସୁରକ୍ଷା ଅଧିକାରୀଙ୍କ ବିରୋଧରେ ହେବ କି କାର୍ଯ୍ୟାନୁଷ୍ଠାନ ?

# ବିଜୁଙ୍କ ଶ୍ରାଦ୍ଧ ଦିବସରେ ତେଜିଲା ରାଜନୀତି: ବିଜେଡି ବନାମ ବିଜୁ ଲିଗାସି




ଭୁବନେଶ୍ୱର, ୧୭/୪ (ନି.ପ୍ର): ଦିଲ୍ଲୀରୁ ପଲ୍ଲୀ, ପାଳନ ହୋଇଛି ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ । ଓଡ଼ିଶାରେ ଅନୁପସ୍ଥିତ ଥିବା ନବୀନ ଦିଲ୍ଲୀରୁ ବିଜୁଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ମାଝୀ ବିଧାନସଭା ପରିସରରେ ବିଜୁ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ସ୍ମୃତିଚାରଣ କରିଛନ୍ତି । ଶଙ୍ଖଭବନରେ ବିଜେଡି ଓ ଓୟୁଏଟିରେ ବିଜୁ ଲିଗାସିର ନେତା ବିଜୁଙ୍କୁ ମନେ ପକାଇ ନୀତି ଆଦର୍ଶର କଥା କହିଛନ୍ତି । ହେଲେ ଏହା ଭିତରେ ନବୀନ ଓ ବିଜୟଙ୍କ ପଦିଏ ପଦିଏ କଥା ରାଜନୈତିକ ଉଷ୍ମତା ବଢାଇଛି । ବିଜୁଙ୍କ ଶ୍ରାଦ୍ଧ ଦିବସକୁ ନେଇ ବିଜୁ ଲିଗାସିର ନେତା ଯେତିକି ତତ୍ପରତା ଦେଖାଇଥିଲେ ସେତିକି ଚଳଚଞ୍ଚଳ ଥିଲା ବିଜେଡି ଶିବିର । ବିଜୁ ବାବୁ ଅମର ରହେ, ବିଜୁ ବାବୁ ଜିନ୍ଦାବାଦ ନାରାରେ ପ୍ରକମ୍ପିତ ହୋଇଥିଲା ସାରା ରାଜଧାନୀ । ବିଜୁଙ୍କ ପୋଷ୍ଟର ଓ ବ୍ୟାନରରେ ଛାଇ ହୋଇଯାଇଥିଲା ଭୁବନେଶ୍ୱର । ଓୟୁଏଟିରେ ବିଜୁଙ୍କ ଅନୁଗତ ଶ୍ରାଦ୍ଧ ଦିବସ ପାଳିଥିବା ବେଳେ ଶଙ୍ଖ ଭବନରେ ପ୍ରବାଦ ପୁରୁଷଙ୍କ ସ୍ମୃତିଚାରଣ କରିଥିଲେ ବିଜେଡି ନେତା ଓ କର୍ମୀ । ◆◆ପୃଷ୍ଠା ୭

# ଲୋକସେବା ଭବନରୁ ଏସି ଚୋରି: ୨ ଗିରଫ

ଭୁବନେଶ୍ୱର, ୧୭/୪ (ନି.ପ୍ର): ଲୋକସେବା ଭବନରୁ ଏସି ଚୋରି ଅଭିଯୋଗରେ ୨ ଚୋରଙ୍କୁ ବାନ୍ଧିଛି ପୋଲିସ୍ । ଗିରଫ ଦୁଇ ଅଭିଯୁକ୍ତ ହେଲେ ନିଶ୍ଚିନ୍ତକୋଇଲି ଅଂଚଳର ମନୋଜ କୁମାର ଦାସ ଓ ଯାଜପୁର ବିଞ୍ଝାରପୁର ଅଂଚଳର ଚନ୍ଦନ ପଲେଇ । ୨୦୨୫ ନଭେମ୍ବରରୁ ଏବେ ଯାଏଁ ଏହି ଦୁଇ ଚୋର କମ୍ପ୍ରେସର ଏବଂ ତମ୍ବା ପାଇପ ଚୋରି କରି ଆସୁଥିଲେ । ଲୋକସେବା ଭବନରେ ଥିବା ଅର୍ଥ ବିଭାଗର ଛାତର ତଳ ମହଲା, ଉପସଚିବଙ୍କ ଚାମ୍ବର ଓ ଲାଇବ୍ରେରୀରୁ ଚୋରି ହୋଇଥିଲା । ୭ରୁ ଅଧିକ ଏସିରୁ ତମ୍ବା ତାର ସହିତ କମ୍ପ୍ରେସର ନେଇ ଯାଇଥିଲେ ଦୁଇ ଚୋର ।

# ଇଣ୍ଡୋନେସିଆରେ ହେଲିକପ୍ଟର ଦୁର୍ଘଟଣାରେ ୮ ଜଣଙ୍କ ମୃତ୍ୟୁ

ନୂଆଦିଲ୍ଲୀ,୧୭/୪ : ଇଣ୍ଡୋନେସିଆର ବୋର୍ଣ୍ଣିଓ ଦ୍ୱୀପରେ ଏକ ଭୟଙ୍କର ହେଲିକପ୍ଟର ଦୁର୍ଘଟଣା ଘଟି ବିମାନରେ ଥିବା ସମସ୍ତ ୮ ଜଣଙ୍କର ମୃତ୍ୟୁ ହୋଇଥିବା ଶୁକ୍ରବାର ଦିନ ଅଧିକାରୀମାନେ ନିଶ୍ଚିତ କରିଛନ୍ତି । ''ପିଟି ମାଥ୍ୟୁ ଏୟାର ନୁସାନ୍ତାରା'' ଦ୍ୱାରା ପରିଚାଳିତ ଏୟାରବସ୍ 'ଏଚ୍୧୩୦' ହେଲିକପ୍ଟରଟି ଗୁରୁବାର ପଶ୍ଚିମ କାଲିମଣ୍ଟାନର ମେଲାୱି ଜିଲ୍ଲାରୁ ଏକ ପାମ୍ ତେଲ ବଗିଚା ଅଭିମୁଖେ ଉଡ଼ାଣ ଭରିବାର ମାତ୍ର ୫ ମିନିଟ୍ ପରେ ନିଖୋଜ ହୋଇଯାଇଥିଲା । ଜାତୀୟ ସନ୍ଧାନ ଓ ଉଦ୍ଧାର ସଂସ୍ଥା ଓ ପରିବହନ ମନ୍ତ୍ରଣାଳୟର ମିଳିତ ଉଦ୍ୟମରେ ସେକାଡାଉ ଜିଲ୍ଲାର ଘଞ୍ଚ ଜଙ୍ଗଲ ମଧ୍ୟରୁ ହେଲିକପ୍ଟରର ଭଗ୍ନାବଶେଷ ସହ ୨ ଜଣ କ୍ରୁ ସଦସ୍ୟ ଏବଂ ଜଣେ ମାଲେସୀୟ ନାଗରିକଙ୍କ ସମେତ ୬ ଜଣ ଯାତ୍ରୀଙ୍କ ମୃତଦେହ ଉଦ୍ଧାର କରାଯାଇଛି । ଏହି ଦୁର୍ଘଟଣା ପଛର ପ୍ରକୃତ କାରଣ ଜଣାପଡ଼ିନଥିଲେ ହେଁ, ଯାନ୍ତ୍ରିକ ତ୍ରୁଟି କିମ୍ବା ଖରାପ ପାଗ କାରଣରୁ ଦୁର୍ଘଟଣା ଘଟିଥାଇପାରେ ବୋଲି ସନ୍ଦେହ କରାଯାଉଛି । ଇଣ୍ଡୋନେସିଆ ଭଳି ଏକ ବିଶାଳ ଦ୍ୱୀପପୁଞ୍ଜ ଦେଶରେ ପରିବହନ ପାଇଁ ବିମାନ ଓ ଜଳଯାନ ଉପରେ ଅଧିକ ନିର୍ଭର କରିବାକୁ ପଡୁଥିବା ବେଳେ, ବାରମ୍ବାର ଘଟୁଥିବା ଏହିପରି ଦୁର୍ଘଟଣା ଦେଶର ସୁରକ୍ଷା ମାନଦଣ୍ଡ ଓ ଭିତ୍ତିଭୂମି ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ମନମୋହନ ସାମଲ

ଭୁବନେଶ୍ୱର, ୧୭/୪ (ନି.ପ୍ର): ବିଜେପି ରାଜ୍ୟ ସଭାପତି ତଥା ସାଂସଦ ମନମୋହନ ସାମଲ ଶୁକ୍ରବାର ଦିନ ନୂଆଦିଲ୍ଲୀ ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରିଛନ୍ତି । ଏହି ସମୟରେ ଓଡିଶାର ସମଗ୍ର ଉନ୍ନତି ସହିତ ଜଡିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ସମ୍ପୂର୍ଣ୍ଣ ଆଲୋଚନା କରିଥିବା ଶ୍ରୀ ସାମଲ ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ପୋଷ୍ଟ କରିଛନ୍ତି । ଏକ୍ସରେ ସେ ଲେଖିଛନ୍ତି ଆଜି ନୂଆଦିଲ୍ଲୀସ୍ଥିତ ସଂସଦ ଭବନ କାର୍ଯ୍ୟାଳୟରେ ଦେଶର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀଙ୍କୁ ସାକ୍ଷାତ କରିବାର ସୌଭାଗ୍ୟ ଲାଭ କଲି । ଏହି ସାର୍ଥକ ସାକ୍ଷାତ ସମୟରେ ଓଡିଶାର ସମଗ୍ର ଉନ୍ନତି ସହିତ ଜଡିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ସମ୍ପୂର୍ଣ୍ଣ ଆଲୋଚନା ହେଲା ।

# ବଢ଼ିଲା ରାହୁଲଙ୍କ ଅଡୁଆ: ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦେଲେ ଆଲାହାବାଦ ହାଇକୋର୍ଟ

ନୂଆଦିଲ୍ଲୀ,୧୭/୪ : ଭାରତୀୟ ରାଜନୀତିର ଶୀର୍ଷ ନେତୃତ୍ୱ ତଥା ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ନାଗରିକତ୍ୱକୁ ନେଇ ଦୀର୍ଘ ଦିନରୁ ଲାଗି ରହିଥିବା ବିବାଦ ଏବେ ଏକ ନୂଆ ମୋଡ଼ ନେଇଛି । ରାହୁଲ ଗାନ୍ଧୀ ଜଣେ ବିଦେଶୀ ନାଗରିକ କି ନୁହେଁ, ସେଥିପାଇଁ ଏକ ନିରପେକ୍ଷ ତଦନ୍ତ ଆବଶ୍ୟକତା ରହିଛି ବୋଲି ଶୁକ୍ରବାର ଆଲାହାବାଦ ହାଇକୋର୍ଟଙ୍କ ଲକ୍ଷ୍ନୌ ବେଞ୍ଚ ସ୍ପଷ୍ଟ ଭାବେ ଉଲ୍ଲେଖ କରିଛନ୍ତି । କୋର୍ଟ ଉତ୍ତର ପ୍ରଦେଶ ସରକାରଙ୍କୁ ନିଜେ ଏହି ଏହି ମାମଲାର ତଦନ୍ତ କରିବାକୁ କିମ୍ବା



ମାମଲାଟିକୁ କେନ୍ଦ୍ରୀୟ ଏଜେନ୍ସିକୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବିଜେପି କର୍ମୀ ଏସ୍. ବିଘ୍ନେଶ ଶିଶିରଙ୍କ ଦ୍ୱାରା ଆଗତ ଏହି ଆବେଦନଟି ପୂର୍ବରୁ ଏକ ନିମ୍ନ ଅଦାଲତରେ ଖାରଜ ହୋଇଯାଇଥିଲା । ଗତ ଜାନୁଆରୀ ୨୮ ତାରିଖରେ ଲକ୍ଷ୍ନୌର ସ୍ୱତନ୍ତ୍ର ଏମପି/ଏମଏଲଏ କୋର୍ଟ ନାଗରିକତ୍ୱ ସମ୍ବନ୍ଧୀୟ ପ୍ରସଙ୍ଗ ନିଜର କ୍ଷମତା ବାହାରେ ବୋଲି କହି ଏଫଆଇଆର୍ ପଞ୍ଜିକରଣ ପାଇଁ ମନା କରିଦେଇଥିଲେ । ମାତ୍ର ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଦାବି କରିଛନ୍ତି ଯେ, ◆◆ପୃଷ୍ଠା ୭

# ହର୍ମୁଜ୍ ପ୍ରଣାଳୀ ସଂପୂର୍ଣ୍ଣ ଖୋଲିଲା ଇରାନ୍

ନୂଆଦିଲ୍ଲୀ,୧୭/୪ : ଦୀର୍ଘ ଦିନର ଅବରୋଧ ପରେ ହର୍ମୁଜ୍ ପ୍ରଣାଳୀ ସଂପୂର୍ଣ୍ଣ ଖୋଲିଲା ଇରାନ୍ । ଇସ୍ରାଏଲ୍-ଲେବାନନ୍ ଅସ୍ତ୍ରବିରତି ପରେ ଇରାନର ବଡ଼ ଘୋଷଣା । ଘୋଷଣା କଲେ ଇରାନ୍ର ବୈଦେଶିକ ମନ୍ତ୍ରୀ ଅରାଘଚୀ । ଏବେ ହର୍ମୁଜ୍ରେ ଜାହାଜ ଚଳାଚଳ ହେବ ସ୍ୱାଭାବିକ । ଆମେରିକା ଓ ଇରାନ୍ ମଧ୍ୟରେ ଯୁଦ୍ଧ ଲାଗିଥିବାରୁ ଦୀର୍ଘଦିନ ହେବ ହର୍ମୁଜ ପ୍ରଣାଳୀ ବନ୍ଦ ଥିଲା, ଆଉ ଏବେ ହର୍ମୁଜ ପ୍ରଣାଳୀ ଖୋଲିଥିବାରୁ ସ୍ୱାଭାବିକ ଜାହାଜ ଚଳାଚଳ ହେବ ବୋଲି ଆଶା ରହିଛି । ସେପଟେ ଇରାନ ଓ ଆମେରିକା ମଧ୍ୟରେ ପରମାଣୁ ବୁଝାମଣାକୁ ନେଇ ଦୁଇ ଦେଶ ମଧ୍ୟରେ ପୁଣି ଥରେ ବାକ୍ ଯୁଦ୍ଧ ଆରମ୍ଭ ହୋଇଛି । ଆମେରିକା



ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦାବି କରିଛନ୍ତି ଯେ, ଇରାନ ନିଜର ସମୃଦ୍ଧ ୟୁରାନିୟମ୍ ଭଣ୍ଡାରକୁ ହସ୍ତାନ୍ତର କରିବାକୁ ସମ୍ମତି ପ୍ରକାଶ କରିଛି । ଇରାନ ସହିତ ଏକ ବଡ଼ ଧରଣର ଚୁକ୍ତି ହେବାକୁ ଯାଉଛି ଏବଂ ସେମାନେ ନିଜର ୟୁରାନିୟମ ଫେରାଇବାକୁ ରାଜି ହୋଇଛନ୍ତି । କିନ୍ତୁ ଇରାନ ପକ୍ଷରୁ ଏହି ଦାବିକୁ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରାଯାଇଛି । ଇରାନର ସଂସଦ ବାଚସ୍ପତି ମହମ୍ମଦ ବାଘେର ଘାଲିବାଫଙ୍କ ଅନୁଯାୟୀ, ଆମେରିକାକୁ ପରମାଣୁ ସାମଗ୍ରୀ ହସ୍ତାନ୍ତର କରିବା ନେଇ କୌଣସି ଆଲୋଚନା ହୋଇନାହିଁ ଏବଂ ଟ୍ରମ୍ପଙ୍କ ଏହି ମନ୍ତବ୍ୟକୁ ସେ 'ମିଥ୍ୟା' ବୋଲି କହିଛନ୍ତି । ଟ୍ରମ୍ପ୍ ହ୍ୱାଇଟ ହାଉସ ଠାରେ ସମ୍ବାଦଦାତାମାନଙ୍କ ସହ କଥାବାର୍ତ୍ତା ବେଳେ ସୂଚନା ଦେଇଥିଲେ ଯେ, ଆଗାମୀ ଚୁକ୍ତି ଅନୁଯାୟୀ ଇରାନ କେବେ ବି ପରମାଣୁ ଅସ୍ତ୍ର ପ୍ରସ୍ତୁତ କରିପାରିବ ନାହିଁ ଏବଂ ଏହି କଟକଣା ସ୍ଥାୟୀ ଭାବେ ଲାଗୁ ହେବ । ଏଥିପାଇଁ ସେ ଇସଲାମାବାଦ ଯାଇ ଚୁକ୍ତି ସ୍ୱାକ୍ଷର କରିପାରନ୍ତି ବୋଲି ମଧ ସଙ୍କେତ ଦେଇଥିଲେ । ଅପରପକ୍ଷରେ, ଇରାନର ଅଧିକାରୀମାନେ ସ୍ପଷ୍ଟ କରିଛନ୍ତି ଯେ ଯେପର୍ଯ୍ୟନ୍ତ ଆମେରିକା ଇରାନର ସମସ୍ତ ସର୍ତ୍ତ ପୂରଣ ନକରିଛି, ସେପର୍ଯ୍ୟନ୍ତ କୌଣସି ସମାଧାନ ସମ୍ଭବ ନୁହେଁ ।

# ନୂଆପଡ଼ାରେ ସୁଭଦ୍ରା ଶକ୍ତି ମହିଳା ସଶକ୍ତିକରଣ ସଚେତନତା ଶୋଭାଯାତ୍ରା ଆୟୋଜିତ

ନୂଆପଡ଼ା, ୧୭/୦୪ (ନି.ପ୍ର): ନୂଆପଡ଼ା ଜିଲ୍ଲା ପ୍ରଶାସନ ଓ ମିଶନ ଶକ୍ତି ବିଭାଗ ଆନୁକୂଲ୍ୟରେ ଆଜି 'ନାରୀ ଶକ୍ତି ବନ୍ଦନ ଅଧିନିୟମ' ବିଷୟରେ ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ମହିଳା ସଶକ୍ତିକରଣ ସଚେତନତା ଶୋଭାଯାତ୍ରା ଆଜି ଆୟୋଜିତ ହୋଇଯାଇଛି। ଜିଲ୍ଲାପାଳ ମଧୁସୁଦନ ଦାଶ ଏହି ଶୋଭାଯାତ୍ରାକୁ ମୁଖ୍ୟାଳୟ ପରିସରରୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରାରେ ଶତାଧିକ ସ୍ୱୟଂସହାୟକ ଗୋଷ୍ଠୀ , କମ୍ୟୁନିଟି ସପୋର୍ଟ ଷ୍ଟାଫ ଓ ଫେଡେରେସନ ସଦସ୍ୟମାନେ ଭାଗ ନେଇଥିଲେ। ପରେ ସଭାବନା ସଭାଗୃହ ପରିସରରେ ଏକ ସଭା ଆୟୋଜିତ ହୋଇଥିଲା। ସଭାରେ ଜିଲ୍ଲାପାଳଙ୍କ ସହ ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଏସ୍. ଗୀତା, ମିଶନ ଶକ୍ତି ଜିଲ୍ଲା ପ୍ରକଳ୍ପ ସଂଯୋଜକ ସୁନୀଲ କୁମାର ମଲ୍ଲିକ ସହିତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ କିଛି "ଲକ୍ଷପତି ଦିଦି" ତାଙ୍କ ସଫଳତାର କାହାଣୀ ବର୍ଣ୍ଣନା କରିଥିଲେ। ସେମାନେ କିପରି ମିଶନ ଶକ୍ତି ମାଧ୍ୟମରେ ସଶକ୍ତ ଓ ସ୍ୱାବଲମ୍ବୀ ହୋଇ ସମାଜରେ ନିଜସ୍ୱ ପରିଚୟ ସୃଷ୍ଟି କରିପାରିଛନ୍ତି, ତାହା ଉପସ୍ଥାପନ କରିଥିଲେ। ଜିଲ୍ଲାପାଳ ତାଙ୍କ ଉଦବୋଧନରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ କେବଳ "ଲକ୍ଷପତି ଦିଦି" ନୁହେଁ, ବରଂ ଆଗାମୀ ଦିନରେ "ଶିଳ୍ପପତି" ଭାବେ ମଧ୍ୟ ଆତ୍ମପ୍ରକାଶ କରିବେ ବୋଲି ଆଶା ବ୍ୟକ୍ତ କରିଥିଲେ। ସେ ମହିଳାମାନଙ୍କୁ ଋଣକୁ ପୁଞ୍ଜି କରି ଆଗକୁ ବଢ଼ି ସଶକ୍ତ ହେବା ସହ ସମାଜକୁ ସଶକ୍ତ କରିବାକୁ ଆହ୍ୱାନ ଦେଇଥିଲେ। ଚଳିତ ଆର୍ଥିକ ବର୍ଷରେ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ଋଣ ପ୍ରଦାନ କ୍ଷେତ୍ରରେ ଜିଲ୍ଲା ପ୍ରଶାସନ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ସେ କହିଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କ ସଫଳତାକୁ ସେ ଜିଲ୍ଲା ପ୍ରଶାସନର ସଫଳତା ବୋଲି ବର୍ଣ୍ଣନା କରିଥିଲେ। ଶେଷରେ ମିଶନ ଶକ୍ତି ଜିଲ୍ଲା ପ୍ରକଳ୍ପ ସଂଯୋଜକ ଧନ୍ୟବାଦ ଅର୍ପଣ କରିଥିଲେ।

# ପୂର୍ବତଟ ରେଳବାଇ ଶ୍ରମିକ କଂଗ୍ରେସ ପକ୍ଷରୁ ସମ୍ବର୍ଦ୍ଧନା ସଭା

ଭଦ୍ରକ, ୧୭/୦୪ (ନି.ପ୍ର): ପୂର୍ବତଟ ରେଳବାଇ ଶ୍ରମିକ କଂଗ୍ରେସ ଭଦ୍ରକ ଶାଖା ପକ୍ଷରୁ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଳାସପୁର ଠାରେ ଘରଓଜର ୨୪୩ ତମ କାର୍ଯ୍ୟକାରୀ କମିଟି ବୈଠକ ଏହି ମାସର ୯ ତାରିଖରୁ ୧୧ ତରିଖ ଯାଏ ଅନୁଷ୍ଠିତ ହୋଇଯାଇଥିବା ବେଳେ ଏହି ବୈଠକରେ ଶ୍ରୀଧର ପୁହାଣ ନୂଆଦିଲ୍ଲୀ ଘରଓଜ ର କାର୍ଯ୍ୟକାରୀ କମିଟି ସଦସ୍ୟ ପଦବୀ ପାଇଛନ୍ତି। ସେଥି ନିମନ୍ତେ ଶ୍ରମିକ କଂଗ୍ରେସ ଭଦ୍ରକ ଶାଖାର ସମ୍ପାଦକ ଅଶୋକ କୁମାର ମହାନ୍ତି, ଶ୍ରମିକ କଂଗ୍ରେସର ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସାହୁ ଏବଂ ଘରଓଜ ସାଧରଣ ସମ୍ପାଦକ ଡ଼ଃ ଆର ରାଘଭୟାଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

# ଜିଲ୍ଲାସ୍ତରୀୟ 'ଉଦିଆଁ ତାରା' କାର୍ଯ୍ୟକ୍ରମର ସମୀକ୍ଷା ବୈଠକ

ଝାରସୁଗୁଡ଼ା, ୧୭/୦୪ (ନି.ପ୍ର): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ 'ଉଦିଆଁ ତାରା' କାର୍ଯ୍ୟକ୍ରମର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାର ଶିକ୍ଷା ବ୍ୟବସ୍ଥାରେ ସୁଧାର ଏବଂ ଛାତ୍ରଛାତ୍ରୀଙ୍କ ଶିକ୍ଷଣ ଦକ୍ଷତା ବୃଦ୍ଧି ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକରେ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଗର୍ଡିଆ ଜିଲ୍ଲାପାଳଙ୍କୁ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ସମୀକ୍ଷା ସମୟରେ ଅନୁଧ୍ୟାନ କରାଯାଇଥିଲା ଯେ, ଓଡ଼ିଆ ଏବଂ ଗଣିତ ବିଷୟ ତୁଳନାରେ ଇଂରାଜୀ ଭାଷାର ଶିକ୍ଷଣ ଫଳାଫଳରେ ଆଶାନୁରୂପକ ସୁଧାର ହୋଇନାହିଁ। ଏହାକୁ ଦୃଷ୍ଟିରେ ରଖି ଆଗାମୀ ଶିକ୍ଷାବର୍ଷରେ ଇଂରାଜୀ ଶିକ୍ଷା ଉପରେ ବିଶେଷ ଗୁରୁତ୍ୱ ପ୍ରଦାନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। ଏହି ପଦକ୍ଷେପକୁ ସଫଳ କରିବା ପାଇଁ ଡି ଆଇ ଆଇ ଟି ପକ୍ଷରୁ ସ୍ୱତନ୍ତ୍ର 'ଇ-କଣ୍ଟେଣ୍ଟ' ପ୍ରସ୍ତୁତ କରାଯିବ। ଏହି ଡିଜିଟାଲ୍ ବିଷୟବସ୍ତୁ ମାଧ୍ୟମରେ ଜିଲ୍ଲାର ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରାଯିବ, ଯାହାଫଳରେ ସେମାନଙ୍କର ଇଂରାଜୀ ଭିତ୍ତିକ ଭାଷା ଜ୍ଞାନ ବୃଦ୍ଧି ପାଇପାରିବ। ଶିକ୍ଷା ସହିତ ବିଦ୍ୟାଳୟର ସୁରକ୍ଷା ବ୍ୟବସ୍ଥାକୁ ନେଇ ମଧ୍ୟ ବୈଠକରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ପ୍ରାକୃତିକ ବିପର୍ଯ୍ୟୟ ବିଶେଷକରି ବଜ୍ରପାତରୁ ଛାତ୍ରଛାତ୍ରୀ ଏବଂ ବିଦ୍ୟାଳୟର ସୁରକ୍ଷା ପାଇଁ ଜିଲ୍ଲାର ସମସ୍ତ ବିଦ୍ୟାଳୟରେ ବଜ୍ରପାତ ନିରୋଧକ ଯନ୍ତ୍ର ସ୍ଥାପନ କରାଯିବ। ଏହି ସମ୍ପର୍କରେ ଏକ ସବିଶେଷ ପ୍ରସ୍ତାବ ତୁରନ୍ତ ଦାଖଲ କରିବାକୁ ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ଶିକ୍ଷା ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# କଂଟାବାଞ୍ଜି ଅତିରିକ୍ତ ଜିଲ୍ଲା ଦୌରାଜଜ୍‌ଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ : ୫ଜଣ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ ସହ ଜୋରିମାନା

ବଲାଙ୍ଗୀର, ୧୭/୦୪ (ନି.ପ୍ର): ବଲାଙ୍ଗୀର ଜିଲ୍ଲା କଂଟାବାଞ୍ଜି ଅତିରିକ୍ତ ଜିଲ୍ଲା ଦୌରାଜଜ ରାଜେଶ କୁମାର ନାୟାରଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ ଗୁରୁବାର ଦିନ ପ୍ରକାଶ ପାଇଛି। ଅଦାଲତଙ୍କ ରାୟ ମତେ ୫ଜଣ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ ସହ ଜୋରିମାନା ମଧ୍ୟ ରହିଛି। ଅଭିଯୁକ୍ତମାନେ ଜୋରିମାନା ଅନାଦେୟ ହେଲେ ଆହୁରି ଏକବର୍ଷ ଲେଖାଏଁ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ପ୍ରକାଶ ପାଇଛି। ମିଳିଥିବା ସୂଚନା ଅନୁସାରେ କଂଟାବାଞ୍ଜି ଥାନା କୁଲିଆଦର ଗ୍ରାମର ଡୋଳାମଣି ବନଛୋର ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗରେ ସେହି ଗ୍ରାମର ଗୋବିନ୍ଦ ନାୟକ ଓ ଅନ୍ୟ ଚାରିଜଣ ଅଭିଯୋଗକାରୀ ଡୋଳାମଣି ବନଛୋରଙ୍କ ଭାଇ ଶଶି ବନଛୋରଙ୍କୁ ଘରୁ ଡାକି ନେଇ ଟାଙ୍ଗିଆରେ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ଶଶି ବନଛୋରଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ଡୋଳାମଣି କଂଟାବାଞ୍ଜି ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ତତ୍କାଳିନ ଥାନା ଆଇ.ଆଇ.ସି. ଜ୍ୟୋର୍ତିମୟ ଭୁକ୍ତା ଥାନା କେସ୍ ନଂ. ୩୬/ ୨୦୧୭ ଦଫା ୧୪୭/୧୪୮/ ୩୦୨/୧୨୦(ବି)/୧୪୯ ଆଇ.ପି.ସି. ରୁଜୁ କରି ଅଧିକ ତଦନ୍ତ ଚଳାଇଥିଲେ। ଉକ୍ତ କେସର ସେସନ୍ସ କେସ୍ ନଂ. ୩୬/ ୨୦୧୭ ମତେ ଅଦାଲତ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇ ଅଭିଯୁକ୍ତ ଅଲେଖ ଓରଫ ଘନଶ୍ୟାମ ତାଣ୍ଡି, ଗୋବିନ୍ଦ ତାଣ୍ଡି, ଲାଲମୋହନ ତାଣ୍ଡି, ଜଗ ତାଣ୍ଡି ଓ ବିଜୁ ଓ ବିଟୁ ସଗରିଆ ସମସ୍ତ ନିବାସୀ କୁଲିଆଦରଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ଦଫା ୩୦୨/୧୪୯ ଆଇ.ପି.ସି.ରେ ଜଣ ପିଛା ଟ. ୫୦୦୦ଙ୍କା ଜୋରିମାନା ଏହିପରି ମୋଟ ଟ.୨୫,୦୦୦/-ଙ୍କା ଦଣ୍ଡିତ କରିଥିବାବେଳେ ଜୋରିମାନା ଟଙ୍କା ଅନାଦେୟ ହେଲେ ଅଧିକ ଏକବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଅତିରିକ୍ତ ଜିଲ୍ଲା ଦୌରାଜଜ୍ ରାଜେଶ କୁମାର ନାୟର ନିଜ ରାୟ ପ୍ରକାଶ କରିଛନ୍ତି। ଏହି ମାମଲାକୁ ସରକାରୀ ଓକିଲ(କେଡର) ଶ୍ରୀମତୀ ସେଲିନ କିଣ୍ଡୋ ପରିଚାଳନା କରୁଥିଲେ।

# ଓଏଭି ଚଂଚରାପଡା ଜୟପାଟଣାର ଛାତ୍ର ସକ୍ଷମ ଯୋଶୀ ଓଏଭି ଜିଲ୍ଲା ଟପ୍ପର

ମୁଖୀଗୁଡା, ୧୭/୦୪ (ନି.ପ୍ର): ଦଶମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇଛି । ଓଡିଶା ଆଦର୍ଶ ବିଦ୍ୟାଳୟ ଚଂଚରା ପଡା ଜୟପାଟଣାର ଛାତ୍ର ସକ୍ଷମ ଯୋଶୀ ୯୭.୮ %ମାର୍କ ରଖି କଳାହାଣ୍ଡି ଜିଲ୍ଲା ଓଏଭି ଟପ୍ପର ହୋଇଛନ୍ତି । ଆଦର୍ଶ ବିଦ୍ୟାଳୟ ଚଂଚରା ପଡା ଜୟପାଟଣାର ୬୫ଜଣ ମଧ୍ୟାରୁ ୬୩ଜଣ ପାସ କରିଛନ୍ତି। ୬ ଜଣ ଛାତ୍ର ଛାତ୍ରୀ ୯୦ %ରୁ ଉର୍ଦ୍ଧ ମାର୍କ ରଖିଥିବା ବେଳେ ୧୯ଜଣ ଛାତ୍ରଛାତ୍ରୀ ୮୦ %ରୁ ଉର୍ଦ୍ଧ ମାର୍କ ରଖୁଛନ୍ତି । ଯଥାର୍ଥ ମୁଣ୍ଡ ୯୫.୬ %,ଝାନସୀ ଅଗ୍ରୱାଲ ୯୪.୮ %,ପ୍ରତ୍ୟାଶା ଖମାରି ୯୩.୮ %,କରିଷ୍ମା ଭାଟି ୯୩.୬ %,ନନ୍ଦିନୀ ଝାଙ୍କର ୯୦.୬ % ମାର୍କ ରଖିଛନ୍ତି ।

# ମାଲକାନଗିରିରେ ସୁଭଦ୍ରା ଶକ୍ତି ମହିଳା ସଶକ୍ତିକରଣ ସଚେତନତା ପଦଯାତ୍ରା ଓ ସାଧାରଣ ସଭା ଅନୁଷ୍ଠିତ

ମାଲକାନଗିରି, ୧୭/୦୪ (ନି.ପ୍ର): ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ସଂସ୍କୃତି ଭବନ ପର୍ଯ୍ୟନ୍ତ ଏକ ବିଶାଳ ସୁଭଦ୍ରା ଶକ୍ତି ମହିଳା ସଶକ୍ତିକରଣ ସଚେତନତା ପଦଯାତ୍ରା ଆଜି ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ସାମାଜିକ ପରିବର୍ତନ ଏବଂ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରୀ ତାଙ୍ଗୁଲୁ ଓ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଶୁଭାରମ୍ଭ କରିଥିଲେ। ପଦଯାତ୍ରା ଶେଷ ହେବା ପରେ ସଂସ୍କୃତି ଭବନ ଠାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ ଜିଲ୍ଲାପାଳ ଏବଂ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଉପସ୍ଥିତ ମହିଳାମାନଙ୍କୁ ଉଦବୋଧନ ଦେଇଥିଲେ। ଏହି ଅବସରରେ ଜିଲ୍ଲାପାଳ ନାରୀ ଶକ୍ତିର ଗୁରୁତ୍ୱ ଉପରେ ଆଲୋକପାତ କରି କହିଥିଲେ ଯେ, ମହିଳାମାନଙ୍କ ଆତ୍ମବିଶ୍ୱାସ ଏବଂ ଏକତା ହିଁ ଏକ ସମୃଦ୍ଧ ସମାଜର ପ୍ରକୃତ ଶକ୍ତି। ସୁଭଦ୍ରା ଯୋଜନା ଓ ମିଶନ ଶକ୍ତି ମାଧ୍ୟମରେ ଆମେ ପ୍ରତ୍ୟେକ ମହିଳାଙ୍କୁ ଆର୍ଥିକ ଓ ସାମାଜିକ ଭାବେ ସଶକ୍ତ କରିବା ପାଇଁ ପ୍ରତିବଦ୍ଧ। ସେହିପରି ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ତାଙ୍ଗୁଲୁ ମହିଳାମାନଙ୍କ ସହଯୋଗକୁ ପ୍ରଶଂସା କରି କହିଥିଲେ, ଯେତେବେଳେ ଜଣେ ମହିଳା ସଶକ୍ତ ହୁଏ, ସେତେବେଳେ ସମ୍ପୂର୍ଣ୍ଣ ପରିବାର ଓ ସମାଜ ପ୍ରଗତି କରେ। ଏହି ପଦଯାତ୍ରା ମାଲକାନଗିରିର ମା' ଭଉଣୀମାନଙ୍କ ପାଇଁ ଏକ ନୂଆ ଆତ୍ମବିଶ୍ୱାସ ନେଇ ଆସିଛି। ଏହି କାର୍ଯ୍ୟକ୍ରମରେ ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଗୌରୀ ନାୟକ ଏବଂ ଓଡ଼ିଶା ଜୀବିକା ମିଶନର ଜିଲ୍ଲା ପ୍ରକଳ୍ପ ସଂଯୋଜକ ହର୍ଷାନନ୍ଦ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ମହିଳାମାନଙ୍କୁ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ସଚେତନ କରିଥିଲେ। ପଦଯାତ୍ରା ଏବଂ ପରବର୍ତୀ ସଭା ସମୟରେ ମହିଳାମାନଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ଦେଖିବାକୁ ମିଳିଥିଲା, ଯାହା ଆଗାମୀ ଦିନରେ ଏକ ସଶକ୍ତ ଓ ପ୍ରଗତିଶୀଳ ମାଲକାନଗିରି ଗଠନରେ ସହାୟକ ହେବ।

# ସୁଭଦ୍ରା ଶକ୍ତି ମହିଳା ସଶକ୍ତିକରଣ ସଚେତନତା ଶୋଭାଯାତ୍ରା

କେନ୍ଦ୍ରାପଡ଼ା, ୧୭/୦୪ (ନି.ପ୍ର): ରାଜ୍ୟ ସରକାର ଓ କେନ୍ଦ୍ର ସରକାର ମହିଳା ମାନଙ୍କ ଆର୍ଥିକ ବିକାଶ, ସାମାଜିକ ସଶକ୍ତିକରଣ ଓ ମହିଳା ନେତୃତ୍ୱର ବିକାଶ ତଥା ଲକ୍ଷପତି ଦିଦି ଗଠନ ପ୍ରକ୍ରିୟାକୁ ପ୍ରାଧାନ୍ୟ ଦେଉଥିବାବେଳେ ଆଜି କେନ୍ଦ୍ରାପଡାରେ ସୁଭଦ୍ରା ଶକ୍ତି ମହିଳା ସଶକ୍ତିକରଣ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦିଶା କମିଟି ସଦସ୍ୟା ତଥା ବିଜେପିର ବରିଷ୍ଠ ନାରୀନେତ୍ରୀ ଡକ୍ଟର ଜ୍ୟୋସ୍ନାରାଣୀ ଜେନାଙ୍କ ସଂଯୋଜନାରେ ଏକ ବିଶାଳ ମହିଳା ଶୋଭାଯାତ୍ରା ସହରର ନୂଆ ବସଷ୍ଟାଣ୍ଡ ଠାରୁ ଆରମ୍ଭ ହୋଇ ତିନିମୁହାଣୀ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡିଆଠାରେ ଉଦ୍‌ଯାପିତ ହୋଇଥିଲା। ସହସ୍ରାଧିକ ମହିଳାମାନଙ୍କ ସମାବେଶରେ ବିଜେପି ରାଜ୍ୟ ମହିଳାମୋର୍ଚ୍ଚା ସଭାନେତ୍ରୀ ଡକ୍ଟର ଐଶ୍ୱର୍ଯ୍ୟା ବିଶ୍ୱାଳ, ରାଜ୍ୟ ଉପସଭାନେତ୍ରୀ ଅନୁଜାନନ୍ଦ ବିଶ୍ୱାଳ, ପୂର୍ବତନ ସଂସଦ ଅର୍ଚ୍ଚନା ନାୟକ, ରାଜ୍ୟ ମହିଳା କମିଶନର ସଦସ୍ୟା କଳ୍ପନା ମଲ୍ଲିକ ପ୍ରମୁଖ ନାରୀନେତ୍ରୀମାନେ ଶୋଭାଯାତ୍ରାରେ ଅଂଶଗ୍ରହଣ କରି ମହିଳାମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ଓ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ସରକାର ମହିଳାମାନଙ୍କ ବିକାଶ ସହିତ ସବୁ କ୍ଷେତ୍ରରେ ମହିଳାମାନଙ୍କ ଯୋଗଦାନକୁ ପ୍ରୋତ୍ସାହିତ କରୁଥିବାବେଳେ ପାର୍ଲାମେ ଠାରୁ ଆରମ୍ଭ କରି ପଂଚାୟତ ପର୍ଯ୍ୟନ୍ତ ଥିବା ରାଜନୈତିକ ଢାଂଚାରେ ମହିଳାମାନଙ୍କ ଯୋଗଦାନକୁ ଅଗ୍ରାଧିକାର ଦେଇ ନାରୀ ସଶକ୍ତିକରଣ ଦିଗରେ ଦୃଢ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏ ଦିଗରେ ଜନସାଧାରଣଙ୍କୁ ତଥା ବିଶେଷ କରି ମହିଳାମାନଙ୍କୁ ସଚେତନ କରାଇବା ଓ ନୂତନ ନେତୃତ୍ୱ ସୃଷ୍ଟି କରିବା ଦିଗରେ ଉତ୍ସାହିତ କରିବା ପାଇଁ ଆଜିର ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମହିଳାମାନଙ୍କ ବିକାଶରେ ପରିବାରଠାରୁ ଆରମ୍ଭ କରି ରାଷ୍ଟ୍ର ପର୍ଯ୍ୟନ୍ତ ସବୁକ୍ଷେତ୍ରରେ ସେମାନଙ୍କର ଯୋଗଦାନକୁ ଅଗ୍ରାଧିକାର ଓ ସହଭାଗିତା ବିଷୟରେ ସଚେତନ କରାଯାଇଛି। ଆୟୋଜିତ ଏହି ଶୋଭାଯାତ୍ରାରେ ପ୍ରିୟଦର୍ଶନୀ ନନ୍ଦ, ବନ୍ଦନାରାଣୀ ରାଉତ, ନମିତା ବଳ, ଝିଲିରାଣୀ ଦାସ, ମନିଷା ପଣ୍ଡା, ପ୍ରିୟଙ୍କା ଶତପଥି, ପଙ୍କଜିନୀ ସାମଲ, ରୀନାଲତା ଦାସ, ସସ୍ମିତା ସାମଲ, ଶର୍ମିଷ୍ଠା ସାମଲ, ରୋଜାଲିନି ମହାନ୍ତିଙ୍କ ସମେତ ପ୍ରାୟ ତିନିହଜାରରୁ ଉର୍ଦ୍ଧ୍ୱ ମହିଳା ଉପସ୍ଥିତ ଥିଲେ।

# ୧୬୯୫ ଗୋଟି ୫୦୦ ଟଙ୍କିଆ ଜାଲ ନୋଟ ଜବତ : ୨ ଗିରଫ

ସୁବର୍ଣ୍ଣପୁର, ୧୭/୦୪ (ନି.ପ୍ର): ସୁବର୍ଣ୍ଣପୁରରୁ ବିପୁଳ ପରିମାଣର ନକଲି ନୋଟ୍ ଜବତ । କଳା ରଙ୍ଗର ସ୍କୋର୍ପିଓ, ଦୁଇଟି ମୋବାଇଲ ସହ ୨ ଜଣକୁ ଗିରଫ କରିଛି ସୋନପୁର ପୋଲିସ । ଏନେଇ ଏକ ସାମ୍ବାଦିକ ସମ୍ମିଳନୀରେ ସବିଶେଷ ସୂଚନା ଦେଇଛନ୍ତି ଏସ୍ପି ନାରାୟଣ ନାୟକ । ଗତକାଲି ରାତି ସୋନପୁର ଥାନା ପକ୍ଷରୁ ପେଟ୍ରୋଲିଂ ଚାଲିଥିବା ବେଳେ ସହର ଭିତରେ ସନ୍ଦେହଜନକ ଭାବରେ ଏକ କଳା ରଙ୍ଗର ସ୍କୋର୍ପିଓ ଦେଖିଥିଲେ ଯାହାର ପଞ୍ଜିକୃତ ନମ୍ବର ଓଡ଼ି୩୪ ଜେଡ୍ ୧୯୧୯ । ଗାଡିକୁ ଏସ୍ଆଇ ଅନିଲ ବେହେରା ଓ ପୋଲିସ ଟିମ୍ ଅଟକାଇ ଯାଞ୍ଚ କରିବା ସମୟରେ ଗାଡି ଭିତରେ ଥିବା ୨ ଜଣ ଯୁବକ ଯାଜପୁର ଜିଲ୍ଲା ଜଖପୁର ଗ୍ରାମର ଅଭିଳାଷ ପୁରୁଷୋତ୍ତମ ଶତପଥୀ (୨୧) ଏବଂ ନୟାଗଡ଼ ଜିଲ୍ଲା ଖନପା ଥାନା ମର୍ଦ୍ଦରାଜପୁର ଗ୍ରାମର ପ୍ରଶାନ୍ତ ଦାସ(୩୪)ଙ୍କ ନିକଟରେ ଥିବା ଗୋଟିଏ ନୀଳ ରଙ୍ଗର କ୍ୟାରି ବ୍ୟାଗ ପାଇଥିଲେ । ଉକ୍ତ ବ୍ୟାଗକୁ ଖୋଲି ଦେଖିବାରୁ ସେହି କ୍ୟାରି ବ୍ୟାଗରୁ ୧୬୯୫ ଗୋଟି ୫୦୦ ଟଙ୍କିଆ ନୋଟ ସମୁଦାୟ ୮ ଲକ୍ଷ ୪୭ ହଜାର ୫୦୦ ଟଙ୍କା ମିଳିଥିଲା ତାକୁ ଯାଞ୍ଚ କରିବାରୁ ସମସ୍ତ ନୋଟ୍ ନକଲି ବୋଲି ଜଣାପଡିଥିଲା । ତାକୁ ଜବତ କରାଯିବା ସହ ଦୁଇ ଯୁବକଙ୍କୁ ଥାନାକୁ ଆଣି ପଚରାଉଚରା ସମୟରେ ଉପରୋକ୍ତ ବ୍ୟକ୍ତିମାନେ ପ୍ରକାଶ କରିଥିଲେ ଯେ, ସେମାନେ ବରଗଡ଼ ଜିଲ୍ଲାରୁ ଏହା ସଂଗ୍ରହ କରି ସୁବର୍ଣ୍ଣପୁର ଜିଲ୍ଲା ଏବଂ ଅନ୍ୟାନ୍ୟ ଅଞ୍ଚଳରେ ନକଲି ନୋଟକୁ ଚାଲାଣ କରୁଥିଲେ । ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ବେଳେ ସୋନପୁର ଥାନାରେ ଏକ ମାମଲା କେସ୍ ନଂ.୧୨୬ ତା.୧୪.୦୪.୨୦୨୬ ୟୁ/ଏସ୍- ୧୭୮/୧୭୯/୧୮୦/ ୬୧(୨) ବିଏନ୍ଏସ୍ରେ ମାମଲା ରୁଜୁ କରି ଅଧିକ ତଦନ୍ତ ଚାଲିଥିବା ଏସ୍ପି ନାରାୟଣ ନାୟକ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଏସ୍ପି ଶ୍ରୀ ନାୟକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ କେ. କେ. ହରିପ୍ରସାଦ ଓ ଏସଆଇ ଅନିଲ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ଖଡ଼ିଆଲ ସ୍କୋଲାର ଏକାଡେମୀର ସଫଳତା

ନୂଆପଡ଼ା, ୧୭/୦୪ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସହରର ଶାନ୍ତିନଗର ସ୍ଥିତ ସ୍କୋଲାର ଏକାଡେମୀର ଛାତ୍ରଛାତ୍ରୀ ଚଳିତ ସିବିଏସଇ ଦଶମ ବୋର୍ଡ ପରୀକ୍ଷାରେ ସଫଳତା ହାସଲ କରିଛନ୍ତି। ଏକାଡେ଼ମୀର ଛାତ୍ରୀ ପ୍ରୀୟାଂଶି ସାହୁ ବାଦି ଆଦର୍ଶ ବିଦ୍ୟାଳୟର ଟପର ହୋଇଛନ୍ତି। ସେ ୯୭.୮ ପ୍ରତିଶତ ମାର୍କ ରଖିଛନ୍ତି। ସେହିପରି ଆଦିତ୍ୟ ନାରାୟଣ ବାରିକ ୯୩.୬ ପ୍ରତିଶତ, ସାଇଶ୍ରୀ ସେଠୀ ୯୧ ପ୍ରତିଶତ, ପ୍ରିୟ ରଞ୍ଜନ ମେହେର ୯୦ ପ୍ରତିଶତ ଓ ଅରୁଣ ସିଂହ ସାମନ୍ତ ୮୦ ପ୍ରତିଶତ ମାର୍କ ରଖି ସ୍କୋଲାର ଏକାଡେମୀ ପାଇଁ ଗୌରବ ଆଣିଛନ୍ତି। ସ୍କୋଲାର ଏକାଡେମୀର ଅଧ୍ୟକ୍ଷ ସମ୍ପଦ କୁମାର ପାଢ଼ୀଙ୍କ ନେତୃତ୍ୱରେ ଏହି ଏକାଡେମୀ ସଫଳତା ଉପରେ ସଫଳତା ହାସଲ କରିଥିବା ସୂଚନା ଦେଇଛନ୍ତି। ବର୍ତମାନ ଏକାଡ଼େମୀରେ ଷଷ୍ଠ ଶ୍ରେଣୀରୁ ଦଶମ ଶ୍ରେଣୀ ପର ?ୟ୍ୟନ୍ତ ୫୨ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ଗତ ୩ ବର୍ଷ ଧରି ଏକାଡ଼େମୀର ଛାତ୍ରଛାତ୍ରୀ ଶତ ପ୍ରତିଶତ ରିଜଲ୍ଟ ରଖି ଏକାଡ଼େମୀ ତଥା ଅଂଚଳ ପାଇଁ ଗୌରବ ଆଣିଛନ୍ତି ବୋଲି ଏକାଡ଼େମୀର ଅଧ୍ୟକ୍ଷ ସମ୍ପଦ କୁମାର ପାଢ଼ୀ ଆଜି ସୂଚନା ଦେଇଛନ୍ତି।

# ଜନଗଣନା-୨୦୨୭: ନୂଆପଡ଼ାରେ ଗୃହ ତାଲିକା ଓ ଗୃହ ଗଣନା ଆରମ୍ଭ

ନୂଆପଡା, ୧୭/୦୪ (ନି.ପ୍ର): ଜନସାଧାରଣଙ୍କ ପାଇଁ ସ୍ୱୟଂ-ଗଣନା ପ୍ରକ୍ରିୟାର ସମାପ୍ତି ପରେ ଜନଗଣନା-୨୦୨୭ର ପ୍ରଥମ ପର୍ଯ୍ୟାୟ ଅନୁସାରେ ଗୃହ ତାଲିକା ଓ ଗୃହ ଗଣନା(ହାଉସଲିଷ୍ଟିଂ ଓ ହାଉସିଂ ସେନସସ୍) କାର୍ଯ୍ୟ ଆଜି ନୂଆପଡା ଜିଲ୍ଲାରେ ସଫଳତାର ସହ ଆରମ୍ଭ ହୋଇଛି। ଜିଲ୍ଲାର ୮ଟି ଚାର୍ଜ ଅଫିସ(୫ଟି ଗ୍ରାମୀଣ ଓ ୩ଟି ସହର ଚାର୍ଜ) ଅଧୀନରେ ପ୍ରଶିକ୍ଷିତ ଗଣନାକାରୀ ଓ ପର୍ଯ୍ୟବେକ୍ଷକମାନେ କ୍ଷେତ୍ରସ୍ତରରେ କାର୍ଯ୍ୟରତ ଅଛନ୍ତି। ଏହି ଅଭିଯାନରେ ମୋଟ ୧,୧୩୮ ଜଣ ଗଣନାକାରୀ ଓ ୧୯୪ ଜଣ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଥିବାବେଳେ ଆପତ୍କାଳୀନ ପରିସ୍ଥିତି ପାଇଁ ଅତିରିକ୍ତ ୧୦ ପ୍ରତିଶତ ରିଜର୍ଭ କର୍ମଚାରୀ ମଧ୍ୟ ପ୍ରସ୍ତୁତ ରଖାଯାଇଛି। ଆଜି ସନ୍ଧ୍ୟା ୪ଟା ୩୦ ମିନିଟ ପର୍ଯ୍ୟନ୍ତ ମିଳିଥିବା ତଥ୍ୟ ଅନୁଯାୟୀ, ମୋଟ ୧୪,୬୮୪ଟି ଗୃହ ତାଲିକାଭୁକ୍ତ ହୋଇଥିବା ସହ ୧୬,୬୪୭ଟି ଜନଗଣନା ଘର ଚିହ୍ନଟ କରାଯାଇଛି। ଜିଲ୍ଲାର ସମସ୍ତ ଅଂଚଳରେ କ୍ଷେତ୍ରସ୍ତରୀୟ କାର୍ଯ୍ୟ ସୁଚାରୁ ଭାବେ ଚାଲିଥିବାବେଳେ ଏହା ନିର୍ଦ୍ଧାରିତ ସମୟସୂଚୀ ଅନୁସାରେ ଅଗ୍ରସର ହେଉଛି । ଜନଗଣନା-୨୦୨୭ର ଏହି ପ୍ରଥମ ପର୍ଯ୍ୟାୟ ୨୦୨୬ ଏପ୍ରିଲ ୧୬ରୁ ମେ ୧୫ ପର୍ଯ୍ୟନ୍ତ ୩୦ ଦିନ ଧରି ଚାଲିବ। ଏହି ସମୟରେ ଗଣନାକାରୀମାନେ ଘରେ ଘରେ ଯାଇ ଗୃହସ୍ଥିତି, ପରିବାର ବିବରଣୀ, ଉପଲବ୍ଧ ସୁବିଧା ଓ ସମ୍ପତି ସମ୍ପର୍କିତ ୩୩ଟି ପ୍ରଶ୍ନ ମାଧ୍ୟମରେ ତଥ୍ୟ ସଂଗ୍ରହ କରିବେ। ଏହିଥର ପ୍ରଥମ ଥର ପାଇଁ ସ୍ୱୟଂ-ଗଣନା ବ୍ୟବସ୍ଥା ଏପ୍ରିଲ ୧ ରୁ ୧୫ ପର୍ଯ୍ୟନ୍ତ ଚାଲିଥିଲା। ଯେଉଁ ପରିବାର ସ୍ୱୟଂ-ଗଣନା କରିଛନ୍ତି, ସେମାନେ ନିଜର ଏସଇ ଆଇଡି ଗଣନାକାରୀଙ୍କୁ ପ୍ରଦାନ କରି ପ୍ରକ୍ରିୟା ସମ୍ପୂର୍ଣ୍ଣ କରିପାରିବେ। ଯେଉଁମାନେ ଏହି ବିକଳ୍ପ ବ୍ୟବହାର କରିନାହାନ୍ତି, ସେମାନଙ୍କ ତଥ୍ୟ ଘରେ ଘରେ ସଂଗ୍ରହ କରାଯିବ। ଏହି ଜନଗଣନା ପ୍ରଥମ ଥର ପାଇଁ ସମ୍ପୂର୍ଣ୍ଣ ଡିଜିଟାଲ ପ୍ରଣାଳୀରେ ସଂପାଦିତ ହେଉଛି। ବିଶେଷ ମୋବାଇଲ୍ ଆପ୍ ମାଧ୍ୟମରେ ତଥ୍ୟ ସଂଗ୍ରହ ହେଉଥିବାରୁ ତଥ୍ୟର ସଠିକତା, ସ୍ୱଚ୍ଛତା ଓ ଦ୍ରୁତ ପ୍ରକ୍ରିୟାକରଣ ସୁନିଶ୍ଚିତ ହେଉଛି। ଦ୍ୱିତୀୟ ପର୍ଯ୍ୟାୟରେ ଜନସଂଖ୍ୟା ଗଣନା ୨୦୨୭ ଫେବୃଆରୀ ୯ ରୁ ୨୮ ତାରିଖ ପର୍ଯ୍ୟନ୍ତ ହେବ ଏବଂ ୧ରୁ ୫ ମାର୍ଚ୍ଚ ମଧ୍ୟରେ ପୁନର୍ବୀକ୍ଷଣ କରାଯିବ। ମାର୍ଚ୍ଚ ୧, ୨୦୨୭ ରାତି ୧୨ଟାକୁ ଆଧାର ମୁହୂର୍ତ ଭାବେ ଗ୍ରହଣ କରାଯିବ। ଜନଗଣନା ଆଇନ, ୧୯୪୮ ଅନୁସାରେ ସଂଗ୍ରହିତ ସମସ୍ତ ତଥ୍ୟ କଠୋର ଭାବରେ ଗୋପନୀୟ ରହିବ ଏବଂ କେବଳ ପରିସଂଖ୍ୟାନ ଓ ବିକାଶମୂଳକ ଯୋଜନା ପ୍ରସ୍ତୁତି ପାଇଁ ବ୍ୟବହୃତ ହେବ। ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ନାଗରିକଙ୍କୁ ଏହି ଜାତୀୟ ଅଭିଯାନରେ ସକ୍ରିୟ ଭାଗ ନେଇ ଗଣନାକାରୀ ଓ ପର୍ଯ୍ୟବେକ୍ଷକମାନଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ଅନୁରୋଧ କରାଯାଇଛି।

# ଝାରସୁଗୁଡ଼ା ଜିଲ୍ଲା ପିସି ଏବଂ ପିଏନଡିଟି ନୂତନ ପରାମର୍ଶଦାତା କମିଟି ଗଠିତ

ଝାରସୁଗୁଡ଼ା, ୧୬ ଏପ୍ରିଲ୍ (ହି.ସ.)- ଝାରସୁଗୁଡ଼ା ଜିଲ୍ଲାରେ ପିସି ଏବଂ ପିଏନଡିଟି ଆଇନର ସଫଳ ରୂପାୟନ ଏବଂ କନ୍ୟା ଭ୍ରୂଣ ହତ୍ୟା ଭଳି କୁସଂସ୍କାରକୁ ରୋକିବା ପାଇଁ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅନୁମତି କ୍ରମେ ଜିଲ୍ଲା ପରାମର୍ଶଦାତା କମିଟିର ପୁନର୍ଗଠନ କରାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏ ସମ୍ପର୍କିତ ବିଧିବଦ୍ଧ ଚିଠି ପ୍ରକାଶ ପାଇଛି। ଜିଲ୍ଲାରେ ଜନ୍ମ ସମୟରେ ଲିଙ୍ଗାନୁପାତର ସ୍ଥିତିରେ ସୁଧାର ଆଣିବା ଏବଂ ସମାଜରେ କନ୍ୟା ସନ୍ତାନର ମୂଲ୍ୟବୋଧ ବୃଦ୍ଧି କରିବା ପାଇଁ ଏହି କମିଟି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ପୁନର୍ଗଠିତ ଏହି କମିଟିରେ, ଡ. ଲତିକା କିଷାନ, ଶିଶୁ ରୋଗ ବିଶେଷଜ୍ଞ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଡ. ମଧୁରୀ ପଟେଲ, ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଝାରସୁଗୁଡ଼ା, ଡା. ବିଭୁଦତ ମହାନ୍ତି, ଭେଷଜ ବିଶେଷଜ୍ଞ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଝାରସୁଗୁଡ଼ା, ନିନେନ୍ଦୁ ରଞ୍ଜନ ଦାସ, ସରକାରୀ ଓକିଲ, ସୁଶ୍ରୀ କୃଷ୍ଣାକେଶୀ ବଳିୟାରସିଂହ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଝାରସୁଗୁଡ଼ା, ସୁଶ୍ରୀ ଆନନ୍ଦିନୀ ପାଢ଼ୀ, ନିର୍ଦ୍ଦେଶିକା, ସେହେଡ଼ା (ସ୍ୱେଚ୍ଛାସେବୀ ସଂଗଠନ), ସୁଶୀଲ କୁମାର ଦାଶ, ସମ୍ପାଦକ, ସେବା (ସ୍ୱେଚ୍ଛାସେବୀ ସଂଗଠନ), ବିନ୍ଦୁ ମାଝି, ସଭାନେତ୍ରୀ, ପବିତ୍ର ଆତ୍ମା ସେବିକା ସଂଘ, ସଦସ୍ୟମାନଙ୍କୁ ସାମିଲ କରାଯାଇ ଏହି ପରାମର୍ଶଦାତା କମିଟି ଗଠନ କରାଯାଇଛି। ନୂତନ ଭାବେ ଗଠିତ ଏହି କମିଟି ପ୍ରତି ଦୁଇ ମାସରେ ଥରେ ବୈଠକ କରି ଜିଲ୍ଲାରେ ପିସି ଏବଂ ପିଏନଡିଟି ଆଇନର କାର୍ଯ୍ୟକାରିତା ଉପରେ ସମୀକ୍ଷା କରିବ। ଜିଲ୍ଲାରେ ଥିବା ଅଲଟ୍ରାସାଉଣ୍ଡ ୟୁନିଟ ଗୁଡ଼ିକର ନିୟମିତ ପରିଦର୍ଶନ ଓ ଯାଂଚ କରାଯିବ।

# କୋଟିଆରେ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷାଙ୍କ ଗସ୍ତ: ପୋଷଣ ଓ ଶିକ୍ଷା ବ୍ୟବସ୍ଥାର ତୃଣମୂଳ ସମୀକ୍ଷା

ଜୟପୁର, ୧୭/୦୪ (ନି.ପ୍ର): କୋରାପୁଟ ଜିଲ୍ଲାର ସୀମାନ୍ତ ଅଂଚଳ କୋଟିଆରେ ଶିଶୁ ମାନଙ୍କ ସାମଗ୍ରିକ ବିକାଶ ଓ ପୋଷଣ ସୁବିଧାର ସମୀକ୍ଷା କରିଛନ୍ତି ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ର ଅଧ୍ୟକ୍ଷା ବବିତା ପାତ୍ର। ଗୁରୁବାର (ଏପ୍ରିଲ ୧୬) ଦିନ କୋରାପୁଟ ଜିଲ୍ଲା ଗସ୍ତ ଅବସରରେ ସେ କୋଟିଆ ପଂଚାୟତ ପରିଦର୍ଶନ କରି ସେଠାରେ ଚାଲିଥିବା ବିଭିନ୍ନ ସରକାରୀ ଯୋଜନାର ଅନୁଧ୍ୟାନ କରିଛନ୍ତି। ରାଜ୍ୟବ୍ୟାପୀ ପାଳିତ ହେଉଥିବା ଅଷ୍ଟମ ପୋଷଣ ଅଭିଯାନ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଆୟୋଜିତ ଏକ ବିଶାଳ ସଚେତନତା ଶୋଭାଯାତ୍ରାରେ ସେ ସାମିଲ ହୋଇ ଗ୍ରାମବାସୀଙ୍କ ମଧ୍ୟରେ ପୁଷ୍ଟିସାର ଖାଦ୍ୟ ଓ ସ୍ୱାସ୍ଥ୍ୟ ପ୍ରତି ସଚେତନତା ସୃଷ୍ଟି କରିଥିଲେ। ବିଶେଷ କରି ସେଠାକାର ମହିଳାମାନଙ୍କ ସହ ସିଧାସଳଖ ଆଲୋଚନା କରି ଗର୍ଭବତୀ ଓ ପ୍ରସୂତି ମାନଙ୍କ ସ୍ୱାସ୍ଥ୍ୟ ଏବଂ ଶିଶୁମାନଙ୍କ ସଠିକ୍ ପାଳନ ପୋଷଣ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଏହି ଗସ୍ତ କାଳରେ ଶ୍ରୀମତୀ ପାତ୍ର କୋଟିଆ ସ୍ଥିତ ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରି ସେଠାକାର ଭିତିଭୂମି ଓ ପିଲାମାନଙ୍କୁ ପ୍ରଦାନ କରାଯାଉଥିବା ସୁବିଧା ଅସୁବିଧାର ତଦାରଖ କରିଥିଲେ। ସ୍ଥାନୀୟ ଅଂଚଳର କୌଣସି ବି ଶିଶୁ ଯେପରି ଶିକ୍ଷା ଗ୍ରହଣରୁ ବଂଚିତ ନ ହୁଅନ୍ତି, ସେଥିପାଇଁ ସେ ଗୁରୁତ୍ୱ ଦେଇଥିଲେ। ଏହି ଦିଗରେ ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ ଏବଂ ଶିଶୁ ଅଧିକାର ଆୟୋଗ ସବୁବେଳେ ସଜାଗ ଓ ପ୍ରତିବଦ୍ଧ ଅଛନ୍ତି ବୋଲି ସେ ମତବ୍ୟକ୍ତ କରିଥିଲେ। ଶିକ୍ଷା ବ୍ୟବସ୍ଥାର ଅନୁଧ୍ୟାନ କରିବାକୁ ଯାଇ ସେ କୋଟିଆ ସରକାରୀ ଉଚ୍ଚ ବିଦ୍ୟାଳୟ, ବିଦ୍ୟାଳୟ ପରିସରରେ ଥିବା ଛାତ୍ରାବାସ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ବିଦ୍ୟାଳୟରେ ଥିବା କେତେକ ସମସ୍ୟା ତାଙ୍କ ନଜରକୁ ଆସିଥିଲା, ଯାହାର ତୁରନ୍ତ ନିରାକରଣ ପାଇଁ ସେ ଉପସ୍ଥିତ ଜିଲ୍ଲା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। କୋଟିଆର ପ୍ରାକୃତିକ ସୌନ୍ଦର୍ଯ୍ୟ ସହ ସେଠାକାର ପରିମଳ ଓ ସ୍ୱଚ୍ଛ ପରିବେଶକୁ ଦେଖି ଅଧ୍ୟକ୍ଷା ବେଶ ପ୍ରଶଂସା କରିଥିଲେ।ଏହି ଗସ୍ତ ସମୟରେ ଅଧ୍ୟକ୍ଷାଙ୍କ ସହିତ ପଟ୍ଟାଙ୍ଗୀ ବିଡିଓ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ , ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ , ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ର ଆଇନ୍ ଅଧିକାରୀ ଉପସ୍ଥିତ ଥିଲେ । ପରବର୍ତୀ ଅପରାହ୍ନ ସମୟରେ କୋରାପୁଟ ଜିଲ୍ଲା ସଦଭାବନା ଗୃହରେ ଜିଲ୍ଲାପାଳଙ୍କ ଆବାହନରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ସମୀକ୍ଷା ବୈଠକରେ ଅଧ୍ୟକ୍ଷା ନିଜର ଗସ୍ତ ବିବରଣୀ ଓ ବିଭିନ୍ନ ସୁବିଧା ଅସୁବିଧା ଆଦି ଆଲୋଚନା କରିବା ସହ ଶିଶୁ ଅଧିକାର ସମ୍ବନ୍ଧୀୟ ନିର୍ଦ୍ଦେଶ ଆଦି ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଉପରିସ୍ଥ ଅଧିକାରୀ ମାନଙ୍କ ସହିତ ଜିଲ୍ଲାର ଅନ୍ୟାନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

# କନିଷ୍ଠ ଖଣି ଅଧିକାରୀଙ୍କୁ ଆକ୍ରମଣ ମାମଲାରେ ଅନ୍ୟ ଏକ ଅଭିଯୁକ୍ତ ଗିରଫ

ଜୟପୁର, ୧୭/୦୪ (ନି.ପ୍ର): ଜୟପୁର ବ୍ଲକ ବାଲିଆ ଗ୍ରାମରେ ଖଣି ବିଭାଗର ଯଣେ କନିଷ୍ଠ ଖଣି ଅଧିକାରୀଙ୍କୁ ବାଲି ମାଫିଆ ମାନେ ମରଣାନ୍ତକ ଆକ୍ରମଣ ମାମଲାରେ ଆଜି ସଦର ପୁଲିସ ଅନ୍ୟ ଜଣେ ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲା ଅନ୍ତା ଗ୍ରାମପଂଚାୟତ ଦାମାପୁଟ ଅଂଚଳର ଜିତୁ ପୋଡାଲ (୨୦)।

# ବୁଲିବାକୁ ଯାଉଛନ୍ତି କି ?

*କୌଣସି ନୂଆ ସହରର ଟୁରିଷ୍ଟ ହଟସ୍ପଟ୍ ଦେଖିବାକୁ ଅନେକଙ୍କର ଆଗ୍ରହଥାଏ। କିନ୍ତୁ କୌଣସି ନୂଆ ସହରକୁ ଯିବା ପୂର୍ବରୁ ଏଥିପାଇଁ ସଠିକ୍ ଯୋଜନା କରିବାକୁ ପଡ଼ିଥାଏ। ଲଜିଙ୍ଗ ଠଏସଠାରୁ ଆରମ୍ଭ କରି କେଉଁ କେଉଁ ସ୍ଥାନରେ କେମିତି ସମୟ କାଟିବେ ସେଥିନେଇ ପୂର୍ବରୁ ପ୍ଲାନିଙ୍ଗ କରିବାକୁ ପଡ଼ିବ। ନୂଆ ସ୍ଥାନକୁ ଯାଉଥିଲେ ସେ ସ୍ଥାନ ବୁଲିବା ସହ ସେଠାକାର ପ୍ରତ୍ୟେକଟି କଥା ଜାଣିବା ସହ ସେଠି ଲୋକାଲ୍ ପରି ରହିଲେ ବେଶୀ ଭଲ ଲାଗିବ। ତେବେ ଆପଣ ଜାଣି ରଖନ୍ତୁ ନୂଆ ସହରରେ ନୂଆ ଜାଗାରେ ଆପଣ କିଭଳି ସ୍ଥାନୀୟ ଲୋକଙ୍କ ଭଳି ରହିବେ।*

◆ ପବ୍ଲିକ ଟ୍ରାନ୍ସପୋର୍ଟସେନ ବ୍ୟବହାର କରନ୍ତୁ।

◆ ଯଦି କୌଣସି ନୂଆ ସ୍ଥାନ ବିଷୟରେ ଅଧିକ ତଥ୍ୟ ଜାଣିବାକୁ ଚାହୁଁଛନ୍ତି ତେବେ ଏଥିପାଇଁ ସବୁଠାରୁ ସହଜ ଉପାୟ ହେଉଛି ସେହି ସ୍ଥାନର ଲୋକାଲ ପେପର ପଢ଼ିବା।

◆ ସମ୍ପୂର୍ଣ୍ଣ ରିଲାକ୍ସ ହେବା ପାଇଁ ହୋଟେଲ ରୁମ ଗୁଡ଼ିକ ଠିକ୍ ନୁହେଁ ଏବଂ ଏଗୁଡ଼ିକ ମଧ୍ୟ ଅନେକ ଟୁରିଷ୍ଟ ଆଟ୍ରାକ୍ସନ ନିକଟରେ ଥାଏ। ଅନ୍ୟ ଭାଷାରେ ଯଦି ଆପଣ ଏହି ଲଜିଙ୍ଗ ଅପ୍ସନ ବୁକ କରୁଛନ୍ତି ତେବେ ଆପଣ ଏହି ସହରର ଏକ ସମ୍ପୂର୍ଣ୍ଣ ସତ ଅନୁଭବ ପାଇପାରିବେନି। ସବୁଠାରୁ ସହଜ କଥା ହେଉଛି ସେହି ସ୍ଥାନରେ କୌଣସି ଘର କିମ୍ବା ଫ୍ଲାଟ ଭଡ଼ା ନେଇ ରହିବା।





◆ ଭଡ଼ାରେ ରହିବା ଦ୍ୱାରା ଆପଣଙ୍କୁ ଏକ ଫଙ୍କସନାଲ କିଚେନ୍ ମିଳିବ ଯାହାଦ୍ୱାରା ଆପଣ ସ୍ଥାନୀୟ ଗ୍ରୋସରି ଷ୍ଟୋରରୁ ସଉଦା ଏବଂ ପରିବା କିଣି ରୋଷେଇ କରି ଖାଇପାରିବେ।

◆ ଏହାଦ୍ୱାରା ମଧ୍ୟ ଆପଣ ଲୋକାଲ ଲିଭିଙ୍ଗକୁ ଏନଜୟ କରିପାରିବେ।

◆ ସ୍ଥାନୀୟ ଭାଷା ଶିଖିବାକୁ ଚେଷ୍ଟା କରନ୍ତୁ ଏବଂ ସ୍ଥାନୀୟ ଲୋକଙ୍କ ସହ କଥା ହୁଅନ୍ତୁ।



◆ ସକାଳୁ ଉଠି ସେଠାକାର ସ୍ଥାନୀୟ ଲୋକ ଯେଉଁ ସ୍ଥାନରେ ମର୍ଣ୍ଣିଂ ୱାକ କରୁଛନ୍ତି ସେଠାରେ ମର୍ଣ୍ଣିଂ ୱାକ କରନ୍ତୁ ଏବଂ ସେମାନଙ୍କ ସହ ନିଜଆଡୁ ପ୍ରଥମେ ମିଶନ୍ତୁ। ଏହାଦ୍ୱାରା ଆପଣ ଜାଣିପାରିବେ ସେହି ସ୍ଥାନିୟ ଲୋକମାନଙ୍କର ବାସ୍ତବ ଜୀବନ କିଭଳି।

◆ ଲୋକାଲ ଭଲ୍ୟୁଣ୍ଟିୟରିଙ୍ଗ ଗ୍ରୁପ ସହ ମିଶି ଆପଣ କିଛି ଭଲ୍ୟୁଣ୍ଟିୟରିଂ କାର୍ଯ୍ୟ କରିପାରିବେ।

◆ ନିକଟବର୍ତ୍ତୀ ଛୋଟ ଛୋଟ ସହର ଗୁଡ଼ିକୁ ମଧ୍ୟ ବୁଲିବାକୁ ଯାଇପାରିବେ।

# ପୋଷା ସହ ଜଗିଂ

**ପ୍ରତ୍ୟେକ ଦାୟିତ୍ୱବାନ ଡଗ୍ ଓନର ଜାଣନ୍ତି ଯେ, ସେମାନଙ୍କ ପୋଷାକୁ ଦିନରେ ଦୁଇଥର ଜଗିଙ୍ଗ ପାଇଁ ନେବା ଅତ୍ୟନ୍ତ ଆବଶ୍ୟକ। ପାଗରେ ପରିବର୍ତ୍ତନ ହେଉ କିମ୍ବା ମୁଡ୍‌ରେ ପରିବର୍ତ୍ତନ ଥିଲେ ବି ପୋଷାକୁ ଜଗିଙ୍ଗ ଲାଗି ନେବା ଜରୁରୀ। ତେବେ ଦୁର୍ଭାଗ୍ୟବଶତଃ ଅଧିକାଂଶ ଲୋକ ସୁବବେଳେ ବ୍ୟସ୍ତ ରହିଥାନ୍ତି ଏବଂ ସେମାନେ ଅଧିକ ସମୟରେ ସେମାନଙ୍କ ପୋଷାଙ୍କ ସହ ଯଥେଷ୍ଟ ସମୟ ଅତିବାହିତ କରିପାରନ୍ତିନି। ତେବେ ଜାଣିରଖନ୍ତୁ, ଆପଣଙ୍କ ପୋଷା ସହ କେମିତି ଜଗ୍ କଲେ ସେ ସେଫ୍, ଇଣ୍ଟ୍ରେଷ୍ଟିଙ୍ଗ ଏବଂ ଇଫେକ୍ଟିଭ ରହିବ।**

◆ ପୋଷା ସହ ଜଗିଂ ପାଇଁ ବାହାରିବା ପୂର୍ବରୁ ପ୍ରଥମେ ଜାଣନ୍ତୁ ଯେ, ସେ ଦୌଡ଼ିବା ପାଇଁ ଷ୍ଟ୍ରଙ୍ଗ ଏବଂ ହେଲଦି ଅଛି। ଏହା ଯଦି ସଠିକ୍ ଉତ୍ତର ପାଇପାର ନଥିବେ ତେବେ ଚେକ ଅପ୍ ପାଇଁ ଭେଟ୍ ଭିଜିଟ୍ କରନ୍ତୁ । ପଶୁ ଚିକିତ୍ସକମାନେ କହୁଛନ୍ତି, ୧୮ ମାସ ବୟସର କୁକୁରମାନେ ନିୟମିତ ଭାବେ ଦୌଡ଼ିବା ଉଚିତ୍ ନୁହେଁ।

◆ ପୋଷା ସହ ଜଗିଂ କରିବା ଏକ ଚାଲେଞ୍ଜିଙ୍ଗ ପ୍ରୋସେସ୍। ଯଦି ଆପଣ ଜଗିଙ୍ଗକୁ ଅଧିକ ଇଫେକ୍ଟିଭ କରିବାକୁ ଚାହୁଁଛନ୍ତି ତେବେ ହାଇ କ୍ୱାଲିଟି ଡଗ୍ ଲିଜରେ ଅର୍ଥ ଇନଭେଷ୍ଟ କରନ୍ତୁ।

◆ ପୋଷାକୁ ମୌଳିକ କମାଣ୍ଡ୍ ଗୁଡ଼ିକ ଶିଖାନ୍ତୁ। ଆପଣଙ୍କ ପୋଷା ଖୁବ୍ ଚତୁର ଏବଂ ସେନସିଟିଭ୍। କ୍ରିଏଚର ଯାହା ଆପଣ କ'ଣ କହୁଛନ୍ତି ଏବଂ ଫିଲ୍ କରୁଛନ୍ତି ତାହା ସହଜରେ ବୁଝିପାରିଥାଏ। ଜଗିଂ ଆରମ୍ଭ କରିବା ପୂର୍ବରୁ ଆବଶ୍ୟକୀୟ କମାଣ୍ଡ୍ ଗୁଡ଼ିକ ପୋଷାକୁ ଶିଖାନ୍ତୁ।

◆ ସବୁ ଅଭିଜ୍ଞ ଜଗରମାନେ ଜାଣନ୍ତି ଯେ, ଦୌଡ଼ିବା ପୂର୍ବରୁ ଖାଇବା ଏକ ବ୍ୟାଡ୍ ଆଇଡିଆ। ମଣିଷଙ୍କ ଠାରୁ କୁକୁରର ହଜମ ଶକ୍ତି ଭିନ୍ନ ହୋଇଥିବାବେଳେ କୌଣସି ଫିଜିକାଲ ଆକ୍ଟିଭିଟି କରିବା ପୂର୍ବରୁ ତାକୁ କିଛି ଖାଦ୍ୟ ଖାଇବାକୁ ଦେବା ମଧ ଠିକ୍ ନୁହେଁ। ନଚେତ୍ ଆପଣଙ୍କ ପୋଷା ଯାହା ଖାଇଛି ତାହା ବାନ୍ତି କରିଦେଇପାରେ।

◆ ଯେତେବେଳେ ପୋଷା ସହ ଜଗିଂରେ ବାହାରୁଛନ୍ତି ସେହି ସମୟରେ ଆପଣ ଉଭୟଙ୍କ ପାଇଁ ପିଇବା ପାଣି ନେଇ ଯାଆନ୍ତୁ। ପାଣି ପିଇବା ଦ୍ୱାରା ଆପଣଙ୍କ ଶୋଷ ମେଣ୍ଟିବା ସହ ଆପଣ ଶୀଘ୍ର ଥକ୍କା ମଧ ହୋଇଯିବେ। ଏହା ମଧ ଆପଣଙ୍କ ପୋଷାକୁ ଦେବାପାଇଁ ଆଦୌ ଭୁଲନ୍ତୁନି।



◆ ପ୍ରାୟ ସବୁ କୁକୁର ରନିଙ୍ଗ ଏବଂ ଆକ୍ଟିଭ ଗେମକୁ ଭଲପାଆନ୍ତି। ତେବେ ପ୍ରଥମେ ଅଳ୍ପ ଦୂରତା ଭିତରେ ପୋଷାକୁ ଜଗିଂ କରନ୍ତୁ।

# ସେ କ'ଣ ଅଧିକ ଡିମାଣ୍ଡିଙ୍ଗ ?

**କିଛି ଲୋକ ଅଧିକ ଡିମାଣ୍ଡିଙ୍ଗ ହୋଇଥାନ୍ତି। ସତ କହିବାକୁ ଗଲେ ସେମାନେ ସେମାନଙ୍କ ସମ୍ପର୍କରେ ଅସୁରକ୍ଷିତଥାନ୍ତି। ତାଙ୍କ ସହ ସମ୍ପର୍କ ରଖିଲେ ଆପଣ ଖୁବ ଶୀଘ୍ର ସାଇକିଆଟ୍ରିଷ୍ଟଙ୍କ ନିକଟକୁ ଯିବେ। ପ୍ରାରମ୍ଭିକ ସ୍ତରରେ ଏହା ସମସ୍ୟା ସୃଷ୍ଟି କରିଥାଏ। କିଛି ବ୍ୟକ୍ତି ଅତି ଅବାସ୍ତବ ଆଶା ରଖିଥାନ୍ତି। ତେବେ କେମିତି ଜାଣିବେ ଯେ, ସେ ଅଧିକ ଡିମାଣ୍ଡିଙ୍ଗ।**

◆ ଏମିତି ବ୍ୟକ୍ତି ବିଶ୍ୱାସ କରନ୍ତି ଯେ, ସେମାନଙ୍କ ପାର୍ଟନର ହେଉଛନ୍ତି ସେମାନଙ୍କ ସମ୍ପତ୍ତି ଏବଂ ସେମାନଙ୍କର ମୂଳଲକ୍ଷ୍ୟ ତାଙ୍କୁ ସନ୍ତୁଷ୍ଟ କରିବା ସଙ୍ଗେ ସଙ୍ଗେ ସବୁ ସମୟରେ ତାଙ୍କୁ ଖୁସି କରାଇବାକୁ ହେବ।

◆ ସେ ଆପଣଙ୍କୁ ତାଙ୍କ ଅକ୍ତିଆରକୁ ଆଣିବା ପାଇଁ ସବୁ ସମୟରେ ଆପଣଙ୍କୁ ରୋମାଣ୍ଟିକ ଟେକ୍ସଟ ମେସେଜ ପଠାଉଥିବ ଏବଂ ଏହାଦ୍ୱାରା ଆପଣ ଅନୁଭବ କରିପାରୁଥିବେ ଯେ, ଆପଣ ତାଙ୍କର ଅଧିକ ନିକଟତର ହୋଇଯାଉଛନ୍ତନି।

◆ ସେ ଅପଣଙ୍କ ଉପସ୍ଥିତି ସହ ସମ୍ପୂର୍ଣ୍ଣ ଭାବେ ଆଡ଼ିକଟେଡ଼୍ ହୋଇଯାଇଥିବେ ଏବଂ ଆପଣ ତାଙ୍କୁ ଛାଡ଼ି ଅନ୍ୟ କୁଆଡ଼େ ଯିବାକୁ ସେ ଆଦୌ ପସନ୍ଦ କରୁ ନଥିବେ।

◆ ସେ ଆପଣଙ୍କୁ ଅତ୍ୟଧିକ ସ୍ନେହ ଏବଂ ଭଲପାଇବା ଦେଉଥିବେ କିନ୍ତୁ ଆପଣ ତାଙ୍କର ଏହିପରି କାର୍ଯ୍ୟକଳାପରେ ଏକଦମ ଅତିଷ୍ଠ ହୋଇଯାଉଥିବେ ଏବଂ ଏହା ଅନୁଭବ କରଉଥିବ।

◆ ସେ ଆପଣଙ୍କୁ ଆପଣଙ୍କ ସାଙ୍ଗମାନଙ୍କ ସହ ବାହାରକୁ ଯିବାପାଇଁ ଆଦୌ ଅନୁମତି ଦେଉନଥିବେ। ଆପଣଙ୍କ ବୁଲାବୁଲି ଉପରେ ସେ ରେଷ୍ଟ୍ରିକସନ ଲଗାଉଥିବେ ଏବଂ ଏକାକୀ ବାହାରକୁ ଯିବାକୁ ଦେଉନଥିବେ। ସେ ଆପଣଙ୍କୁ ଆଦୌ ସ୍ପେସ ଦେଉନଥିବେ ଏବଂ ଆପଣ ଯଦି ତାଙ୍କ କଥା ନଶୁଣୁଥିବେ ତେବେ ସେ କାନ୍ଦୁଥିବେ। ଏହାଦ୍ୱାରା ସେ ଆପଣଙ୍କୁ ଇମୋସନାଲ ବ୍ଲାକମେଲ୍ କରିଥାନ୍ତି।

◆ ଆପଣଙ୍କର ଆପଣଙ୍କ ସହକର୍ମୀଙ୍କ ସହ କିଛି ଖରାପ ସମ୍ପର୍କ ରହିଛି ଏକଥା ସେ ସନ୍ଦେହ କରୁଥିବେ।

◆ ସେ ଆପଣଙ୍କ ଆଟେନସନ ସବୁ ସମୟରେ ଡିମାଣ୍ଡ୍ କରିବେ ଏବଂ ଯଦି ଆପଣ ତାଙ୍କୁ ଯଥେଷ୍ଟ ଆଟେନସନ ନଦେବେ ତେବେ ସେ ଆପଣଙ୍କୁ ବାରମ୍ବାର କହିବେ ଯେ, ଆପଣ ଆଦୌ ତାଙ୍କ ପାଇଁ କେୟାରିଙ୍ଗ ନୁହନ୍ତି।



# ଭାରତୀୟ ପରମ୍ପରାରେ ନାକ ଗହଣାର ଗରିମା





ଭାରତୀୟ ପରମ୍ପରାରେ ବିବାହିତ ମହିଳାମାନେ ନାକରେ ଗହଣା ପିନ୍ଧିବାର ଗୁରୁତ୍ୱ ରହିଛି। ପୂର୍ବକାଳରେ ମହିଳାମାନଙ୍କ ପାଇଁ ନାକ ଫୋଡ଼ାଇବା ଏକ ପ୍ରକାର ବାଧ୍ୟତାମୂଳକ ଥିଲା। ଏବେ ଆଉ ତାହା ନାହିଁ। ତେବେ ନାକରେ ଗହଣା ପିନ୍ଧିବା ଆଜିକାଲି ଫ୍ୟାସନର ଅଂଶବିଶେଷ ହୋଇଯାଇଛି। ଏଣୁ କେବଳ ମହିଳା ନୁହନ୍ତି, ଝିଅମାନେ ମଧ୍ୟ ନାକ ଫୋଡ଼ାଇ ଗହଣା ପିନ୍ଧିବା ଦେଖିବାକୁ ମିଳୁଛି। ନାକ ଗହଣା ପ୍ରଚଳନ କେଉଁ ପୁରାକାଳରୁ ପ୍ରଚଳିତ। ଆୟୁର୍ବେଦୀୟ ଗ୍ରନ୍ଥ ସୁଶ୍ରୁତ ସଂହିତାରେ ନାକ ଫୋଡ଼ା ସମ୍ପର୍କରେ ତଥ୍ୟ ରହିଛି।

ନାକ ଫୋଡ଼ାଇବାର ଏହି ପରମ୍ପରା ପଛରେ ବୈଜ୍ଞାନିକ କାରଣ ମଧ୍ୟ ରହିଛି। ଆୟୁର୍ବେଦ କହେ ନାକପୁଡ଼ାର ନିର୍ଦ୍ଦିଷ୍ଟ ସ୍ଥାନ ଫୋଡ଼ାଇବା ଦ୍ୱାରା ଋତୁସ୍ରାବ ସମୟରେ ହେଉଥିବା ଯନ୍ତ୍ରଣା ଲାଘବ ହୋଇଥାଏ। ମହିଳାମାନେ ବାମ ନାକ ଫୋଡ଼ାଇବା ଉଚିତ। କାରଣ ବାମ ନାକପୁଡ଼ାର ସ୍ନାୟୁଗୁଡ଼ିକ ମହିଳାଙ୍କ ପ୍ରଜନନ ବ୍ୟବସ୍ଥା ସହ ସମ୍ପୃକ୍ତ ରହିଛି। ନାକ ଫୋଡ଼ାଇବା ଦ୍ୱାରା ପିଲାଜନ୍ମ ପ୍ରକ୍ରିୟା ଅପେକ୍ଷାକୃତ ସହଜସାଧ୍ୟ ହୋଇଥାଏ। ଭାରତର ପୂର୍ବ ଭାଗରେ କେତେକ ଅଞ୍ଚଳରେ ଏକ ପ୍ରକାର ଅନ୍ଧବିଶ୍ୱାସ ରହିଛି ଯେ ପତ୍ନୀଙ୍କ ନିଃଶ୍ୱାସ ସିଧାସଳଖ ସ୍ୱାମୀଙ୍କ ଶରୀରରେ ବାଜିଲେ ସ୍ୱାମୀଙ୍କ ସ୍ୱାସ୍ଥ୍ୟହାନି ଘଟେ। ଏଣୁ ନାକରେ ଧାତୁ ତିଆରି ଗହଣା ପିନ୍ଧାଯାଏ।

# ଆପଣ ତାଙ୍କ ପ୍ରତି କେୟାରିଙ୍ଗ

ପ୍ରେମ ସବୁବେଳେ ଯତ୍ନ ଆବଶ୍ୟକ କରିଥାଏ। ସମ୍ପର୍କକୁ ସୁଦୃଢ଼ ଓ ମଜବୁତ କରିବା ଦାୟିତ୍ୱ ଆପଣଙ୍କର। ଆପଣ ଯେତେ ସଚେତନ ରହିବେ ସମ୍ପର୍କର ଡୋର ସେତେ ମଜବୁତ ରହିବ। ଆପଣଙ୍କ ସାଥୀଙ୍କୁ ଖୁବ ଭଲପାଉଛନ୍ତି ଏବଂ ତାଙ୍କର ଯତ୍ନ ନେଉଛନ୍ତ ଏକଥା ସେ ଜାଣି ରଖିବା ଉଚିତ। ତେଣୁ ସାଥୀ କେମିତି ଅନୁଭବ କରିବେ ଯେ, ଆପଣ ତାଙ୍କୁ ସାରା ଜୀବନ ଭଲପାଇବେ ଏବଂ ସାରା ଜୀବନ ତାଙ୍କର ଯତ୍ନ ନେବେ। ସେ ବିଷୟରେ କିଛି ଜାଣି ରଖନ୍ତୁ। ଯଦିଓ ସତ ଭଲପାଇବା ଜଣଙ୍କର ତ୍ୟାଗ ଉପରେ ନିର୍ଭର କରିଥାଏ, ତଥାପି ଆପଣଙ୍କ ଭଲପାଇବାକୁ ଆପଣଙ୍କ ଭଲପାଉଥିବା ମଣିଷ ହୃଦବୋଧ କରିବା ଦରକାର।

◆ ଯେତେବେଳେ ବି ସେ ଆପଣଙ୍କ ସହ କଥା ହେଉଛନ୍ତି ସେତେବେଳ ତାଙ୍କ ଆଖିରେ ଆଖି ମିଶାନ୍ତୁ। ଯେତେବେଳେ ତାଙ୍କ ଶରୀର ଅସୁସ୍ଥ ଅଛି କିମ୍ବା କୌଣସି କାରଣ ପାଇଁ ସେ ଦୁଃଖରେ ଅଛନ୍ତି ସେତେବେଳେ କେବଳ ତାଙ୍କ ହାତ ଧରନ୍ତୁ। ଏହାଦ୍ୱାରା ସେ ଆପଣଙ୍କର ଅଧିକ ନିକଟତର ହୋଇଥିବା କଥା ଅନୁଭବ କରିପାରିବେ।

◆ ତାଙ୍କ ପାଇଁ କିଛି ଗୋଟେ କବିତା ଲେଖନ୍ତୁ। ଯଦିଓ ଆପଣଙ୍କୁ ଏହା ଭଲଲାଗେନି ତଥାପି ତାଙ୍କ ପାଇଁ ଏତିକି ଚେଷ୍ଟା କରନ୍ତୁ। ଏହା ନିଶ୍ଚିତ ଯେ, ସେ ଆପଣଙ୍କ ହାତ ଲେଖା କବିତା ଦେଖିଲେ ନିଶ୍ଚିତ ଭାବେ ହସିବେ।



◆ ତାଙ୍କୁ ରିଲାକ୍ସ କରିବାକୁ ତାଙ୍କ ପାଇଁ ଗୋଟିଏ ଦିନ ଦିଅନ୍ତୁ। ଏକ ସ୍ପେଶାଲ ପ୍ଲାନିଙ୍ଗ କରନ୍ତୁ। ଏବଂ ତାଙ୍କ ସହ ପୁରାଦିନ ଅତିବାହିତ କରନ୍ତୁ। ଏହାଦ୍ୱାରା ସେ ଅନୁଭବ କରିବେ ଯେ, ଆପଣ ତାଙ୍କୁ ବହୁତ ଭଲପାଆନ୍ତି।

◆ ଯଦି ଆପଣ ଭଲଭାବେ ଜାଣନ୍ତି ଯେ, ସେ ଆପଣଙ୍କ ବିଷୟରେ ଜାଣିବା ପାଇଁ ସବୁବେଳେ ଇଚ୍ଛୁକ ଏବଂ ଆପଣ ବାହାରେ ଥିବାବେଳେ ସେ ଆପଣଙ୍କୁ ଫୋନ କରି ବୁଝନ୍ତି ଆପଣ କେଉଁଠାରେ ଅଛନ୍ତି ତେବେ ସେହି ସମାନ ଉପାୟରେ ଆପଣ ତାଙ୍କ ସହ ମଧ ଟ୍ରିଟ କରିବା ଦରକାର। ସମୟକୁ ସମୟ ଆପଣ ତାଙ୍କୁ ଜଣାନ୍ତୁ ଯେ, ଆପଣ କେଉଁଠି ଅଛନ୍ତି ଏବଂ ଏଥିସହ ଆପଣ ନିଜେ ମଧ ତାଙ୍କ ବିଷୟରେ ପଚାରି ବୁଝନ୍ତୁ।

◆ ଯଦି ସେ ଆପଣଙ୍କ ନିଷ୍ପତ୍ତିର ସମାଲୋଚନାକରୁଛନ୍ତି କିମ୍ବା ମଜାକ କରୁଛନ୍ତି, ତେବେ ଆପଣ ତାଙ୍କର ଉପଦେଶ ନିଅନ୍ତୁ। ସମୟ ସମୟରେ ସେ ଠିକ୍ କଥା କହିଥାନ୍ତି ଏବଂ ଆପଣଙ୍କୁ ଠିକ୍ ବାଟରେ ଗାଇଡ୍ କରିନେଇପାରନ୍ତି।

# ହ୍ୟାକର୍‌ଙ୍କ ନୂଆ ବ୍ରହ୍ମାସ୍ତ୍ର ପାଲଟିବ କି ଏଆଇ ?

ବର୍ତ୍ତମାନର ବୈଷୟିକ ଯୁଗରେ କୃତ୍ରିମ ବୁଦ୍ଧିମତ୍ତା ବା ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) କେବଳ ମାନବୀୟ ସୁବିଧା ଏବଂ ଉତ୍ପାଦନ କ୍ଷମତା ବୃଦ୍ଧି କରିବାର ଏକ ମାଧ୍ୟମ ହୋଇ ରହିନାହିଁ, ବରଂ ଏହା ବିଶ୍ୱର ସାମଗ୍ରିକ ନିରାପତ୍ତା ପାଇଁ ଏକ ଅଦୃଶ୍ୟ ତଥା ଭୟାବହ ଆହ୍ୱାନ ଭାବରେ ଉଭା ହୋଇଛି। ସମ୍ପ୍ରତି ଆମେରିକାର ରାଜଧାନୀ ୱାଶିଂଟନ୍ ଡିସିଠାରେ ଅନୁଷ୍ଠିତ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ଏବଂ ବିଶ୍ୱ ବ୍ୟାଙ୍କର ବସନ୍ତକାଳୀନ ବୈଠକରେ ଏକ ନୂତନ ଏବଂ ଅତ୍ୟାଧୁନିକ ଏଆଇ ମଡେଲ୍ 'କ୍ଲଡ୍ ମିଥୋସ୍' (Claude Mythos) କୁ ନେଇ ଯେଉଁଭଳି ଭାବରେ ଉଦ୍‌ବେଗ ପ୍ରକାଶ ପାଇଛି, ତାହା ସମଗ୍ର ବିଶ୍ୱର ଆର୍ଥିକ ନେତୃବୃନ୍ଦଙ୍କ ପାଇଁ ଏକ ବଡ଼ ସତର୍କଘଣ୍ଟି । ଆନଥ୍ରୋପିକ୍ ନାମକ ଏକ ଅଗ୍ରଣୀ ଏଆଇ ଗବେଷଣା ସଂସ୍ଥା ଦ୍ୱାରା ବିକଶିତ ଏହି ନୂତନ ମଡେଲ୍ ସାଧାରଣ ଚାଟ୍‌ବଟ୍‌ଗୁଡ଼ିକଠାରୁ ସମ୍ପୂର୍ଣ୍ଣ ଭିନ୍ନ ଅଟେ। ଏହାର ସାଇବର ସୁରକ୍ଷା କ୍ଷମତା ଏତେ ଅଧିକ ଏବଂ ଅସାଧାରଣ ଯେ ତାହା ବିଶ୍ୱର ବୃହତ୍ତମ ବ୍ୟାଙ୍କ ଏବଂ ଅର୍ଥନୈତିକ ପ୍ରତିଷ୍ଠାନଗୁଡ଼ିକର ନିଦ ହଜାଇ ଦେଇଛି । ଏହି ବିଷୟଟି କେବଳ ବୈଷୟିକ ବିଶେଷଜ୍ଞମାନଙ୍କ ମଧ୍ୟରେ ସୀମିତ ନରହି ସିଧାସଳଖ ଦେଶଗୁଡ଼ିକର ଅର୍ଥମନ୍ତ୍ରୀ ଏବଂ କେନ୍ଦ୍ରୀୟ ବ୍ୟାଙ୍କର ଗଭର୍ଣ୍ଣରମାନଙ୍କର ସର୍ବୋଚ୍ଚ ସ୍ତରୀୟ ଆଲୋଚନାରେ ସ୍ଥାନ ପାଇବା ପ୍ରମାଣିତ କରୁଛି ଯେ ଆମେ ଏକ ଅଭୂତପୂର୍ବ ସଙ୍କଟର ଦ୍ୱାରଦେଶରେ ଠିଆ ହୋଇଛୁ । ଏହି ସମ୍ପାଦକୀୟରେ ଆମେ ତଥ୍ୟଭିତ୍ତିକ ବିଶ୍ଳେଷଣ କରିବା ଯେ କିପରି ଏକ କମ୍ପ୍ୟୁଟର ପ୍ରୋଗ୍ରାମ୍ ସମଗ୍ର ବିଶ୍ୱର ଆର୍ଥିକ ବ୍ୟବସ୍ଥାକୁ ଦୋହଲାଇ ଦେବାର କ୍ଷମତା ରଖିଛି, ଏହା ପଛରେ ଥିବା ବୈଷୟିକ କାରଣଗୁଡ଼ିକ କ'ଣ ଏବଂ ଏହାର ମୁକାବିଲା ପାଇଁ ଆମର ପ୍ରସ୍ତୁତି ବାସ୍ତବରେ କେତେ ଦୂର ପର୍ଯ୍ୟାପ୍ତ।

କ୍ଲଡ୍ ମିଥୋସ୍ କୌଣସି ସାଧାରଣ ଉପଭୋକ୍ତା-କୈନ୍ଦ୍ରିକ ଏଆଇ ନୁହେଁ ଯାହା କେବଳ ପ୍ରଶ୍ନର ଉତ୍ତର ଦେବ କିମ୍ବା ପ୍ରବନ୍ଧ ଲେଖିବ । ଏହା ଏକ 'ଫ୍ରଣ୍ଟିୟର୍ ମଡେଲ୍' ଯାହାକୁ ଆନଥ୍ରୋପିକ୍ କମ୍ପାନୀ ସଫ୍ଟୱେର୍ ସୁରକ୍ଷା ଏବଂ ଦୁର୍ବଳତା ଅନୁସନ୍ଧାନର ଚୂଡ଼ାନ୍ତ ସୀମା ପରୀକ୍ଷା କରିବା ପାଇଁ ପ୍ରସ୍ତୁତ କରିଥିଲା । ଏହାର ଆଭ୍ୟନ୍ତରୀଣ ପରୀକ୍ଷଣ ସମୟରେ ଯେଉଁ ତଥ୍ୟ ସାମ୍ନାକୁ ଆସିଲା, ତାହା ନିଜେ ନିର୍ମାତାମାନଙ୍କୁ ମଧ୍ୟ ଆଶ୍ଚର୍ଯ୍ୟ କରିଦେଇଥିଲା । ଏହି ମଡେଲ୍ ସ୍ୱୟଂଚାଳିତ ଭାବରେ ବିଶ୍ୱର ପ୍ରତ୍ୟେକ ପ୍ରମୁଖ ଅପରେଟିଂ ସିଷ୍ଟମ୍ ଏବଂ ୱେବ୍ ବ୍ରାଉଜରରେ ଥିବା ହଜାର ହଜାର 'ଜିରୋ-ଡେ' (zero-day) ଦୁର୍ବଳତାକୁ ଚିହ୍ନଟ କରିବାରେ ସଫଳ ହୋଇଥିଲା । ଜିରୋ-ଡେ ଦୁର୍ବଳତା ହେଉଛି ସଫ୍ଟୱେରରେ ଥିବା ଏମିତି ଏକ ତ୍ରୁଟି ଯାହା ସମ୍ପର୍କରେ ସଫ୍ଟୱେର୍ ନିର୍ମାତାଙ୍କୁ ପୂର୍ବରୁ କୌଣସି ସୂଚନା ନଥାଏ, ତେଣୁ ଏହାର କୌଣସି ସମାଧାନ ବା ପ୍ୟାଚ୍ ଉପଲବ୍ଧ ନଥାଏ । ଏହି ଦୁର୍ବଳତାଗୁଡ଼ିକ ମଧ୍ୟରୁ ଅନେକ ଏତେ ଜଟିଳ ଏବଂ ଗଭୀର ଥିଲା ଯେ ଦଶନ୍ଧି ଦଶନ୍ଧି ଧରି ମଣିଷର ତୀକ୍ଷ୍ଣ ଦୃଷ୍ଟି ଏବଂ ଲକ୍ଷ ଲକ୍ଷ ସ୍ୱୟଂଚାଳିତ ସୁରକ୍ଷା ପରୀକ୍ଷଣ ସେଗୁଡ଼ିକୁ ଧରିପାରିନଥିଲେ । ଉଦାହରଣସ୍ୱରୂପ, ସୁରକ୍ଷା ଦୃଷ୍ଟିରୁ ଅତ୍ୟନ୍ତ କଠୋର ବିବେଚନା କରାଯାଉଥିବା 'ଓପନ୍ ବିଏସ୍‌ଡି' (OpenBSD) ଅପରେଟିଂ ସିଷ୍ଟମ୍‌ରେ ଏହା ଏକ ୨୭ ବର୍ଷ ପୁରୁଣା ତ୍ରୁଟି ଖୋଜି ବାହାର କରିଥିଲା । କେବଳ ତ୍ରୁଟି ଖୋଜିବାରେ ଏହି ମଡେଲ୍ ସୀମିତ ନୁହେଁ, ବରଂ ୮୩ ପ୍ରତିଶତ କ୍ଷେତ୍ରରେ ଏହା ପ୍ରଥମ ପ୍ରୟାସରେ ହିଁ ସେହି ତ୍ରୁଟିଗୁଡ଼ିକୁ ଭେଦ କରିବାର ସଫଳ କୋଡ୍ ବା 'ଏକ୍ସପ୍ଲଏଟ୍' ପ୍ରସ୍ତୁତ କରିପାରିଥିଲା । ଏହାର ଅର୍ଥ ହେଉଛି, ଯଦି ଏହି ଜ୍ଞାନକୌଶଳ କୌଣସି ହ୍ୟାକର, ଆତଙ୍କବାଦୀ ଗୋଷ୍ଠୀ ବା ଶତ୍ରୁ ରାଷ୍ଟ୍ର ହାତରେ ପଡ଼େ, ତେବେ ସେମାନେ ବିନା ବାଧାରେ ବିଶ୍ୱର ଯେକୌଣସି କମ୍ପ୍ୟୁଟର ନେଟୱର୍କରେ ପ୍ରବେଶ କରିପାରିବେ। ଏହି ଅସାଧାରଣ ତଥା ଭୟାବହ କ୍ଷମତାକୁ ହୃଦୟଙ୍ଗମ କରି ଆନଥ୍ରୋପିକ୍ ଏହି ମଡେଲ୍‌କୁ ସର୍ବସାଧାରଣଙ୍କ ପାଇଁ ଉପଲବ୍ଧ କରାଇନାହିଁ।

ଏହି ଆଶଙ୍କାର ବୈଷୟିକ ଦିଗକୁ ଅନୁଧ୍ୟାନ କଲେ ପରିସ୍ଥିତିର ଗମ୍ଭୀରତା ଅଧିକ ସ୍ପଷ୍ଟ ହୁଏ । ଆଧୁନିକ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଏବଂ ଆର୍ଥିକ ନେଟୱର୍କଗୁଡ଼ିକ ଏକକ ସଫ୍ଟୱେର୍ ଉପରେ ଚାଲନ୍ତି ନାହିଁ । ଏଗୁଡ଼ିକ ହେଉଛି ଅନେକଗୁଡ଼ିଏ ପୁରୁଣା ଏବଂ ନୂଆ ପ୍ରଣାଳୀର ଏକ ଜଟିଳ ମିଶ୍ରଣ, ଯେଉଁଥିରେ ସୁଇଫ୍ଟ (SWIFT) ନେଟୱର୍କ, କୋର୍ ବ୍ୟାଙ୍କିଙ୍ଗ୍ ସିଷ୍ଟମ୍ ଏବଂ ହଜାର ହଜାର ଏପିଆଇ (API) ଅନ୍ତର୍ଭୁକ୍ତ । ଏହି ବ୍ୟବସ୍ଥାଗୁଡ଼ିକ ମଧ୍ୟରେ ଥିବା ସଂଯୋଗସ୍ଥଳଗୁଡ଼ିକ ସବୁଠାରୁ ଦୁର୍ବଳ ହୋଇଥାଏ । ଏକ ମାନବ ହ୍ୟାକର୍ ପାଇଁ ଏହି ସମସ୍ତ ସ୍ତରକୁ ଏକାକୀ ଭେଦ କରିବା ପ୍ରାୟତଃ ଅସମ୍ଭବ । କିନ୍ତୁ କ୍ଲଡ୍ ମିଥୋସ୍ ଭଳି ଏଆଇ ମଡେଲ୍ 'ଚେନ୍‌ଡ୍ ଆଟାକ୍ସ' (chained attacks) ବା ଶୃଙ୍ଖଳିତ ଆକ୍ରମଣ କରିବାରେ ଅତ୍ୟନ୍ତ ଦକ୍ଷ। ଏହା ପ୍ରଥମେ ଏକ ସାଧାରଣ ୱେବ୍ ବ୍ରାଉଜରରେ ଥିବା ତ୍ରୁଟିକୁ ବ୍ୟବହାର କରି ସିଷ୍ଟମ୍‌ରେ ପ୍ରବେଶ କରେ, ତା'ପରେ ଅପରେଟିଂ ସିଷ୍ଟମ୍‌ର ଦୁର୍ବଳତା ଖୋଜି ନିଜର ଅଧିକାର ବୃଦ୍ଧି କରେ ଏବଂ ଶେଷରେ ମୁଖ୍ୟ ଡାଟାବେସ୍‌ରେ ପହଞ୍ଚିଯାଏ । ଏହି ସମଗ୍ର ପ୍ରକ୍ରିୟାଟି ମାତ୍ର କିଛି ମିନିଟ୍ ବା ସେକେଣ୍ଡ ମଧ୍ୟରେ ସମ୍ପନ୍ନ ହୋଇପାରେ । ଯେହେତୁ ପାରମ୍ପରିକ ଆର୍ଥିକ ବ୍ୟବସ୍ଥା (TradFi) କ୍ରମାଗତ ଭାବରେ ପରିବର୍ତ୍ତିତ ହେଉଥିବା ଏକ ଇକୋସିଷ୍ଟମ୍, ତେଣୁ ଏଥିରେ ସବୁବେଳେ କିଛି ନା କିଛି ନୂଆ ତ୍ରୁଟି ସୃଷ୍ଟି ହେଉଥାଏ, ଯାହାକୁ ଏଆଇ ତୁରନ୍ତ ଚିହ୍ନଟ କରିପାରିବ। ଏହି ଗତି ଏବଂ ମାତ୍ରା ମଣିଷର ପ୍ରତିରକ୍ଷା କ୍ଷମତାଠାରୁ ଯଥେଷ୍ଟ ଅଧିକ।

ଆଇଏମ୍ଏଫ୍ ବୈଠକରେ ଅର୍ଥମନ୍ତ୍ରୀ ଏବଂ କେନ୍ଦ୍ରୀୟ ବ୍ୟାଙ୍କର ଗଭର୍ଣ୍ଣରମାନଙ୍କ ମଧ୍ୟରେ ଏହି ବିଷୟଟି ଆଲୋଚନାର ମୁଖ୍ୟ ବିନ୍ଦୁ ପାଲଟିବାର ଏହା ହିଁ ପ୍ରମୁଖ କାରଣ । କାନାଡାର ଅର୍ଥମନ୍ତ୍ରୀ ଫ୍ରାଙ୍କୋଆ-ଫିଲିପ୍ ଶାମ୍ପେନ୍ ଏହି ପରିସ୍ଥିତିକୁ ଏକ ଚମତ୍କାର ଏବଂ ବାସ୍ତବଧର୍ମୀ ଉଦାହରଣ ମାଧ୍ୟମରେ ବୁଝାଇଥିଲେ । ସେ କହିଥିଲେ ଯେ ହର୍ମୁଜ୍ ପ୍ରଣାଳୀ ଭଳି ଭୌଗୋଳିକ ବିପଦ ଆମକୁ ଜଣା, ଆମେ ଜାଣୁ ତାହା କେଉଁଠି ଅଛି, କେତେ ବଡ଼ ଏବଂ ସେଠାରେ ସମସ୍ୟା ହେଲେ ତୈଳ ଯୋଗାଣ କିପରି ବାଧାପ୍ରାପ୍ତ ହେବ । କିନ୍ତୁ ଆନ୍ଥ୍ରୋପିକ୍‌ର ଏହି ଏଆଇ ମଡେଲ୍ ହେଉଛି ଏକ 'ଅଜ୍ଞାତ ଅଜ୍ଞାତ'(unknown unknown) ବିପଦ । ଆମେ ଜାଣିନାହୁଁ ଏହା କେଉଁ ଦିଗରୁ ଆସିବ, କେତେ ଶକ୍ତିଶାଳୀ ହେବ ଏବଂ ଆମର କେଉଁ ସିଷ୍ଟମ୍‌କୁ କିପରି ଅକାମୀ କରିଦେବ । ଏହି ସମସ୍ୟାର ସମାଧାନ ପାଇଁ ଆନଥ୍ରୋପିକ୍ ନିଜ ଆଡୁ କିଛି ଦାୟିତ୍ୱବାନ ପଦକ୍ଷେପ ନେଇଛି। ଏହି ମଡେଲ୍‌ର ଭୟାବହତାକୁ ଦୃଷ୍ଟିରେ ରଖି କମ୍ପାନୀ 'ପ୍ରୋଜେକ୍ଟ ଗ୍ଲାସ୍‌ୱିଙ୍ଗ୍' (Project Glasswing) ନାମକ ଏକ ସ୍ୱତନ୍ତ୍ର ପ୍ରକଳ୍ପ ଆରମ୍ଭ କରିଛି । ଏହି ପ୍ରକଳ୍ପ ଅଧୀନରେ ଆମାଜନ୍, ଆପଲ୍, ମାଇକ୍ରୋସଫ୍ଟ, ଗୁଗୁଲ୍, କ୍ରାଉଡ୍‌ଷ୍ଟ୍ରାଇକ୍ ଏବଂ ଜେପି ମୋର୍ଗାନ୍ ଚେଜ୍ ଭଳି ପ୍ରାୟ ୪୦ଟି ପ୍ରମୁଖ ବୈଷୟିକ ଏବଂ ଆର୍ଥିକ ପ୍ରତିଷ୍ଠାନକୁ କ୍ଲଡ୍ ମିଥୋସ୍ ପ୍ରିଭ୍ୟୁର ସୀମିତ ତଥା ନିୟନ୍ତ୍ରିତ ବ୍ୟବହାର ପାଇଁ ଅନୁମତି ଦିଆଯାଇଛି । ଏହାର ମୂଳ ଉଦ୍ଦେଶ୍ୟ ହେଉଛି, ଏହି କମ୍ପାନୀଗୁଡ଼ିକ ଏହି ଉନ୍ନତ ଏଆଇର ବ୍ୟବହାର କରି ନିଜ ନିଜ ସିଷ୍ଟମ୍‌ରେ ଥିବା ତ୍ରୁଟିଗୁଡ଼ିକୁ ଚିହ୍ନଟ କରିବେ ଏବଂ ହ୍ୟାକରମାନେ ସେଗୁଡ଼ିକର ଫାଇଦା ଉଠାଇବା ପୂର୍ବରୁ ତାହାକୁ ସୁଧାରିବେ । ଏଥିପାଇଁ ଆନ୍ଥ୍ରୋପିକ୍ ୧୦୦ ନିୟୁତ ଡଲାରର ୟୁସେଜ୍ କ୍ରେଡିଟ୍ ଏବଂ ଓପନ୍ ସୋର୍ସ ସୁରକ୍ଷା ସଂଗଠନଗୁଡ଼ିକୁ ୪ ନିୟୁତ ଡଲାରର ଆର୍ଥିକ ଅନୁଦାନ ମଧ୍ୟ ପ୍ରଦାନ କରୁଛି । ଯାହା ଫଳରେ ସେମାନେ ଏହି କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର କରି ନିଜର ପ୍ରତିରକ୍ଷା ବ୍ୟବସ୍ଥାକୁ ଅଧିକ ମଜବୁତ କରିପାରିବେ ।

ତଥାପି, ଏକ ବିଶ୍ଳେଷଣାତ୍ମକ ଦୃଷ୍ଟିକୋଣରୁ ବିଚାର କଲେ, ଏହି ପଦକ୍ଷେପ କେବଳ ସମସ୍ୟାର ଗୋଟିଏ ଦିଗକୁ ସମାଧାନ କରୁଛି । ଏକ ସୁରକ୍ଷା ତ୍ରୁଟି ଖୋଜି ପାଇବା ଏବଂ ତାହାକୁ ସମ୍ପୂର୍ଣ୍ଣ ରୂପେ ଠିକ୍ କରିବା ମଧ୍ୟରେ ଆକାଶ ପାତାଳ ଫରକ ରହିଛି । ଯେତେବେଳେ ଏକ ଏଆଇ ମଡେଲ୍ ଏକାସାଙ୍ଗରେ ହଜାର ହଜାର ତ୍ରୁଟି ଖୋଜି ବାହାର କରିବ, ସେତେବେଳେ ମାନବୀୟ ସୁରକ୍ଷା ଦଳଗୁଡ଼ିକ ପାଇଁ ସେହି ସବୁ ତ୍ରୁଟିକୁ ଅଳ୍ପ ସମୟ ମଧ୍ୟରେ ପ୍ରାଥମିକତା ଭିତ୍ତିରେ ସୁଧାରିବା ଅସମ୍ଭବ ହୋଇପଡ଼ିବ । ଏହି ସମୟ ବ୍ୟବଧାନ ହିଁ ହ୍ୟାକରମାନଙ୍କ ପାଇଁ ଏକ ସୁବର୍ଣ୍ଣ ସୁଯୋଗ ସୃଷ୍ଟି କରିବ । ଏଣୁ ଏଆଇ ସାହାଯ୍ୟରେ ତ୍ରୁଟି ଖୋଜିବା ଯେତିକି ସହଜ ହୋଇଛି, ସେଗୁଡ଼ିକର ପ୍ରତିକାର କରିବା ସେତିକି କଷ୍ଟକର ତଥା ସମୟସାପେକ୍ଷ ହୋଇପଡ଼ିଛି । ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଉଦ୍ଦିଷ୍ଟ ଏକ ଉପକରଣ କିପରି ନିଜେ ଏକ ଅସ୍ତ୍ରରେ ପରିଣତ ହୋଇପାରେ, ତାହାର ଏହା ଏକ ଜ୍ୱଳନ୍ତ ଉଦାହରଣ। ଏହି ବିରୋଧାଭାସ ହିଁ ସାଇବର ସୁରକ୍ଷା ବିଶେଷଜ୍ଞମାନଙ୍କ ପାଇଁ ସବୁଠାରୁ ବଡ଼ ଚିନ୍ତାର ବିଷୟ ପାଲଟିଛି ।

ଏହି ପରିପ୍ରେକ୍ଷୀରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ବିଶ୍ୱସ୍ତରୀୟ ବୈଷୟିକ ଅସମାନତା। ପ୍ରୋଜେକ୍ଟ ଗ୍ଲାସ୍‌ୱିଙ୍ଗ୍ ମାଧ୍ୟମରେ ଆମେରିକା ଏବଂ ୟୁରୋପର କିଛି ବଛା ବଛା ବୃହତ୍ କମ୍ପାନୀ ଏହି ଏଆଇର ବ୍ୟବହାର କରି ନିଜର ସୁରକ୍ଷା ବ୍ୟବସ୍ଥାକୁ ମଜବୁତ କରିପାରିବେ । କିନ୍ତୁ ବିକାଶଶୀଳ ରାଷ୍ଟ୍ରଗୁଡ଼ିକର ଆର୍ଥିକ ପ୍ରତିଷ୍ଠାନଗୁଡ଼ିକ ପାଖରେ ଏହି ଅତ୍ୟାଧୁନିକ ସୁରକ୍ଷା କବଚ ପହଞ୍ଚିବା ପାଇଁ ବହୁତ ସମୟ ଲାଗିବ । ବିଶ୍ୱର ଅର୍ଥନୀତି ପରସ୍ପର ସହ ସଂଯୁକ୍ତ ଥିବାରୁ, ଯଦି କୌଣସି ବିକାଶଶୀଳ ଦେଶର ବ୍ୟାଙ୍କିଙ୍ଗ୍ ସିଷ୍ଟମ୍ ହ୍ୟାକ୍ ହୁଏ, ତେବେ ତାହାର ପ୍ରଭାବ ସମଗ୍ର ବିଶ୍ୱ ବଜାର ଉପରେ ପଡ଼ିବ । ଏକ ଦୁର୍ବଳ କଡ଼ି ସମଗ୍ର ଶୃଙ୍ଖଳକୁ ଭାଙ୍ଗିଦେବା ପାଇଁ ଯଥେଷ୍ଟ। ତେଣୁ, କେବଳ କିଛି ନିର୍ଦ୍ଦିଷ୍ଟ କମ୍ପାନୀଙ୍କୁ ସୁରକ୍ଷିତ କରିଦେଲେ ବିଶ୍ୱର ଆର୍ଥିକ ସ୍ଥିରତା ବଜାୟ ରହିବ ବୋଲି ଭାବିବା ଏକ ଭ୍ରମ ମାତ୍ର । ଏହି ଜ୍ଞାନକୌଶଳର ଲାଭ କିପରି ସମାନ ଭାବରେ ସମସ୍ତଙ୍କ ପାଖରେ ପହଞ୍ଚିବ ଏବଂ ଏକକାଳୀନ ସମସ୍ତେ ନିଜର ସିଷ୍ଟମ୍‌କୁ ଅପଡେଟ୍ କରିପାରିବେ, ତାହା ମଧ୍ୟ ଏକ ବଡ଼ ଆହ୍ୱାନ । ଏହି ଅସମାନତା କାରଣରୁ ଗରିବ ଏବଂ ବିକାଶଶୀଳ ଦେଶଗୁଡ଼ିକ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି ।

ଏହି ସାମ୍ପ୍ରତିକ ଘଟଣାକ୍ରମ ଆମକୁ ଏକ ବୃହତ୍ତର ନୀତିଗତ ଏବଂ ପ୍ରଶାସନିକ ସଙ୍କଟ ଆଡ଼କୁ ନେଇଯାଉଛି । ୟୁରୋପୀୟ କେନ୍ଦ୍ରୀୟ ବ୍ୟାଙ୍କର ସଭାପତି କ୍ରିଷ୍ଟିନ୍ ଲାଗାର୍ଡ ସଠିକ୍ ଭାବରେ ଦର୍ଶାଇଛନ୍ତି ଯେ ଏତେ ଉଚ୍ଚ କ୍ଷମତାସମ୍ପନ୍ନ ଏଆଇ ମଡେଲ୍‌ଗୁଡ଼ିକୁ ନିୟନ୍ତ୍ରଣ କରିବା ପାଇଁ ବର୍ତ୍ତମାନ ବିଶ୍ୱ ସ୍ତରରେ କୌଣସି ଉପଯୁକ୍ତ ନିୟମାବଳୀ ବା ଢାଞ୍ଚା ନାହିଁ । ଏଆଇର ଦ୍ରୁତ ବିକାଶ ଆଗରେ ସରକାରୀ ନିୟମକାନୁନ ଏବଂ ପ୍ରଶାସନିକ ପଦକ୍ଷେପ ବହୁତ ପଛରେ ପଡ଼ିଯାଇଛି । ବିଭିନ୍ନ ଦେଶ ମଧ୍ୟରେ ଥିବା ଭୌଗୋଳିକ-ରାଜନୈତିକ ତିକ୍ତତା ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଆଧିପତ୍ୟ ବିସ୍ତାର କରିବାର ପ୍ରତିଯୋଗିତା କାରଣରୁ ଏକ ସର୍ବସମ୍ମତ ଆନ୍ତର୍ଜାତିକ ଚୁକ୍ତିରେ ପହଞ୍ଚିବା ମଧ୍ୟ କଷ୍ଟକର ହୋଇପଡ଼ିଛି । ଏକ ପଟେ ସରକାରମାନେ ଏଆଇ ମାଧ୍ୟମରେ ଆର୍ଥିକ ଅଭିବୃଦ୍ଧି ଏବଂ ବୈଷୟିକ ଉତ୍କର୍ଷତା ହାସଲ କରିବାକୁ ଚାହୁଁଥିବା ବେଳେ, ଅନ୍ୟ ପଟେ ଏହା ସୃଷ୍ଟି କରୁଥିବା ଅସ୍ତିତ୍ୱବାଚକ ବିପଦକୁ ନେଇ ଆତଙ୍କିତ ଅଛନ୍ତି । ଯଦି କ୍ଲଡ୍ ମିଥୋସ୍ ଭଳି ମଡେଲ୍‌ର ଜ୍ଞାନକୌଶଳ ଲିକ୍ ହୋଇଯାଏ ବା ଅନ୍ୟ କୌଣସି ପ୍ରତିଯୋଗୀ କମ୍ପାନୀ ସମାନ ଧରଣର ମଡେଲ୍ ପ୍ରସ୍ତୁତ କରି ତାହାକୁ ବଜାରରେ ଛାଡ଼ିଦିଏ, ତେବେ ବିଶ୍ୱର ଆର୍ଥିକ ବ୍ୟବସ୍ଥା ତାସର ଘର ଭଳି ଭୁଶୁଡ଼ି ପଡ଼ିବାର ଆଶଙ୍କା ରହିଛି । ଆମର ବ୍ୟାଙ୍କ ଆକାଉଣ୍ଟ, ସେୟାର ବଜାର, ପେନ୍‌ସନ୍ ପାଣ୍ଠି ଏବଂ ସାମଗ୍ରିକ ଅର୍ଥନୀତି ସାଇବର ଅପରାଧୀଙ୍କ ଦୟା ଉପରେ ନିର୍ଭରଶୀଳ ହୋଇପଡ଼ିବ, ଯାହା ସାଧାରଣ ଜନଜୀବନକୁ ସମ୍ପୂର୍ଣ୍ଣ ରୂପେ ବିପର୍ଯ୍ୟସ୍ତ କରିଦେବ ।

ପରିଶେଷରେ, କ୍ଲଡ୍ ମିଥୋସ୍‌ର ଆବିର୍ଭାବ କେବଳ ଏକ ବୈଷୟିକ ଉପଲବ୍ଧି ନୁହେଁ, ବରଂ ଏହା ମାନବ ସଭ୍ୟତା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ ବା ୱାଟରସେଡ୍ ମୁହୂର୍ତ୍ତ ଅଟେ । ଏହା ପ୍ରମାଣିତ କରିଛି ଯେ ସାଇବର ସୁରକ୍ଷା କ୍ଷେତ୍ରରେ ଏଆଇର ଆକ୍ରମଣାତ୍ମକ କ୍ଷମତା ବର୍ତ୍ତମାନ ମଣିଷର ପ୍ରତିରକ୍ଷା କ୍ଷମତାକୁ ଅତିକ୍ରମ କରିସାରିଛି । ବିଶ୍ୱର ଆର୍ଥିକ ବ୍ୟବସ୍ଥା ଏବେ ଏକ ଅଦୃଶ୍ୟ ଆଗ୍ନେୟଗିରି ଉପରେ ବସିଛି, ଯାହା ଯେକୌଣସି ମୁହୂର୍ତ୍ତରେ ବିସ୍ଫୋରଣ ହୋଇପାରେ । କେବଳ ଆନଥ୍ରୋପିକ୍ ଭଳି କମ୍ପାନୀମାନଙ୍କର ସ୍ୱେଚ୍ଛାକୃତ ପଦକ୍ଷେପ ଉପରେ ନିର୍ଭର କରିବା ଆଦୌ ଯଥେଷ୍ଟ ନୁହେଁ । ସମସ୍ତ ରାଷ୍ଟ୍ରର ସରକାର, କେନ୍ଦ୍ରୀୟ ବ୍ୟାଙ୍କ, ବୈଷୟିକ କମ୍ପାନୀ ଏବଂ ସାଇବର ସୁରକ୍ଷା ବିଶେଷଜ୍ଞମାନେ ଏକାଠି ହୋଇ ଏକ କଠୋର ଏବଂ ବାଧ୍ୟତାମୂଳକ ଆନ୍ତର୍ଜାତିକ ନିୟମାବଳୀ ପ୍ରସ୍ତୁତ କରିବାର ସମୟ ଉପନୀତ ହୋଇଛି । ନଚେତ୍, କୃତ୍ରିମ ବୁଦ୍ଧିମତ୍ତାର ଏହି ଅଭୂତପୂର୍ବ ଶକ୍ତି ବିଶ୍ୱ ଅର୍ଥନୀତି ପାଇଁ ଆଶୀର୍ବାଦ ବଦଳରେ ଏକ ଭୟଙ୍କର ଅଭିଶାପରେ ପରିଣତ ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ । ବର୍ତ୍ତମାନର ଆବଶ୍ୟକତା ହେଉଛି ତ୍ୱରିତ ପଦକ୍ଷେପ, ବୈଷୟିକ ସ୍ୱଚ୍ଛତା ଏବଂ ନିରବଚ୍ଛିନ୍ନ ବିଶ୍ୱସ୍ତରୀୟ ସହଯୋଗ, ଯାହା ବିନା ଏହି 'ଅଜ୍ଞାତ ବିପଦ'ର ସାମ୍ନା କରିବା ମାନବ ସମାଜ ପାଇଁ ସମ୍ଭବପର ନୁହେଁ ।

ଧ୍ୱନି ପ୍ରତିଧ୍ୱନି



# ଅଧା ବିଶ୍ୱ ପାଇଁ ଜଳ ସଙ୍କଟ ଓ ଅସନ୍ତୁଳନ ବିଶ୍ୱ !!

ନିବେଦିତା ପ୍ରିୟଦର୍ଶିନୀ ଶୁକ୍ଲା

ବସନ୍ତ ଋତୁ ସରିନି, ସକାଳୁ ସକାଳୁ ଥଣ୍ଡାଳିଆ ପାଗ, ମର୍ଣ୍ଣିଂ ୱାର୍କ ପାଇଁ ବହୁତ ବଢ଼ିଆ ସମୟଟି। ଆଉ ବସନ୍ତ ଋତୁକଥା କହିଲେ କୋଇଲି କଥା ଉଠିବ ନିଶ୍ଚୟ। ବର୍ତ୍ତମାନର ଭୌଗୋଳିକ ଓ ପାଣିପାଗ ଜନିତ ପରିବେଷ୍ଟନୀର ଅବ୍ୟବସ୍ଥା ଯାହା ପାହାନ୍ତି ସକାଳର ବା ପାହାନ୍ତି ମୁହୂର୍ତ୍ତର କୋଇଲିର କୁହୁ କୁହୁ ତାନ ଏବେ ଖରାବେଳେ ମଧ୍ୟ ଶୁଭୁଛି । ଗୋଟିଏ ଧାଡ଼ିରେ କହିବାକୁ ଗଲେ ସମଗ୍ର ପରିବେଶ ଓ ପାଣି ପାଗ ଏକ ବହୁତ ବଡ଼ ବିପର୍ଯ୍ୟୟକୁ ସାମ୍ନା କରିବା ପାଇଁ ଯାଉଛି । ଆମ୍ଭ ମାନଙ୍କର କାର୍ଯ୍ୟକଳାପ ଯୋଗୁଁ ତମାମ ବିଶ୍ୱ ବର୍ତ୍ତମାନ ଅସନ୍ତୁଳନର ଗୋଟାଏ ବିପର୍ଜ୍ୟନକ ପର୍ଯ୍ୟାୟରେ ପ୍ରବେଶ କରିଛି ବୋଲି ବୈଜ୍ଞାନିକ ଓ ପରିବେଶ ବିଜ୍ଞାନୀ ମାନେ ମଧ୍ୟ ସାବଧାନ କରାଇ ଦେଇଛନ୍ତି। ନିକଟରେ ବୈଷୟିକ ଜଳବାୟୁ ମୂଲ୍ୟାୟନର ଯାହା ରିପୋର୍ଟ ପ୍ରକାଶ ପାଇଛି ତାହା ଆଖି ତରାଟି ଦେଲାଭଳି। ୨୦୧୫ରୁ ୨୦୨୫ ଅର୍ଥାତ୍ ଏଗାର ବର୍ଷ ଭିତରେ ଅସହ୍ୟ ଗରମ ବା ନାହିଁ ନଥିବା ଗରମ ଅନୁଭୂତ ହୋଇଛି। ତେବେ ଖାଲି ପାଣିପାଗର ଏହି ଉଦବେଗ ଏକା ହୋଇ ରହିନାହିଁ ଅନ୍ୟ ଏକ ସମ୍ଭାବିତ ଦିଗଟି ମଧ୍ୟ ଆମ ସମସ୍ତଙ୍କ ପାଇଁ ଚିନ୍ତାଜନକ ନିଶ୍ଚୟ। ନିକଟରେ ବିଶ୍ୱସ୍ତରୀୟ ପରିସଂଖ୍ୟାନର ତଥ୍ୟ ଯାହା ସୂଚୀତ କରିଛି ତାହାକୁ ଆଧାର କରିଦେଖିଲେ ବିଶ୍ୱର ଅଧା ଜନସଂଖ୍ୟା ଏବେ ଜଳ ସଙ୍କଟ ଦେଇ ଗତି କରୁଛି। ଅର୍ଥାତ୍ ୪୦୦ କୋଟି ଲୋକ ଘୋର ଜଳ ସଙ୍କଟରେ ରହିଛନ୍ତି। ଜାତିସଂଘ ତରଫରୁ ପ୍ରକାଶିତ ଏକ ରିପୋର୍ଟରେ ଏଭଳି ଉଦବେଗଜନକ ତଥ୍ୟ ଦିଆଯାଇଛି। କେବଳ ସେତିକି ନୁହେଁ, ବିଶ୍ୱର ୧୦୦ଟି ବୃହତ୍ତମ ସହର ମଧ୍ୟରୁ ଅଧା ଅର୍ଥାତ୍ ୫୦ଟି ସହର ଗମ୍ଭୀର ଜଳ ସଙ୍କଟର ସମ୍ମୁଖୀନ ହେଉଛନ୍ତି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଉଛି। ଏଥିରେ ଦିଲ୍ଲୀ, ବେଜିଂ, ନ୍ୟୁୟର୍କ ଭଳି ସହର ଅନ୍ତର୍ଭୁକ୍ତ। ରିପୋର୍ଟ ଅନୁଯାୟୀ ୨୯ଟି ସହରର ସ୍ଥିତି ଅତ୍ୟନ୍ତ ଗମ୍ଭୀର ବୋଲି ଦର୍ଶାଯାଇଛି। ଏଥିରେ ଭାରତର ରାଜଧାନୀ ଦିଲ୍ଲୀ ଚତୁର୍ଥ ସ୍ଥାନରେ ରହିଥିବା ବେଳେ କୋଲକାତା ୯ମ, ମୁମ୍ବାଇ ଦ୍ୱାଦଶ, ବେଙ୍ଗାଲୁର ୨୪ତମ ଓ ଚେନ୍ନାଇ ୨୯ତମ ସ୍ଥାନରେ ରହିଛି। ହାଇଦ୍ରାବାଦ, ଅମହଦାବାଦ, ସୁରତ ଓ ପୁଣେ ମଧ୍ୟ ଦୀର୍ଘକାଳୀନ ଜଳ ସଙ୍କଟର ସମ୍ମୁଖୀନ ହେଉଛନ୍ତି।

ଆଫଗାନିସ୍ଥାନ ରାଜଧାନୀ କାବୁଲ ସମ୍ପୂର୍ଣ୍ଣ ଜଳଶୂନ୍ୟ ହେବାରେ ପ୍ରଥମ ଆଧୁନିକ ସହର ହେବାର ଆଶଙ୍କା ସୃଷ୍ଟି ହୋଇଛି। ସେହିପରି ଅତ୍ୟଧିକ ଭୂତଳ ଜଳ ବ୍ୟବହାର କାରଣରୁ ମେକ୍ସିକୋ ସିଟି ପ୍ରତିବର୍ଷ ପ୍ରାୟ ୨୦ ହଜାର ଇଞ୍ଚ ତଳକୁ ଧସିବା ଅର୍ଥାତ୍ ଦବିବାରେ ଲାଗିଛି। ଆମେରିକାର ଦକ୍ଷିଣ-ପଶ୍ଚିମ ରାଜ୍ୟ ଗୁଡ଼ିକରେ କଲୋରଡ଼ୋ ନଦୀ ଜଳକୁ ନେଇ ଟଣାଓଟରା ଚାଲିଛି। ମଝିରେ ଆମେ ଏକ ଆଶ୍ଚର୍ଯ୍ୟଜନକ ଖବର ଦେଖିଥିଲେ ଯେ ଦୁବାଇ, କୁଏତ ଓ ସାଉଦିଆରବରେ ଅନେକ ବର୍ଷ ପରେ ଅଚାନକ ବର୍ଷା ହୋଇ ମରୁଭୂମିର ଏହି ମୂଳକରେ ବନ୍ୟା ଦେଖିବାକୁ ମିଳିଥିଲା। ଆରବ ମରୁ ରାଜ୍ୟରେ ବନ୍ୟା, ଏ ଦୃଶ୍ୟଟି ସମଗ୍ର ବିଶ୍ୱବାସୀଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଥିଲା ମଧ୍ୟ। ପାଣିପାଗର ସନ୍ତୁଳନ କିପରି ଭୟାନକ ଭାବେ ବିଗିଡ଼ି ଯାଇଛି ଏହିଥିରୁ ଅନୁମାନ କରନ୍ତୁ।

ରିପୋର୍ଟ ଅନୁଯାୟୀ ନଦୀ ଏବଂ ହ୍ରଦ ସଙ୍କୁଚିତ ହେବାରେ ଲାଗିଛି। ଭୂତଳ ଜଳ ହ୍ରାସ ପାଉଛି ଓ ଆର୍ଦ୍ରଭୂମି ଶୁଖି ଯାଉଛି। ଜମି କମି ଯାଉଛି, ଗର୍ତ୍ତ ସୃଷ୍ଟି ହେଉଛି ଏବଂ ମରୁଭୂମି ବିସ୍ତାର ହେଉଛି। ପ୍ରତିବର୍ଷ ୪ ବିଲିଅନ ବା ୪୦୦ କୋଟି ଲୋକ ଅତିକମରେ ଗୋଟିଏ ମାସ ପାଇଁ ଜଳାଭାବର ଶିକାର ହେଉଛନ୍ତି। ଇରାନ ରାଜଧାନୀ ତେହେରାନ କ୍ରମାଗତ ଷଷ୍ଠ ବର୍ଷ ପାଇଁ ମରୁଡ଼ିର ସମ୍ମୁଖୀନ ହେଉଛି ଓ ଡେ ଜିରୋ ଅର୍ଥାତ୍ ଶୂନ୍ୟ ଦିନର ବହୁତ ନିକଟତର ହେଉଛି। ଅତ୍ୟଧିକ ଜଳ ସଙ୍କଟ ବା ମୌଳିକ ଆବଶ୍ୟକତାର ପୂରଣ ପାଇଁ ପାଣିର ଅଭାବକୁ ଡେ ଜିରୋ ବୋଲି କୁହାଯାଇଥାଏ। ଇରାନରେ ନିକଟ ଭବିଷ୍ୟତରେ ଏପରି ଦିନ ଆସିବ ଯେଉଁ ଦିନ ନାଗରିକଙ୍କ ପାଇଁ ପାଣି ରହିବ ନାହିଁ। ଦକ୍ଷିଣ ଆଫ୍ରିକା ରାଜଧାନୀ କେପ ଟାଉନ ଓ ଚେନ୍ନାଇ ମଧ୍ୟ ପୂର୍ବରୁ ଏହି ସ୍ଥିତିରେ ପହଞ୍ଚି ସାରିଛନ୍ତି।

ଜାତିସଂଘ ବିଶ୍ୱବିଦ୍ୟାଳୟ ଜଳ, ପରିବେଶ ଏବଂ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ତଥ୍ୟ ଅନୁଯାୟୀ ଆମକୁ ଏକ ନୂତନ ଓ ସୀମିତ ବାସ୍ତବତା ସହ ବଞ୍ଚିବା ଶିଖିବାକୁ ପଡ଼ିବ। ୧୯୯୦ ପରଠାରୁ ବିଶ୍ୱର ଅଧା ପ୍ରମୁଖ ହ୍ରଦ ଜଳ ହରାଇବାରେ ଲାଗିଛି। ଭୂତଳ ଜଳ ଭଣ୍ଡାର ନିରନ୍ତର ୭୦ ପ୍ରତିଶତ ହ୍ରାସ ପାଇଛି। ଗତ ୫୦ ବର୍ଷ ମଧ୍ୟରେ ୟୁରୋପ ଅନେକ ଆର୍ଦ୍ରଭୂମି ଅଦୃଶ୍ୟ ହୋଇଗଲାଣି। ୧୯୭୦ ପର ଠାରୁ ହିମପ୍ରବାହ ପ୍ରାୟ ୩୦ ପ୍ରତିଶତ ସଙ୍କୁଚିତ ହୋଇଛି। ତେଣୁ ଆଗକୁ ବିଶ୍ୱ ପାଇଁ ଏକ ମହାଜଳ ସଙ୍କଟ ସ୍ଥିତି ଆସୁଛି ବୋଲି ଧରି ନେବାକୁ ହେବ। ସାରା ବିଶ୍ୱର ଅଧିବାସୀ ଏ ନେଇ ସଚେତନ ହେବାର ଆବଶ୍ୟକତା ରହିଛି। ସବୁଠାରୁ ବଡ଼କଥା ହେଉଛି ଆମ୍ଭେମାନେ ପ୍ରାକୃତିକ ଅନେକ ଜଳ ଉତ୍ସକୁ ଏହା ଉପରେ କଂକ୍ରିଟ ଜଙ୍ଗଲ ଗଢ଼ି ଏହାର ସ୍ରୋତକୁ ବନ୍ଦ କରିଦେଉଛୁ ଯାହାର କୁପରିଣତି ସ୍ଥାନୀୟ ଅଧିବାସୀଙ୍କୁ ଭୋଗିବାକୁ ପଡୁଛି ମଧ୍ୟ। ସେହିପରି ଅବିରତ ଭାବେ ଆମ୍ଭେମାନେ ଅନେକ କ୍ଷେତ୍ରରେ ଜଳ ନଷ୍ଟ କରୁଛୁ। ଆପଣ ଅନେକ ସ୍ଥାନରେ ରାସ୍ତାରେ ଗଲାବେଳେ ଲକ୍ଷ୍ୟ ରଖିଥିବେ ରାସ୍ତାକଡ଼ର ଟ୍ୟାପରୁ ଦିନ ରାତି ପାଣି ବୋହି ଚାଲିଥିବ। ଏପଟେ ଆମେ ଏହି ରାଜ୍ୟରେ ମଧ୍ୟ ବାସ କରୁଛେ ଯେଉଁଠି କି ରାଜ୍ୟର କିଛି ଉପାନ୍ତ ଓ ପାର୍ବତ୍ୟ ଘେରା ଅଞ୍ଚଳରେ ସ୍ଥାନୀୟ ଲୋକମାନେ ଅନେକ ବାଟ ଚାଲି ଚାଲି ଯାଉଛନ୍ତି। ସେହିପରି ବିଭିନ୍ନ ସଫା ସଫି ଓ ଅଯଥା ସୌଖିନ କାର୍ଯ୍ୟ ପାଇଁ ଆମେମାନେ ମଧ୍ୟ ଅପର୍ଯ୍ୟାପ୍ତ ଜଳ ନଷ୍ଟ କରୁଛୁ। ଜଳ ଯେ କେତେ ମୂଲ୍ୟବାନ ଆମେ ବ୍ୟକ୍ତିଗତ ଜୀବନରେ ଅନୁଭବ କରିଛେ। ପାଣି ମୁନ୍ଦାଏ ପାଇଁ ଅନେକ ଲୋକଙ୍କ ଜୀବନ ଅକାଳରେ ଚାଲିଯିବାର ଖବର ଆମ ଆଖପାଖରେ ଅନେକଙ୍କ ଠାରେ ଦୁଃଖଦ ଅନୁଭୂତି ଭାବରେ ଥିବ। ତେଣୁ ସମୟ ପହଞ୍ଚିଛି ପ୍ରକୃତିର ଏହି ଶକ୍ତି ଅସନ୍ତୁଳନ କଥା ଚିନ୍ତା କରିବା ବୈଜ୍ଞାନିକମାନେ ମଧ୍ୟ ସହଯେ ସତର୍କ କରିସାରିଲେଣି ଯେ ପୃଥିବୀରେ ଗଚ୍ଛିତ ଥିବା ବରଫ ହ୍ରାସ ପାଇଚାଲିଛି ପ୍ରାୟ ଏକ ଦଶନ୍ଧି ହେବ ସମୁଦ୍ର ଉତ୍ତାପ ମଧ୍ୟ ରେକର୍ଡ଼ ସ୍ତରରେ ପହଞ୍ଚିଛି। ଏଥିଯୋଗୁଁ ଭୀଷଣ ବାତ୍ୟା, ସାମୁଦ୍ରିକ ଝାଞ୍ଜି ଏହାର ପ୍ରଭାବରେ ବନ୍ୟା ଓ ମରୁଡ଼ି ପରି ଅନେକ ପ୍ରକୃତିଗତ କୁ ପ୍ରଭାବ ପରିଲକ୍ଷିତ ହେବ। ଦୁଃଖ ଏଇଠି ମଧ୍ୟ ସରିନାହିଁ। ଆମ୍ଭେମାନେ ପରିବେଶକୁ ଦିନକୁ ଦିନ ଯେଉଁପରି ଭାବରେ କାର୍ବନଡାଇଅକ୍ସାଇଡ଼, ମିଥେନ, ନାଇଟ୍ରସ ଅକ୍ସାଇଡ଼ ଭଳି ଗ୍ରୀନ ହାଉସ ଗ୍ୟାସ ବା ଉତ୍ତାପ ଆବଦ୍ଧକାରୀ ବାଷ୍ପ ବଢ଼ାଇବାରେ ପ୍ରମୁଖ ଓ ପରୋକ୍ଷ ଭୂମିକା ନିର୍ବାହ କରୁଛେ ଏହା ତମାମ ବିଶ୍ୱର ଶକ୍ତି ସନ୍ତୁଳନର ବିଭ୍ରାଟ ଘଟାଇବା ପାଇଁ ଯଥେଷ୍ଟ। ବୈଜ୍ଞାନିକଙ୍କ ତଥ୍ୟ ଏହା ମଧ୍ୟ ସ୍ପଷ୍ଟ କରିଛି ଯେ ଜଳବାୟୁ ପରିବର୍ତ୍ତନ କେବଳ ଭୟାନକ ଜଳ ସଙ୍କଟ ନୁହଁ ଖାଦ୍ୟ ସଙ୍କଟ, ସ୍ୱାସ୍ଥ୍ୟ ସମସ୍ୟା ଓ ବିଭିନ୍ନ ସଂକ୍ରାମକ, ଆକସ୍ମିକ ଓ ଦୀର୍ଘକାଳୀନ ରୋଗ ବ୍ୟାପିବା ପାଇଁ ମଧ୍ୟ ଜଡ଼ିତ। ଯାହାର ବିପର୍ଯ୍ୟୟର କୁପରିଣତି ନିମିତ୍ତ ବିପୁଳ ଲୋକ ବାସହରା ହେବେ। ତେଣୁ ଏସବୁ ଦିଗକୁ ଦେଖି ଜଳ ସଙ୍କଟ ଠାରୁ ବିଶ୍ୱରେ ସନ୍ତୁଳନର କିପରି ଯଥାର୍ଥ ଉତ୍ତରଦାୟୀ ଭୂମିକା ନିର୍ବାହ କରିବା ଆସନ୍ତୁ ଏହି ଦାୟିତ୍ୱରେ ଆମେ ସମସ୍ତେ ନିଜକୁ ସାମିଲ କରିବା।

+ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, ଚହଟା ନଗର, ଲେନ୍-୬, କଟକ-୧୪,
ମୋ: ୭୦୦୮୪୭୮୯୮୬



# ଆମ ପରମ୍ପରା ଏବଂ ସଂସ୍କୃତିର ପରିଚୟ - ଦଣ୍ଡୁଆ ନାଚ

ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ଓଡିଶାର ସାମାଜିକ ଏବଂ ଧାର୍ମିକ ପରମ୍ପରାରେ, 'ଦଣ୍ଡୁଆ ନୃତ୍ୟ' ଏକ ଅତି ପ୍ରାଚୀନ ଏବଂ ଆଧାତ୍ମିକ ଭାବରେ ଗୁରୁତ୍ୱପୂର୍ଣ୍ଣ ଲୋକନୃତ୍ୟ ଏବଂ ବିଧି ଭାବରେ ପରିଚିତ । ଏହା କେବଳ ଏକ ନୃତ୍ୟ ନୁହେଁ ବରଂ ଭକ୍ତି, ତ୍ୟାଗ, ଶୃଙ୍ଖଳା ଏବଂ ଆତ୍ମ-ଶୁଦ୍ଧିର ମିଶ୍ରଣ ପ୍ରଥା। ଏହି ଦଣ୍ଡୁଆ ନାଚ ଗଞ୍ଜାମ, ଗଜପତି, କୋରାପୁଟ, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା ଏବଂ ଓଡ଼ିଶାର ଅନ୍ୟାନ୍ୟ ଜିଲ୍ଲାରେ ଅତ୍ୟନ୍ତ ଉତ୍ସାହ ଏବଂ ନିଷ୍ଠାର ସହିତ ପାଳିତ ହୁଏ। ଏହା ସାଧାରଣତଃ 'ଦଣ୍ଡ ଯାତ୍ରା' ଭାବରେ ମଧ୍ୟ ଜଣାଶୁଣା ଏବଂ ବିଶେଷକରି ଓଡିଆ ଚୈତ୍ର ମାସରେ ପାଳିତ ହୁଏ। ଦଣ୍ଡୁଆ ନାଚର ଇତିହାସ ବହୁତ ପୁରୁଣା। ଏହାର ମୂଳ ଭାରତୀୟ ସନାତନ ଧର୍ମରେ ମଧ୍ୟ ରହିଛି। ପୁରାଣ ଏବଂ ଲୋକକଥା ଅନୁସାରେ, ଏହା ଭଗବାନ ଶିବ ଏବଂ ଶକ୍ତିଙ୍କ ପୂଜା ସହିତ ଜଡିତ। ଦଣ୍ଡୁଆ ଭକ୍ତମାନେ ନିଜକୁ ଭଗବାନ ଶିବଙ୍କ ଭକ୍ତ ବୋଲି ମାନିଥାନ୍ତି ଏବଂ ତାଙ୍କୁ ଖୁସି କରିବା ପାଇଁ ବିରଳ ଆଧାତ୍ମିକ ଅଭ୍ୟାସ କରନ୍ତି। 'ଦଣ୍ଡ' ଶବ୍ଦର ଅର୍ଥ ତପସ୍ୟା ବା ଶୃଙ୍ଖଳା। ଏହି ନୃତ୍ୟ ମାଧ୍ୟମରେ ଭକ୍ତମାନେ ସେମାନଙ୍କର ଶରୀର ଏବଂ ମନକୁ ନିୟନ୍ତ୍ରଣ କରନ୍ତି, ନିଜ ଶରୀରକୁ ତାଙ୍କ ଇଷ୍ଟଦେବ ପାଇଁ କଷ୍ଟ ଦିଅନ୍ତି ଏବଂ ଦେବତାଙ୍କୁ ଖୁସି କରାନ୍ତି। ପ୍ରାଚୀନ କାଳରେ, ଏହା ଏକ ଧାର୍ମିକ ଉପବାସ ଭାବରେ ଆରମ୍ଭ ହୋଇଥିଲା, ଯାହା ପରେ ଏକ ଲୋକନୃତ୍ୟରେ ପରିଣତ ହୋଇଥିଲା।

ଦଣ୍ଡୁଆ ନୃତ୍ୟ ମୁଖ୍ୟତଃ ଚୈତ୍ର ମାସରେ ପାଳିତ ହୁଏ, ଯାହା ଓଡ଼ିଆ ନବବର୍ଷ ପୂର୍ବରୁ ପାଳିତ ହୁଏ। ଏହା ପ୍ରାୟ ୧୩ ରୁ ୨୧ ଦିନ ପର୍ଯ୍ୟନ୍ତ ଲାଗେ। କିଛି ସ୍ଥାନରେ, ଏହି ଉପବାସ ୨୧ ଦିନ ପାଇଁ ପାଳନ କରାଯାଏ, ଅନ୍ୟ ସ୍ଥାନରେ ୧୩ ଦିନ ପାଇଁ ଏବଂ ଅନ୍ୟ ସ୍ଥାନରେ ୧୮ ଦିନ ପାଇଁ ପାଳନ କରାଯାଏ। ଏହି ସମୟ ମଧ୍ୟରେ, ଦଣ୍ଡୁଆମାନେ ଉପବାସ, ପବିତ୍ର ଜୀବନଯାପନ, ବ୍ରହ୍ମଚର୍ଯ୍ୟ ଏବଂ ତପସ୍ୟା ଭଳି କଠୋର ନିୟମ ପାଳନ କରନ୍ତି। ସେମାନେ ଗାଆଁ ରୁ ଗାଆଁ ଯାତ୍ରା କରି ଭଜନ ଗାନ କରନ୍ତି, ମନ୍ତ୍ର ଜପ କରନ୍ତି ଏବଂ ନୃତ୍ୟ କରନ୍ତି। ଏହି ଯାତ୍ରା ସମୟରେ ଦଣ୍ଡୁଆମାନେ ଏକ ନିର୍ଦ୍ଦିଷ୍ଟ ନୀତି ଅନୁସରଣ କରନ୍ତି ତଥା ମାଛ, ମାଂସ, ମଦ୍ୟପାନ, ପିଆଜ ଏବଂ ରସୁଣ ପରିତ୍ୟାଗ କରନ୍ତି। ସେମାନେ ପ୍ରାର୍ଥନା ଏବଂ ଧ୍ୟାନରେ ଯଥେଷ୍ଟ ସମୟ ବିତାଇଥାନ୍ତି । ସେମାନେ ଭୂମିରେ ଶୋଇଥାନ୍ତି ଏବଂ ନିଜ ଶରୀରକୁ ଯନ୍ତ୍ରଣା ଦେଇ ତପସ୍ୟା କରନ୍ତି। ଏହି ନିୟମଗୁଡ଼ିକୁ ପାଳନ କରି ସେମାନେ ନିଜକୁ ଆଧାତ୍ମିକ ଭାବରେ ପବିତ୍ର କରିବାକୁ ଚେଷ୍ଟା କରନ୍ତି। ଦଣ୍ଡୁଆ ନୃତ୍ୟ ଓଡ଼ିଶାର ଏକ ଅନନ୍ୟ ପରମ୍ପରା । ଏହାର କିଛି ସ୍ୱତନ୍ତ୍ର ବୈଶିଷ୍ଟ୍ୟ ହେଉଛି - ନର୍ତ୍ତକ ମାନେ ଶିବ ଏବଂ ଶକ୍ତିଙ୍କ ପ୍ରଶଂସାରେ ଗୀତ ଗାନ କରନ୍ତି ଏବଂ ନୃତ୍ୟ ସହିତ ଅଭିନୟ ମଧ୍ୟ କରିଥାନ୍ତି । ସେମାନେ ଶରୀରକୁ ଭୂମିରେ ଘୋଷିବା ଏବଂ ନିଆଁ ଉପରେ କଷ୍ଟମୟ ଚାଲିବା ଭଳି ଗତିବିଧି କୁ ସର୍ବ ସମ୍ମୁଖରେ ପ୍ରଦର୍ଶନ କରନ୍ତି। ସେମାନେ ଢୋଲ, ମହୁରୀ, ଝାଞ୍ଜ ଏବଂ ଅନ୍ୟାନ୍ୟ ବାଦ୍ୟଯନ୍ତ୍ର ବ୍ୟବହାର କରନ୍ତି ଓ ତାହାର ତାଳେ ତାଳେ ନୃତ୍ୟ କରନ୍ତି ।

ଦଣ୍ଡ ନୃତ୍ୟ ମୁଖ୍ୟତଃ ଦୁଇ ପ୍ରକାର। ଯଥା ଜଳ ନୃତ୍ୟ ଏବଂ ଅଗ୍ନି ନୃତ୍ୟ। ଜଳ ନୃତ୍ୟରେ, ନୃତ୍ୟଶିକ୍ଷୀମାନେ ଜଳ ସମ୍ବନ୍ଧୀୟ କାର୍ଯ୍ୟକଳାପ ପ୍ରଦର୍ଶନ କରନ୍ତି ଯାହା ଶାନ୍ତ ଏବଂ ସରଳ । ଅଗ୍ନି ନୃତ୍ୟ ଅଧିକ କଷ୍ଟକର ଏବଂ ତପସ୍ୱାରତ , ଯେଉଁଥିରେ ନିଆଁ ଉପରେ ଚାଲିବା ଏବଂ ନିଆଁ ସହିତ ଖେଳିବା ଇତ୍ୟାଦି ଇତ୍ୟାଦି ଅନ୍ତର୍ଭୁକ୍ତ। ନୃତ୍ୟଶିକ୍ଷୀମାନେ ଧୋତି କିମ୍ବା ଲୁଙ୍ଗି ପରି ସରଳ ପୋଷାକ ପିନ୍ଧନ୍ତି। ସେମାନେ ନିଜ ଶରୀରକୁ ଲାଲ କିମ୍ବା ହଳଦିଆ ରଙ୍ଗ ଲେପନ କରନ୍ତି , ମାଳା ଏବଂ ତିଳକ ପିନ୍ଧନ୍ତି ଏବଂ କେତେକ ସମୟରେ ମୁଣ୍ଡରେ ପଗଡି ମଧ୍ୟ ବାନ୍ଧନ୍ତି। ଏହି ସାଜସଜ୍ଜା ସେମାନଙ୍କର ଧାର୍ମିକ ଭାବନାକୁ ପ୍ରତିଫଳିତ କରେ। ଏହି ନୃତ୍ୟ ଓଡ଼ିଆ ସଂସ୍କୃତିରେ ବହୁତ ଗୁରୁତ୍ୱପୂର୍ଣ୍ଣ ତଥା ପରମ୍ପରା ଯୁକ୍ତ । ଲୋକମାନେ ଏକାଠି ପୂଜା କରିବା ଏବଂ ପରସ୍ପର ସହିତ ଭାବନା ବିନିମୟ କରିବା ସହିତ ଏହା ଧାର୍ମିକ ଏକତା ମଧ୍ୟ ବଜାୟ ରଖେ। ସମ୍ପ୍ରଦାୟ ସମ୍ପ୍ରଦାୟ ମଧ୍ୟରେ ଉତ୍ତମ ସମ୍ପର୍କ ଗଠନ ହୁଏ। ଏହା ଗ୍ରାମାଞ୍ଚଳ ମଧ୍ୟରେ ଏକତାକୁ ପ୍ରୋତ୍ସାହିତ କରେ। ଏହା ଆମର ସଂସ୍କୃତି ଏବଂ ପରମ୍ପରାକୁ ରକ୍ଷା କରେ ଏବଂ ପ୍ରାଚୀନ ପରମ୍ପରାକୁ ଜୀବନ୍ତ ରଖେ। ଏହା ନୈତିକତା ଶିକ୍ଷା ଦିଏ। ଏହା ଜୀବନରେ ଶୃଙ୍ଖଳା, ସଂଯମ ଏବଂ ତ୍ୟାଗର ମଧ୍ୟ ଶିକ୍ଷା ଦିଏ।

ଆଜିର ଆଧୁନିକ ସମୟରେ ମଧ୍ୟ ଏହି ଦଣ୍ଡ ନୃତ୍ୟ ତାହାର ଗୁରୁତ୍ୱ ହରାଇ ନାହିଁ। ଯଦିଓ ଆଧୁନିକତା ଏହାକୁ ପ୍ରଭାବିତ କରିଛି, ତଥାପି ଗ୍ରାମାଞ୍ଚଳରେ ଏହା ଭକ୍ତି ଏବଂ ସମ୍ମାନ ସହିତ ପାଳିତ ହେଉଛି । କିଛି ସ୍ଥାନରେ ଏହାକୁ ଏକ ଉତ୍ସବ ଭାବରେ ପ୍ରଚାର କରାଯାଉଛି ଏବଂ ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି। ତଥାପି, ଏହା ଭବିଷ୍ୟତରେ ଏବଂ ଭବିଷ୍ୟତ ପାଇଁ ଅସୁବିଧା ଏବଂ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। କାରଣ ଆଜିର ଆଧୁନିକ ଯୁଗରେ ଯୁବ ପିଢ଼ି ଏଥିରେ ଆଗ୍ରହ ହରାଇ ବସିଛନ୍ତି। ମୁଖ୍ୟ ଭାବରେ ସହରୀକରଣ ଏହା ପାଇଁ ଏକ ଅତ୍ୟନ୍ତ ନକାରାତ୍ମକ ପ୍ରଭାବ ପକାଉଛି। ଭବିଷ୍ୟତରେ ଆର୍ଥିକ ପ୍ରତିବନ୍ଧକ ମଧ୍ୟ ଏକ ପ୍ରମୁଖ ଚ୍ୟାଲେଞ୍ଜ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ । ତେଣୁ, ଏହି ନୃତ୍ୟକୁ ସଂରକ୍ଷଣ କରିବା ପାଇଁ ସରକାରୀ ସହାୟତା ଓ ଇଚ୍ଛା ନିତ୍ୟାନ୍ତ ଅପରିହାର୍ଯ୍ୟ। ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ସରକାରଙ୍କ ଦ୍ୱାରା ପ୍ରଚାର ଏବଂ ପ୍ରସାର କରାଯିବା ଆବଶ୍ୟକ। ଶିକ୍ଷା ବ୍ୟବସ୍ଥା ମଧ୍ୟରେ ଏହାକୁ ସମ୍ବେଦନଶୀଳ କରିବା ଏବଂ ବିଶେଷକରି ଯୁବପିଢ଼ିଙ୍କୁ ପ୍ରେରଣା ଦେବା ଗୁରୁତ୍ୱପୂର୍ଣ୍ଣ। ଦଣ୍ଡ ନୃତ୍ୟ ବହୁ ପୁରାତନ ତଥା ଓଡିଶାର ଅସ୍ମିତାର ପରିଚୟ ଓ ଏହା ହେଉଛି ଓଡ଼ିଶାର ଆତ୍ମା। ଏହା କେବଳ ଏକ ନୃତ୍ୟ ନୁହେଁ ବରଂ ଭକ୍ତି, ତ୍ୟାଗ ଏବଂ ସଂଯମର ଏକ ଜୀବନ୍ତ ଉଦାହରଣ। ଏହା ଆମକୁ ଶିକ୍ଷା ଦିଏ ଯେ ଶୃଙ୍ଖଳା ଏବଂ ନିୟମ ପାଳନ ଜୀବନରେ ସଫଳତା ଏବଂ ଶାନ୍ତି ଆଣିଥାଏ। ଆମ ସମସ୍ତଙ୍କୁ ଏହି ପୁରୁଣା ପରମ୍ପରାକୁ ସଂରକ୍ଷଣ କରିବାକୁ ପଡିବ ଯାହା ଆଗାମୀ ପିଢ଼ି ପାଇଁ ଏକ ମୂଲ୍ୟବାନ ଐତିହ୍ୟ ହୋଇ ରହିପାରିବ।

+ଅରଙ୍ଗାବାଦ ବରୀ ଯାଜପୁର
ମୋ: ୮୨୪୯୫୦୨୭୭୬

କବିତା କୋଣାର୍କ

## ଗ୍ରୀଷ୍ମ

ଦିନେଶ ମେହେର



ପ୍ରାୟ ଘଂଟାଏ ହେବ
ହାତୀନଦୀ ପୋଲ ଉପରେ ବସି
ଭାବି ଚାଲିଛି ଅନେକ କିଛି,
କିଛି ଆଶା, ସ୍ୱପ୍ନ ଆଉ ସ୍ମୃତିକୁ....!
ହଠାତ୍, ଦଲକାଏ ପବନ ଆସି
ପିଟି ହୋଇଯାଏ ମୁହଁ ଉପରେ
ଏଇ ଏବେଏବେ ପୋଖରୀରେ
ପଦ୍ମଫୁଲ ଫୁଟିଲା ପରି
ମୁହଁରେ ଫୁଟିଥିବା ବ୍ରଣର
ଯନ୍ତ୍ରଣା ସବୁ
କିଛିଟା ସମୟ ପାଇଁ ଥମିଗଲା
କେଜାଣି ?
ଭାବେ,
ଏସବୁ ବାସ୍ତବ ନା ସ୍ୱପ୍ନ
ଏହାର ପରିକଳ୍ପନା କ'ଣ
ଜଣାନଥିଲା ସତରେ ?
ଦେଖ,
କଳାହାଣ୍ଡିରୁ କନ୍ଧମାଳ ଏବେ ସବୁଠି
ରାଜୁଡି ଡାଡି, ଆଉ ତତଲା ବାଆର,
ମହଣ ମହଣ ଝାଳରେ ସଉଦା ହେଉଛି
ମଣିଷ ଜୀବନ,
ଚପଳ ଲେସି ହୋଇଯାଇଥିବା
କଂକ୍ରିଟ ରାସ୍ତାସବୁ
ଏବେ ପାଲଟିଛି ଅଗ୍ନିପଥ,
କେଜାଣି କେତେବେଳେ
ଦେହଟା ଜଳିପୋଡ଼ି
ପାଉଁଶ ହେଇଯିବ.....!
ଚାରିଆଡେ କେବଳ ନିଆଁହୋଳା
ଡହ ଡହ ଖରାରେ
ଡହଳବିକଳ ସଭିଏଁ,
ଠିକ୍ ସଞ୍ଜ ନଇଁବା ବେଳେ
ତାତିରୁ ତ୍ରାହି ପାଇବା ବେଳକୁ
ଘନା ଡଙ୍ଗରରେ ଆରମ୍ଭ ହେଇଯାଏ
ମାଙ୍କଡ଼ବିହା (ଡଙ୍ଗର ପୋଡ଼ି)
କାହାର ଅସାବଧାନତା ଯୋଗୁଁ
ହୁତୁହୁତୁ ହେଇ
ଜଳିଯାଏ ସବୁତକ ଆଶା,
ଏଇ ଡଙ୍ଗର, ଖମନ ତ ଏକମାତ୍ର ଆଶା
ଏଇ ତାତିରୁ ଟିକେ ତ୍ରାହି ପାଇବାକୁ
ହେଲେ ସେସବୁ ଏବେ
ଶେଷ ହେଇ ଚାଲିଛି
ଆଖି ଆଗରେ,
ଦୋଷ କାହାର,
ତମର, ମୋର
ନା ଜଙ୍ଗଲକୁ
ସୁରକ୍ଷା ଦେଉଥିବା ଆଇନର......?

+ସ୍ନାତକୋତ୍ତର,
ଇତିହାସ ବିଭାଗ -୧
ଭବାନୀପାଟଣା, କଳାହାଣ୍ଡି
ମୋ - ୮୦୧୮୮୨୮୪୫୬

## ମାଟିର ମଣିଷ

ବେଣୁଧର ସୂତାର

ସୁଖର ସୂରୁଜ ଆସେନି ଯା ପାଇଁ
ଆଲୋକର ରୂପ ନେଇ
ସବୁଜ ଧରାର ସିଏ ରୂପକାର
ମାଟିର ମଣିଷ ସେହି ।।
ବିଳାସବାଦର ପ୍ରଚଣ୍ଡ ବିରୋଧି
ରୁଦ୍ର ସାଧନା ତା,ର
ନିଖିଳ ମୁଖରେ ହସ ଫୁଟାଇବା
ତା ଜୀବନ ଅଙ୍ଗୀକାର ।।
ଧମନୀ ଚିପୁଡି ରକ୍ତ ନିଗାଡି
ଲଗାଇ ପରାଣ ବାଜି
ବସୁମତୀ ହସ ମାଧୁର୍ଯ୍ୟର ଲାସ୍ୟ
ତା ପାଇଁ ସମ୍ଭବ ଆଜି ।।
ଚଇତି ଚମକ ଆଣିନି ତା ପାଇଁ
ଜ୍ୟୋତ୍ସ୍ନା ଶୀତଳ ରାତି
ସିଏ ଅଖିଳର ଅନ୍ନଦାତା ଯା,ର
ବିଶ୍ୱ ମାନବ ପ୍ରୀତି ।।
ବସୁମତୀ ସୁତ ନୁହେଁ ବିଚଳିତ
ଦାରିଦ୍ର୍ୟର କଷାଘାତେ
ନିର୍ବିକାରେ ସେ,ଯେ ବିତରେ ବିଭବ
ଆନନ୍ଦ ଅଶ୍ରୁ ପାତେ ।।
ଶୁଣିଛ କି ଥରେ ମାଟି ମଣିଷର
ଅନ୍ତର ତଳର କଥା
ଦେଖିଛ କି କେବେ ବେଦନା ଦଗ୍ଧ ତା
ସଂସାରର ମହା ବ୍ୟଥା ।।
ଯାହା ପାଇଁ ଆଜି ଦେଖୁଛ ଧରାରେ
ଆଗାମୀର ସମ୍ଭାବନା
ବିଦ୍ରୋହେ ତାହାର ବୁଲିବ ମହୀରେ
ମୃତ୍ୟୁର ପରୱାନା ।।
ମୁଗ୍ଧ କରିନି ତା ସନ୍ତାପିତ ପ୍ରାଣ
ସରକାରୀ ସୁରନାମା
ମିଛ ଇସ୍ତାହାରେ ହୋଇକି ପାରିବ
ଧରା ରାଣୀ ମନୋରମା ।।
ଆଗାମୀ ବିଶ୍ୱ କର୍ଣ୍ଣଧାର ସେ
କରନି ତା ପ୍ରତି ହେଳା
ତା ବିନା ଅନନ୍ତ ଉଦରେ ଜଳିବ
ଜ୍ୱାଳାର ଅଗ୍ନି ମାଳା ।।
ପ୍ରାଣଦାତା ସେ ତ ଏମାଟିର ପୁତ୍ର
କର୍ମର ରଣାଙ୍ଗନେ
ତା ଭାଗ୍ୟ ନିଶାଣ ବିଜୟ ବିଷାଣ
କର୍ମର ଜୟଗାନେ ।।
ଅବହେଳିତ ସେ ନିଃସ୍ୱ ମଣିଷଟି
ବିଶ୍ୱ ମୁଖେ ଦିଏ ଦାନା
ମାନବ ପ୍ରୀତିର ପବିତ୍ର ବନ୍ଧନେ
କର ତାରେ ନିରାଜନା ।।

+କେଶଦୁରାପାଳ କେନ୍ଦୁଝର
ମୋ: ୯୧୭୮୫୬୮୨୪୬

# ଚତୁର ଠେକୁଆ

## ପ୍ରଣତି ଆଚାର୍ଯ୍ୟ ମିଶ୍ର



ସୁନ୍ଦରବନ ନାମକ ଏକ ବିଶାଳ ଅରଣ୍ୟରେ ଗୋଟିଏ ବଡ଼ ହାତୀ ଦଳ ରହୁଥିଲେ। ସେହି ଦଳର ମୁଖ୍ୟ ଥିଲା ଗଜରାଜ।

ତା'ର ବିରାଟ ଶରୀର ଓ ଶକ୍ତି ଯୋଗୁଁ ଜଙ୍ଗଲର ସବୁ ପଶୁ ତାକୁ ସମ୍ମାନ କରୁଥିଲେ। ଥରେ ସେହି ଅଞ୍ଚଳରେ ପ୍ରବଳ ମରୁଡ଼ି ପଡ଼ିଲା।କ୍ରମାଗତ ଦୁଇ ବର୍ଷ ଧରି ବର୍ଷା ନହେବାରୁ ଜଙ୍ଗଲର ଅବସ୍ଥା ଶୋଚନୀୟ ହୋଇପଡ଼ିଲା।

ପୋଖରୀ, ନଈ ସବୁ ଶୁଖିଗଲା। ହାତୀମାନେ ପାଣି ବିନା ବହୁତ କଷ୍ଟ ପାଇଲେ। ମୁନ୍ଦାଏ ପାଣି ପାଇଁ ବ୍ୟାକୁଳ ହୋଇ ଏପଟ ସେପଟ ଦୌଡ଼ିଲେ।

ଦିନେ ଗଜରାଜଙ୍କ ସେନାପତି ଖବର ଆଣିଲା ଯେ, ଜଙ୍ଗଲର ପଶ୍ଚିମ ପ୍ରାନ୍ତରେ ଏକ ନୀଳ ଜଳର ସରୋବର ରହିଛି। ଯାହା ଏବେ ବି ପାଣିରେ ଭରପୂର। ସେହି ସରୋବର ନାମ ଥିଲା ଚନ୍ଦ୍ର ସରୋବର। ହାତୀମାନେ ଖୁସିରେ ସେହି ଦିଗକୁ ଯାତ୍ରା କଲେ। ସେହି ସରୋବର କୂଳର ନରମ ମାଟିରେ ଶହ ଶହ ସଂଖ୍ୟାରେ ଠେକୁଆ ନିଜର ଗାତ ତିଆରି କରି ରହୁଥିଲେ।

ସରୋବର ପାଖକୁ ହାତୀମାନେ ପାଣି ପିଇବା ନିଶାରେ ଏତେ ବେଗରେ ମାଡ଼ିଗଲେ



ଯେ, ସେମାନଙ୍କ ପାଦ ତଳେ ପଡ଼ି ଅନେକ କୁନି ଠେକୁଆ ଆହତ ହେଲେ ଓ କେତେକ ପ୍ରାଣ ହରାଇଲେ।

ଠେକୁଆମାନଙ୍କ ମଧ୍ୟରେ ଶୋକର ଛାୟା ଖେଳିଗଲା। ଠେକୁଆମାନେ ନିଜ ଜୀବନ ବଞ୍ଚାଇବା ପାଇଁ ଏକ ସଭା କଲେ। ସେମାନଙ୍କ ମୁଖ୍ୟ କହିଲେ, ଯଦି ହାତୀମାନେ ପ୍ରତିଦିନ ଏଠାକୁ ଆସିବେ, ତେବେ ଆମ ବଂଶ ନିପାତ ହୋଇଯିବ। ସେହି ସମୟରେ ଲମ୍ବକର୍ଣ୍ଣ ନାମକ ଏକ ଚତୁର ଠେକୁଆ ଆଗକୁ ଆସି କହିଲା, ଆପଣମାନେ ଧୈର୍ଯ୍ୟ ଧରନ୍ତୁ। ଶକ୍ତିରେ ଆମେ ସେମାନଙ୍କ ସହ ଲଢ଼ିପାରିବାନି, କିନ୍ତୁ ବୁଦ୍ଧି ବଳରେ ସେମାନଙ୍କୁ ନିଶ୍ଚୟ ହରାଇପାରିବା।

ସେହିଦିନ ସନ୍ଧ୍ୟାରେ ଜହ୍ନ ଉଇଁବା ପରେ, ଲମ୍ବକର୍ଣ୍ଣ ନିଜ ମୁହଁରେ ରଙ୍ଗ ବୋଳି ହାତୀମାନଙ୍କ ପଥ ଜଗି ଏକ ଉଚ୍ଚ ପଥର ଉପରେ ବସିଲା। ଗଜରାଜ ନିଜ ଦଳ ସହ ଆସୁଥିବା ବେଳେ ଲମ୍ବକର୍ଣ୍ଣ ଗମ୍ଭୀର ସ୍ୱରରେ କହିଲା, ହେ ଗଜରାଜ ସାବଧାନ ! ଆଉ ପାଦେ ବି ଆଗକୁ ବଢ଼ନ୍ତୁ ନାହିଁ। ମୁଁ ସ୍ୱୟଂ ଚନ୍ଦ୍ରଦେବତାଙ୍କ ଦୂତ ଭାବରେ ଆପଣଙ୍କୁ ଚେତାବନୀ ଦେବାକୁ ଆସିଛି।

ଗଜରାଜ ଆଶ୍ଚର୍ଯ୍ୟ ହୋଇ ରହିଗଲା। ସେ ପଚାରିଲା, ଆପଣ ସତରେ କଣ ଚନ୍ଦ୍ରଦେବଙ୍କ ଦୂତ ଗଜରାଜ ପୁଣି ପଚାରିଲା ଚନ୍ଦ୍ରଦେବ କ'ଣ କହିଛନ୍ତି ?

ଲମ୍ବକର୍ଣ୍ଣ କହିଲା, ଚନ୍ଦ୍ରଦେବ ଆଜି ବହୁତ କ୍ରୋଧିତ ଅଛନ୍ତି। ଆପଣମାନେ ଏହି ସରୋବରର ପବିତ୍ରତା ନଷ୍ଟ କରିଛନ୍ତି ଏବଂ ତାଙ୍କର ପ୍ରିୟ ପ୍ରଜା ଠେକୁଆମାନଙ୍କୁ କଷ୍ଟ ଦେଇଛନ୍ତି। ଚନ୍ଦ୍ରଦେବ ନିଜେ ଆଜି ସରୋବରରେ ଓହ୍ଲାଇଛନ୍ତି। ଯଦି ବିଶ୍ୱାସ ହେଉନାହିଁ, ତେବେ ଦୂରରୁ ଦେଖନ୍ତୁ, ସେ କିପରି କ୍ରୋଧରେ କମ୍ପୁଛନ୍ତି।

ଗଜରାଜ ଭୟଭୀତ ହୋଇ ହ୍ରଦ ପାଣିକୁ ଚାହିଁଲା। ସେଦିନ ପୂର୍ଣ୍ଣିମା ଥିବାରୁ ଜହ୍ନର ଉଜ୍ଜ୍ୱଳ ପ୍ରତିବିମ୍ବ ପାଣିରେ ସ୍ପଷ୍ଟ ଦେଖାଯାଉଥିଲା। ଲମ୍ବକର୍ଣ୍ଣ କହିଲା, ଆପଣ ଥରେ ସରୋବରକୁ ପ୍ରଣାମ କରନ୍ତୁ, କିନ୍ତୁ ସାବଧାନ ପାଣିକୁ ଛୁଇଁବେ ନାହିଁ। ଗଜରାଜ ଯେମିତି ନଇଁପଡ଼ି ସମ୍ମାନ ଜଣାଇବାକୁ ଚେଷ୍ଟା କଲା, ତା' ନିଶ୍ୱାସର ପବନରେ ପାଣିରେ ଢେଉ ସୃଷ୍ଟି ହେଲା। ପାଣି ହଲିବା ଯୋଗୁଁ ଜହ୍ନର ପ୍ରତିବିମ୍ବ ମଧ୍ୟ ଥରିବାକୁ ଲାଗିଲା।

ଲମ୍ବକର୍ଣ୍ଣ ଚିତ୍କାର କରି କହିଲା, ଦେଖନ୍ତୁ ଆପଣଙ୍କୁ ଦେଖି ଚନ୍ଦ୍ରଦେବ କିପରି ରାଗରେ ଥରୁଛନ୍ତି। ଏବେ ଯଦି ଆପଣ ନିଜର ଓ ନିଜ ଦଳର ମଙ୍ଗଳ ଚାହାଁନ୍ତି, ତେବେ ଏହିକ୍ଷଣି ଏଠାରୁ ଚାଲିଯାଆନ୍ତୁ।

ଗଜରାଜ ଅତ୍ୟନ୍ତ ଭୟଭୀତ ହୋଇଗଲା। ସେ ଭାବିଲା ସତରେ ଚନ୍ଦ୍ରଦେବ ରାଗିଛନ୍ତି। ସେ ନିଜ ଶୁଣ୍ଢ ଟେକି ଚନ୍ଦ୍ରଦେବଙ୍କୁ କ୍ଷମା ମାଗିଲା ଏବଂ ନିଜ ଦଳକୁ ଧରି ସେହି ସ୍ଥାନ ଛାଡ଼ି ସବୁଦିନ ପାଇଁ ଚାଲିଗଲା। ଠେକୁଆମାନେ ଲମ୍ବକର୍ଣ୍ଣର ଚତୁରତା ପାଇଁ ନୂଆ ଜୀବନ ପାଇଲେ।


+ ନୟାଗଡ଼
ମୋ:୯୪୩୭୬୪୨୯୪୭


# ହେଲା ଗ୍ରୀଷ୍ମ ଟାଣ ଖରା

## ନୀଳମଣି ଚାନ୍ଦ



ହେଲା ଗ୍ରୀଷ୍ମ ଟାଣ ଖରା
ତପତ ହୋଇଲା ଧରା
ଆଇଙ୍କର ମନ ଗୋଟିଏ କଥାରେ
କରିବେ ଆଚାର ପରା ।

ବିଞ୍ଚଣା ହାତରେ ଧରି
ଦିଅନ୍ତି ସେ ପଙ୍ଖା କରି
ଲାଗଇ କୋଇଲି କାଉ ଛପିଗଲେ
ଟାଣ ଖରାଟାକୁ ଡରି।

ଭରିଲେ କୁଣ୍ଡରେ ପାଣି
ରଖିଲେ ବାହାରେ ଆଣି
ଶୋଷ ହେଲେ ପଶୁପକ୍ଷୀ ତ ପିଇବେ
ଏକଥା ପାରିଲୁ ଜାଣି ।

ତରଭୁଜ ହାଉଯାଉ
ତାଳସଜଟିକୁ ପାଉ
ଫୁଟିଲା ପଳାଶ, କୃଷ୍ଣଚୂଡ଼ା ଫୁଲ
ମଲ୍ଲୀହାର ପିନ୍ଧି ଥାଉ।

ଶାଗଭଜା ଆମ୍ବ ଛେଚା
ବଡ଼ି ଚୂରା ମେଞ୍ଚା ମେଞ୍ଚା
ଆଇ କହୁଥିଲେ ପଖାଳ ଖାଇକି
ଖରାଟିରୁ ପ୍ରାଣ ବଞ୍ଚା ।

ଏଇ ବଇଶାଖ ଖରା
ବାଷ୍ପ କରେ ଜଳ ପରା
ଝିଇଁ ଝିଇଁ ଝିଇଁ ଝିଙ୍କାରି ଡାକିଲା
ଚାଷୀ ଭାଇ ଉଠ ପରା ।


+ ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର,
ମୋ:୯୫୮୩୨୦୨୩୫୭


# ଖରାମାଆ ଖରେଇ ଦେ'

## ଡକ୍ଟର ଅରୁଣ କୁମାର ପଣ୍ଡା

ଖରାମାଆ ଖରେଇ ଦେ'
ବରଷାପାଗ ଦୂରେଇ ଦେ'
ଯାହା ଚାହିଁବୁ ଦେବି
ଖରାପଡିଲେ ଝଡ଼ି କମିଲେ
ମାମୁଘର ମୁଁ ଯିବି ।
ଖରାମାଆ ଖରେଇ ଦେ'
ସକାଳ ଗାଡ଼ି ଧରେଇ ଦେ'
ଅଛନ୍ତି ମାମୁ ମାଇଁ
ଖୁସିରେ ଘର ପୂରି ଉଠିବ
ଆମକୁ ଦେଲେ ଚାହିଁ ।
ଖରାମାଆ ଖରେଇ ଦେ'
ନଈରୁ ମାଛ ଧରେଇ ଦେ'
କରିବୁ ଆମେ ମଜା
ଜାତିଜାତିକା ମାଛ ଖାଇବୁ
ଧରି ଆଣିବେ ଅଜା ।
ଖରାମାଆ ଖରେଇ ଦେ'
ସାଙ୍ଗସାଥୀଙ୍କୁ ମେଳେଇ ଦେ'
ଖେଳିବୁ କେତେ ଖେଳ
ବୁଲାବୁଲିରେ ହସଖୁସିରେ
କଟିବ ଆମ ବେଳ ।
ଖରାମାଆ ଖରେଇ ଦେ'
ବଣପାହାଡ ଘୂରେଇ ଦେ'
ଗଛମୂଳକୁ ଯାଇ
ଖାଇବୁ କୋଳି କେତେ ଯେ କୋଳି
ସଙ୍ଗରେ ଥିବେ ଭାଇ ।


+ତୋଟାପଡା, ଘଣ୍ଟେଶ୍ୱର
ଜିଲ୍ଲା -ଭଦ୍ରକ-୭୫୬୧୨୯
ମୋ: ୯୯୩୭୬୭୨୭୦୮




# ମୋ କଥା ଶୁଣ ବାଟୋଇ ଭାଇ

## ପ୍ରଶାନ୍ତ କୁମାର ଦାଶ

ବାଟୋଇ ଭାଇ ଦଉଡି ଛାଇ
ଟିକିଏ ଯାଅ ବସି
ମୋ ଛାଇ ଥଣ୍ଡା ପବନ ପାଇ
ଟିକିଏ ଦିଅ ହସି ।।

ମାରୁଚି ଖରା ତାତିଚି ଧରା
ଚାଲି ହେଉନି ବାଟ
ତାତି ଖରାର ପରଶ ପାଇ
ମାଟିରେ କେତେ ଫାଟ ।।

ଖରା ନେଲାଣି ନଈ ପୋଖରୀ
ଜଳକୁ ସବୁ ଶୋଷି
ବିକଳ ହେଇ ଖୋଜନ୍ତି ଜଳ
ପଶୁ ପକ୍ଷୀଏ ବସି ।।

ସକାଳ ହେଲେ ସୂରୁଜ ଢାଳେ
ନିଆଁ ପରିକା ଖରା
ଚଉଦିଗରେ ଗରମ ତାତି
ଗୁଳୁମୁଳି ଯେ ଭରା ।।

ଖରାର ଦାଉ ସହି ବାଣ୍ଟୁଛି
ଶୀତଳ ଛାଇ ଏଠି
ମୋତଳେ ଥରେ ଯାଅତ ବସି
ଲୁଚାଇ ରଖି ପିଠି ।।

ଆପଣା ପର ଭାବନା ନାହିଁ
ମନରେ ଜମା ମୋର
ଝଡ ବରଷା ଦାଉକୁ ସହି
କରଇ ଉପକାର ।।

ବାଟୋଇ ଭାଇ ଖରାବେଳରେ
ଟିକିଏ ଶୋଇଯାଅ
ପାଚିଲା ଫଳ ମିଠା କୋଳିକୁ
ସରାଗେ ତୋଳି ଖାଅ ।।

ଗଛର କଥା ଶୁଣି ବାଟୋଇ
କହିଲା ହସି ହସି
ପୋତିବି ଗଛ ମାଟି ଛାତିରେ
ଯତନେ ବସି ବସି ।।


+କୁଞ୍ଜର -ସଙ୍ଗଳାଇ
ପିପିଲି -ପୁରୀ
ମୋ: ୯୬୬୮୮୨୨୧୯୦


# ମୂଷା ଓ ଛେଳି

## ରମେଶ ଚନ୍ଦ୍ର ଦାଶ

ମୂଷାଟିଏ ଗାତ ଭିତରେ ରହୁଥାଏ। ଛେଳିଟିଏ ବୁଲି ବୁଲି ଆସି ସେହି ଗାତ ପାଖରେ ଠିଆ ହୋଇ ବୋବାଇଲା-କ୍ରଅର୍ ମେଁ.... କ୍ରଅର୍ ମେଁ....। ବିଲୁଆ ଗାତ ଭିତରୁ ବାହାରକୁ ଆସି ପଚାରିଲା, "ତୁ କିଏ ରେ ? ମୋ ଗାତ ପାଖରେ ଠିଆ ହୋଇ ଏମିତି ଶବ୍ଦ କରୁଛୁ। ମୁଁ କିଛି କାମ କରିପାରୁନାହିଁ।"

ଛେଳିଟି ଚାରିଆଡ଼କୁ ଚାହିଁଲା। କେହି କୁଆଡ଼େ ଦେଖାଯାଉନାହାନ୍ତି। ସେ ପାଟିକରି କହିଲା, "କ୍ରଅର୍ ମେଁ.... କ୍ରଅର୍ ମେଁ.... କିଏ କହୁଛ ମୋ ସାମ୍ନାକୁ ଆସ।" ମୂଷା କହିଲା, "ମୁଁ ପରା ତୋ ସାମ୍ନାରେ ଠିଆ ହୋଇଛି। ତୋତେ କ'ଣ ଦେଖାଯାଉନି। ତୁ ଟିକେ ତଳକୁ ଚାହଁନ୍ତୁ, ଦେଖିବୁ।" ଛେଳି ତଳକୁ ଚାହିଁଲା। ଦେଖିଲା ମୂଷାଟିଏ। ସେ ହସି ହସି କହିଲା, "ତୁ ଏଡ଼େ ଟିକିଏ ପ୍ରାଣୀ। ମୋତେ ପୁଣି ଧମକାଉଛୁ। ଜାଣିଛୁ ମୁଁ ଚାହିଁଲେ ତୋ ଘର ଭାଙ୍ଗିଦେବି।" ମୂଷା କହିଲା, "ତୋର ଯଦି ଜୀବନ ପାଇଁ ଭୟ ଅଛି ତେବେ ଏଠୁ ପଳା। ତୁ କ'ଣ ଜାଣିନୁ ଶବ୍ଦ ପ୍ରଦୂଷଣ ଦ୍ୱାରା ଆମର କେତେ କ୍ଷତି ହୁଏ ?"

ତା କଥା ଶୁଣି ଛେଳି କହିଲା, "ମୋତେ ତ ମଣିଷମାନେ ରଖିଛନ୍ତି। ସେମାନେ ତ ମୋଠାରୁ ଅଧିକ ଶବ୍ଦ କରିବା ବାଲା ଯାନବାହାନ ରଖିଛନ୍ତି। ତେଣୁ ସେମାନଙ୍କୁ କହୁନୁ।" ମୂଷା ରାଗି କହିଲା, "ମୁଁ ତ ସେମାନଙ୍କୁ ବହୁତ ବୁଝାଇଲି । ସେମାନେ ନଶୁଣିବାରୁ ମୁଁ ସେମାନଙ୍କ ଠାରୁ ଦୂରେଇ ମାଟିତଳେ ରହୁଛି। ମୁଁ ସେମାନଙ୍କୁ ବୁଦ୍ଧି ଶିଖେଇବା ପାଇଁ ସେମାନଙ୍କ ଜିନିଷପତ୍ର ସବୁ କାଟିକୁଟି ନଷ୍ଟ କରିଦେଉଛି।"



ଛେଳି କହିଲା, "ତୁ ଜିନିଷପତ୍ର କଟାକଟି କରି ଠିକ୍ କରୁନୁ। କାହାରିକୁ ହଇରାଣ କରିବା ଗୋଟିଏ ଖରାପ କାମ। ମୁଁ ଏବେ ଯାଉଛି ମଣିଷମାନଙ୍କୁ ଏକଥା ବୁଝାଇବି। ସେମାନେ ଯେପରି ଆଉ ଶବ୍ଦ ପ୍ରଦୂଷଣ ନକରନ୍ତି ସେଥିପ୍ରତି ଯତ୍ନବାନ ହେବେ।"

ଛେଳିର ଏକଥା ଶୁଣି ମୂଷା କହିଲା, "ମଣିଷମାନେ ସୁଧୁରିଗଲେ ଆମେ ସେମାନଙ୍କର କିଛି ଅନିଷ୍ଟ କରିବୁନି। ସମସ୍ତେ ସାଥିହୋଇ ରହିବା।"


+ଶିକ୍ଷାଶ୍ରୀ ଲେନ୍, କୁମ୍ଭରପଡ଼ା,
ପୁରୀ-୭୫୨୦୦୨,
ମୋ:-୯୭୭୬୨୩୮୫୨୨


# ଲିମ୍ବ ଓ ଆମ୍ବ

## ପ୍ରଦ୍ୟୁମ୍ନ ପଟ୍ଟନାୟକ





ଗୋଟିଏ ଗାଁ ପାଖ ନଦୀ ପଠାରେ ଲଗା ହୋଇଥାଏ ଦୁଇଟି ଗଛ। ଗୋଟିଏ ଲିମ୍ବ ଏବଂ ଅନ୍ୟଟି ଆମ୍ବ । ଗଛ ଦୁଇଟି ବର୍ଷ ସାରା ଖରା ବର୍ଷା ଶୀତ କାକର ସହି ପାଖା ପାଖି ବଢୁ ଥାଆନ୍ତି । କେତେ ବର୍ଷ ମାସ ବିତିଗଲା। ଗଛ ଦୁଇଟି ବି ବଡ଼ ହୋଇ ଗଲେ । ଦେଖୁ ଦେଖୁ ଲିମ୍ବ ଗଛରେ ଫୁଲ ଫୁଟି ଫଳ ଫଳିଲା। ସେମିତି ଆମ୍ବ ଗଛରେ ବଉଳ ଆସି ଆମ୍ବ ଝୁଲିଲା। ଲିମ୍ବ ଏବଂ ଆମ୍ବ ଗଛ ଝଙ୍କାଳିଆ ହୋଇ ଥିବାରୁ ସେଥିରେ କେତେ ଗୁଡ଼ିଏ ପକ୍ଷୀ ବସା ବାନ୍ଧି ରହିବାକୁ ଲାଗିଲେ ।

ବସନ୍ତ ଋତୁ ଆସିଲେ ଆମ୍ବ ଗଛରେ ବଉଳ ଆସେ । ବଉଳ ବାସନାରେ ଚାରିଆଡ଼ ମହକି ଯାଏ। କୁଆଡ଼େ ଥାଆନ୍ତି କୋଇଲି, ହଳଦୀ ବସନ୍ତ, କଜଳପାତି ଆଦି ପକ୍ଷୀମାନେ ଆସି ଯାଆନ୍ତି। ପକ୍ଷୀମାନଙ୍କ କଳରବ ସହ କୋଇଲିର କୁହୁ ତାନ ମନ ମୋହି ନିଏ । ଦେଖୁ ଦେଖୁ ବଉଳରୁ ଆମ୍ବ କଷି ପୁଣି ପାଚିଲା ଆମ୍ବ ଗଛରେ ଝୁଲେ । ପାଚିଲା ଆମ୍ବ ଗୁଡ଼ିକ ଦେଖି ବାକୁ ଲାଲ ହଳଦିଆ ହୋଇ ଯେମିତି ସୁନ୍ଦର ଦିଶନ୍ତି ସେମିତି ମିଠା ଏବଂ ରସାଳ ହୋଇଥାଆନ୍ତି ।

ଠିକ ସେହି ସମୟରେ ଲିମ୍ବରେ ବି ଫୁଲ ଫୁଟେ, ଫଳ ହୁଏ । ତା'ର ଛୋଟ ଛୋଟ ଫଳ ପାଚିଲେ ହଳଦିଆ ରଙ୍ଗ ହୋଇଯାଏ । ପକ୍ଷୀମାନେ ସେ ଫଳ ଖାଇ ଥାଆନ୍ତି । ଫଳ ହେବା ଆଗରୁ ଲୋକ ମାନେ ଲିମ୍ବ କଢ଼ ତୋଳି ଆଣି ଖାଆନ୍ତି । ଲିମ୍ବ ଫୁଲ ଦେହ ପାଇଁ ହିତ ।

ଦିନେ ଆମ୍ବ ଗଛ ଲିମ୍ବ ଗଛକୁ ଭାରି ଗର୍ବର ସହ କହିଲା, ମୋ ଫଳ ଦେଖ କେତେ ମିଠା । ସେ ପରା ଫଳଙ୍କ ରାଜା । ସେଥିପାଇଁ ସମସ୍ତେ ମୋତେ କେତେ ଆଦର କରନ୍ତି । ତୋ ଦେହ ସାରା ଖାଲି ପିତା ସେଥିପାଇଁ ପାଇଁ ତୋ ପାଖକୁ କେହି ଆସନ୍ତି ନାହିଁ । ଆମ୍ବ କଥା ଶୁଣି ମନ ଦୁଃଖ କରି ଲିମ୍ବ କହିଲା, ଯାହାକୁ ଯେମିତି ଗଢ଼ିଛି ବିଧାତା । ପିତା ହେଲେ କଣ ହେଲା ଦାରୁ ଦେବତା ପରା ମୋ କାଠରେ ଗଢ଼ା।

କିଛିଦିନ ପରେ ଦିନେ ରାତିରେ ଉହୁ ଆହାଃ କରି କିଏ କାନ୍ଦୁ ଥିବା ଶୁଣି ଲିମ୍ବ ଗଛ ଆମ୍ବ ଗଛକୁ ପଚାରିଲା, କଣ ହେଲା କି ଭାଇ, ଏମିତି କାନ୍ଦୁଛ କଣ ପାଇଁ ? ସେ କହିଲା, କେତେ ଦୁଷ୍ଟ ପିଲା ଆସିଥିଲେ ଦେଖିଲୁ ପରା । ପାଚିଲା ଆମ୍ବ ବିଛାଇବାକୁ ମୋ ଉପରକୁ ଢେଲା ଫୋପାଡ଼ି ମୋ ଦେହ ସାରା ଖଣ୍ଡିଆ କରିଦେଲେ । ମୁଁ ଭାବୁଛି ଏ ମିଠା ଫଳ ମୋ ଦେହରେ ନଆସିଥିଲେ ଭଲ ହୋଇ ଥାଆନ୍ତା । ମୁଁ ଶାନ୍ତିରେ ରହି ପାରି ଥାଆନ୍ତି ତୋ ପରି । ଲିମ୍ବ ତାକୁ ବୁଝାଇ କହିଲା, କିଛି ଭଲ ସାଙ୍ଗକୁ କିଛି ମନ୍ଦ ତ ରହିବ । ତୁମ ଫଳ ପାଇଁ ଯେମିତି ତୁମକୁ ଆଦର ସେହି ଫଳ ପାଇଁ ତୁମ ଉପରକୁ ପଡୁଛି ଢେଲା ପଥର । ମୋ ଦେହ ସାରା ପିତା ବୋଲି ମୋ ପାଖକୁ ଦେଖୁନ କେହି ଆସୁ ନାହାନ୍ତି।

ସେହି ସମୟରେ ଗାଁରେ ହାଡ଼ ଫୁଟି ମିଳମିଳା ହେଲା । ଛୋଟରୁ ବଡ଼ ଯାଏ ସବୁଙ୍କୁ ସେ ଉଡ଼ା ରୋଗ ହେଉଥାଏ। ସେଥିରୁ ରକ୍ଷା ପାଇବା ସହ ସେ ରୋଗ ନଡେଇଁବା ପାଇଁ ଲୋକେ ଲିମ୍ବ ପତ୍ର ବ୍ୟବହାର କରୁଥାଆନ୍ତି । ସେଥିପାଇଁ ଆସି ଲିମ୍ବ ପତ୍ର ନେବାକୁ ଗଛ ମୂଳେ ଗାଁ ଲୋକ ଏକାଠି ହେଉଥିଲେ। ସେତେବେଳକୁ ଆମ୍ବ ଗଛରୁ ଆମ୍ବ ଝଡ଼ି ସାରିଥିବାରୁ ଆଉ ତା ପାଖକୁ କେହି ଯାଉ ନଥାନ୍ତି । ଏତିକି ବେଳେ ଲିମ୍ବ ଗଛକୁ ମଉକା ମିଳିଲା । ସେ ଆମ୍ବ ଗଛକୁ କହିଲା, ଦେଖିଲ ଭାଇ ମୋତେ ସିନା ପିତା ବୋଲି କହୁଥିଲ ଏବେ କେତେ ଲୋକ ମୋତେ ଖୋଜୁଛନ୍ତି । ମୁଁ କେତେ ଲୋକଙ୍କ ଉପକାରରେ ଆସୁଛି । ଲିମ୍ବ କଥା ଶୁଣି ଆମ୍ବ ଚୁପ୍ ହୋଇ ଗଲା।

ସେହି ପାଖରେ ଆଉ ଦୁଇଟି ଗଛ ଥାଇ ଆମ୍ବ ଏବଂ ଲିମ୍ବଙ୍କ କଳି ଝଗଡ଼ା ଶୁଣୁଥାଆନ୍ତି । ସେ ହେଲେ ବର ଓ ଓସ୍ତ। ସେ ଦୁହେଁ କହିଲେ ଦେଖ ଆମକୁ । ଆମେ ବର୍ଷ ବର୍ଷ ଧରି ଏକାଠି ରହୁ ଏକାଠି ବଢୁ। ଆମ ଭିତରେ ଛୋଟ ବଡ଼ ଭାବନା ନଥାଏ କି ଗର୍ବ ଅହଂକାର ନଥାଏ । ତୁମେ ଦୁଇଜଣ ସେମିତି ମିଳିମିଶି ନରହି ଝଗଡ଼ା କରୁଛ କାହିଁକି ?

ବର ଓସ୍ତ ଗଛଙ୍କ କଥା ତାଙ୍କ ମନକୁ ପାଇଲା। ଲିମ୍ବ ଓ ଆମ୍ବ ତାଙ୍କ ଭୁଲ ବୁଝି ପାରିଲେ। ଜାଣିଗଲେ ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ଉପାୟରେ ଜଗତର ହିତ ପାଇଁ ଗଛଙ୍କର ଜନ୍ମ। ସେଥିପାଇଁ ଗର୍ବ ଅହଂକାର କରି ଝଗଡ଼ା କରିବା ଠିକ ନୁହଁ ।


+ଫ୍ଲାଟ୍ ନମ୍ବର -୧୦୧, ପ୍ରକାଶ ଦୀପ
ଟାୱାର ଜୟ ଦୁର୍ଗା ନଗର,
ଭୁବନେଶ୍ୱର -୭୫୧୦୦୬
ମୋ:୯୯୬୮୨୮୦୮୯୬


# ବାଳୁତ ଶିଶୁର ମନ

## ପ୍ରତିଭା ଦାଶ

ବାଳୁତ ଶିଶୁର ମନକୁ ପଢ଼ିବା
ହୁଏ ସତେ ଭାରି କଷ୍ଟ
ମନକୁ ଚିହ୍ନିଲେ ଗଢିବା ସହଜ
ଜୀବନ ହେବନି ନଷ୍ଟ ।

ଶିଶୁର ହୃଦୟ କଞ୍ଚା ମାଟି ପରି
ଛୁଇଁ ଦେଲେ ଯାଏ ଭାଙ୍ଗି
ମନକୁ ତାହାର କରିଲେ ନିଜର
ସେନେହରେ ହେବ ବାନ୍ଧି ।

ଶ୍ରଦ୍ଧା କରୁଣାରେ ଶିଶୁକୁ ବୁଝିବା
ଅଟେ ଆମରି କର୍ତ୍ତବ୍ୟ
ନିଜର କର୍ମକୁ ମହାନ କରିଣ
ଗଢ଼ିବା ଶିଶୁ ସାହିତ୍ୟ ।

ଶିଶୁ ଅଟଇ ଯେ ଆମ ଭବିଷ୍ୟତ
ଦେବା ଶିକ୍ଷା ତାକୁ ଭଲ
ଆଦର୍ଶ ମଣିଷ ପରିକା ଗଢିଲେ
ଦେଶ ହୋଇବ ଉଜ୍ଜ୍ୱଳ ।

ହିଂସା ରାଗ ଦ୍ୱେଷ ମାନ ଅଭିମାନ
ମନରୁ କରିବା ଦୂର
ମାୟା ମମତାରେ ସଭିଙ୍କୁ ରଖିବା
ଲାଗିବ ସରଗପୁର ।


+ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ
ସରକାରୀ ଉଚ୍ଚ ବିଦ୍ୟାଳୟ,
ଡୁମେରପାଣି
ଜିଲ୍ଲା - ନୂଆପଡ଼ା
ମୋ:-୭୮୯୪୫୨୮୪୯୩

# ଜିଲ୍ଲାପାଳ ଓ ଏସପିଙ୍କ ସହ ଆଲୋଚନା ପରେ ଆନ୍ଦୋଳନରୁ ଓହରିଲେ ଡ୍ରାଇଭର ସଂଘ: ସ୍ୱାଭାବିକ ହେଲା ତୈଳ ପରିବହନ

ଝାରସୁଗୁଡ଼ା, ୧୭/୦୪ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲା ସ୍ଥିତ ଭାରତୀୟ ତୈଳ ନିଗମ ଟର୍ମିନାଲରେ କଂଟ୍ରାକ୍ଟ କ୍ୟାରିୟର୍ସ ଏବଂ ଟ୍ୟାଙ୍କର ଚାଳକମାନଙ୍କ ଦ୍ୱାରା ଜାରି ରହିଥିବା ଆନ୍ଦୋଳନ ଓ ପରିବହନ ସମସ୍ୟାର ସମାଧାନ ହୋଇଛି। ଆଜି ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଏବଂ ଆରକ୍ଷୀ ଅଧିକ୍ଷକ ଜି.ଆର.ରାଘବେନ୍ଦ୍ରଙ୍କ ପ୍ରତ୍ୟକ୍ଷ ହସ୍ତକ୍ଷେପ ପରେ ଟ୍ୟାଙ୍କର ଗୁଡ଼ିକରେ ତୈଳ ଲୋଡିଂ କାର୍ଯ୍ୟ ସ୍ୱାଭାବିକ ହୋଇଛି।
ଆଜି ସକାଳୁ ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ନିଜେ ଟର୍ମିନାଲ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ଏହାପରେ ଅପରାହ୍ନ ୧୨ଟା ୩୦ ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ପେଟ୍ରୋଲ ପମ୍ପ ମାଲିକ ସଂଘ, ଟ୍ୟାଙ୍କର ଆସୋସିଏସନ ଏବଂ ଡ୍ରାଇଭର ସଂଘର ପ୍ରତିନିଧିମାନେ ସାମିଲ ହୋଇଥିଲେ।
ଜିଲ୍ଲାପାଳ ବୈଠକରେ ସ୍ପଷ୍ଟ କରିଛନ୍ତି ଯେ, ତୈଳ ଏକ ଅତ୍ୟାବଶ୍ୟକ ସାମଗ୍ରୀ। ଏହାର ପରିବହନରେ କୌଣସି ପ୍ରକାର ବାଧା ସୃଷ୍ଟି କଲେ ଅତ୍ୟାବଶ୍ୟକ ସାମଗ୍ରୀ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ। ଯଦି କୌଣସି ଅନଧିକୃତ କିମ୍ୱା ବେଆଇନ କାର୍ଯ୍ୟ ହୁଏ, ତେବେ ଗାଡ଼ିର ପରିବହନ ଲାଇସେନ୍ସ ରଦ୍ଦ କରିବାକୁ ସେ ଆରଟିଓ ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଡ୍ରାଇଭରମାନେ ପାନୀୟ ଜଳର ଅଭାବ ଏବଂ ଅନ୍ୟାନ୍ୟ ଅସୁବିଧା ସମ୍ପର୍କରେ ଅଭିଯୋଗ କରିଥିଲେ। ଏହାକୁ ଗୁରୁତ୍ୱର ସହ ନେଇ ଜିଲ୍ଲାପାଳ ଭାରତୀୟ ତୈଳ ନିଗମ ମ୍ୟାନେଜମେଣ୍ଟକୁ ଉପଯୁକ୍ତ ସ୍ଥାନରେ ପାନୀୟ ଜଳ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।
ତୈଳ ସଙ୍କଟ ଏଡ଼ାଇବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଆରକ୍ଷୀ ଅଧିକ୍ଷକ ସୂଚନା ଦେଇଛନ୍ତି ଯେ, ଟର୍ମିନାଲ ପରିସରରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପ୍ଲାଟୁନ ଫୋର୍ସ ମୁତୟନ କରାଯିବ। ପ୍ରତିଟି କାର୍ଯ୍ୟକଳାପ ଉପରେ ସିସିଟିଭି ମାଧ୍ୟମରେ ନଜର ରଖାଯିବ। ଯଦି କେହି ବିଶୃଙ୍ଖଳା ସୃଷ୍ଟି କରନ୍ତି, ତେବେ ପୋଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଏସପି ନିଜେ ଘଟଣାସ୍ଥଳକୁ ଯାଇ ବୁଝାସୁଝା କରିବା ପରେ ଲୋଡିଂ କାର୍ଯ୍ୟ ଆରମ୍ଭ ହୋଇଛି।ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଉପ-ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଆରଟିଓ ପ୍ରଣୟ ମିଶ୍ର ଏବଂ ଭାରତୀୟ ତୈଳ ନିଗମ ମ୍ୟାନେଜମେଣ୍ଟର କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ।

# ଚିତ୍ରକୋଣ୍ଡା ବ୍ଲକରେ ମନରେଗା ଯୋଜନାରେ ଏନଏମଏମଏସ ପାଲଟିଛି ପ୍ରହସନ: ଆପରେ ମୋବାଇଲ ଫଟୋରୁ ଫଟୋ ଲୋଡ଼ ହେଉଥିବା ଅଭିଯୋଗ

ମାଲକାନଗିରି, ୧୭/୦୪ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ଶ୍ରମିକଙ୍କୁ ରୋଜଗାର ଯୋଗାଇଦେବା ପାଇଁ ସରକାରଙ୍କ ପକ୍ଷରୁ ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ମନରେଗା) ମାଧ୍ୟମରେ ବିଭିନ୍ନ କାର୍ଯ୍ୟ ପାଇଁ କୋଟି କୋଟି ଟଙ୍କା ବ୍ୟୟ କରାଯାଉଛି । ହେଲେ ବାସ୍ତବ କ୍ଷେତ୍ରରେ ମନରେଗା ଯୋଜନା ମାଧ୍ୟମରେ ଆସୁଥିବା ଏହି ଅର୍ଥକୁ ବାଟମାରଣା କରିବା ପାଇଁ ସରକାରି କର୍ମଚାରୀ ନୂଆ ନୂଆ କୌଶଳ ଆପଣାଇଛନ୍ତି । ମନରେଗା ଯୋଜନା କାର୍ଯ୍ୟରେ କେବେ ମେସିନ ବ୍ୟବହାର ହେଉଛି ତ କେବେ କାମ ନ ହେଇ ବିଲ୍ ଉଠାଯାଉଛି । ପୁଣି କେବେ ମୃତ ଶ୍ରମିକଙ୍କ ନାମରେ ଅର୍ଥ ପୈଠ ହେଉଛି । ଏସବୁ ବାଦେ ବର୍ତ୍ତମାନ ମନରେଗା ଯୋଜନାର ଅର୍ଥ ଲୁଟ ପାଇଁ ଶ୍ରମିକଙ୍କ ବଦଳରେ ଫଟୋରୁ ଫଟୋ ନେଇ ତାହାକୁ ମନରେଗା ପୋର୍ଟାଲ୍ ରେ ଅପଲୋଡ଼ କରାଯାଉଛି । ଦାଦନ ସମସ୍ୟାକୁ ଦୂର କରିବା ଓ ଶ୍ରମିକଙ୍କ ରୋଜଗାର ବଢ଼େଇବା ଲକ୍ଷ୍ୟ ନେଇ ସରକାରଙ୍କ ପକ୍ଷରୁ ଆରମ୍ଭ କରଯାଇଥିବା ଏହି ମନରେଗା ଯୋଜନାରେ ବାଟମାରଣାର ଏସବୁ ଚିତ୍ର ଦେଖିବା ପରେ ବାସ୍ତବିକ କ୍ଷେତ୍ରରେ ଯୋଜନା କେତେଦୂର ସଫଳ ହେଇଛି ତାହା ତଦନ୍ତ ସାପେକ୍ଷ । ଏପରି ଘଟଣା ମାଲକାନଗିରି ଜିଲ୍ଲାର ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ପାପର ମେଟଲା ପଞ୍ଚାୟତର ଜାମଯୋଡି ଗ୍ରାମରେ ଚାଲିଥିବା ଟ୍ରେଞ୍ଚ କାମ ଯାହାର କୋଡ଼ ନମ୍ବର ୨୪୩୧୦୦୯୦୦୦୯/ଡବ୍ଲୁ ସି/ ୧୧୨୦୯୭୪୫ ଏହି କାମରେ ଶ୍ରମିକ ମାନେ କାର୍ଯ୍ୟ କରୁଥିବା ସମୟର ଫଟୋ ଏନଏମଏମଏସ ଆପରେ ଅପଲୋଡ଼ କରିବା ପରିବର୍ତ୍ତେ ମୋବାଇଲ ଫଟୋରୁ ଫଟୋ ଉଠେଇଥିବା ଏକ ଫଟୋ ଅପଲୋଡ଼ କରିଥିବା ବର୍ତ୍ତମାନ ଚର୍ଚ୍ଚାର ବିଷୟ ପାଲଟିଛି । ମନରେଗା ଯୋଜନାରେ ଯେକୌଣସି କାର୍ଯ୍ୟ ଆରମ୍ଭ ହେଲେ କାର୍ଯ୍ୟ ଜାରୀ ଥିବା ସମୟରେ ସରକାରୀ ନିୟମ ଅନୁଯାୟୀ ଏହାର ଏନଏମଏମଏସ କରାଯାଏ । ଏନଏମଏମଏସ ଅର୍ଥ ହେଉଛି ନେସନାଲ ମେପିଂ ସିଷ୍ଟମ । ଏହି ଏନଏମଏମଏସ ଦ୍ୱାରା କାର୍ଯ୍ୟରତ ଶ୍ରମିକଙ୍କ ନାମ ଓ କାର୍ଯ୍ୟସ୍ଥଳୀରେ ଶ୍ରମିକମାନେ କାର୍ଯ୍ୟ କରୁଥିବା ଫଟୋ ଅପଲୋଡ଼ କରାଗଲେ ପ୍ରକୃତରେ କାର୍ଯ୍ୟରେ କେତେ ଶ୍ରମିକ ନିୟୋଜିତ ହେଇଛନ୍ତି ଏବଂ କାର୍ଯ୍ୟ ସଠିକ୍ ଭାବରେ ହେଉଛି କି ନାହିଁ ତାହା ସ୍ପଷ୍ଟ ହେଇଥାଏ । ତେବେ ଫଟୋରୁ ଫଟୋ ଅପଲୋଡ଼ କରିବା ସରକାରଙ୍କ ଆଖିରେ ଧୂଳି ଦେବା ବୋଲି ବୁଦ୍ଧିଜୀବୀ ମାନେ ମତ ପ୍ରକାଶ କରିଛନ୍ତି । ତେଣୁ ଏପରି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି ହୋଇଛି ।

## ସଶକ୍ତ ନାରୀ ସଶକ୍ତ ଭାରତ ନାରୀ ଶକ୍ତିବନ୍ଦନ କାର୍ଯ୍ୟକ୍ରମ ଅନୁଷ୍ଠିତ

ପୁରୀ, ୧୭/୦୪ (ନି.ପ୍ର): ଜିଲ୍ଲା ପ୍ରଶାସନ ଓ ସମାଜ ବିଭାଗ ପକ୍ଷରୁ ପୁରୀ ଟାଉନହଲ ଠାରେ ସଶକ୍ତ ନାରୀ ସଶକ୍ତ ଭାରତ ନାରୀଶକ୍ତି ବନ୍ଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏକ ହଜାରରୁ ଉର୍ଦ୍ଧ୍ୱ ନାରୀ ଶକ୍ତି ମହିଳାମାନେ ସୁବାଷ ବୋଷ ଛକ ଠାରୁ ଟାଉନହଲ ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ଯ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ଉଦଘାଟନ କରି କହିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିକଶିତ ଭାରତ ଓ ବିକଶିତ ଓଡ଼ିଶା ପାଇଁ ମହିଳା ସଶକ୍ତିକରଣ, ମହିଳା ସଂରକ୍ଷଣ ଉପରେ ଗୁରୁତ୍ୱ ଦେଇଛନ୍ତି । ମହିଳାମାନେ ରାଜନୈତିକ କ୍ଷେତ୍ରରେ, ଶିକ୍ଷା କ୍ଷେତ୍ରରେ ୩୩ ପ୍ରତିଶତ ସଂରକ୍ଷଣ ଉପରେ ଗୁରୁତ୍ୱ ଦେଇଥିଲେ । ସେନାବାହିନୀରେ ଏବେ ମହିଳା ମାନେ ଦକ୍ଷତାର ସହିତ କାର୍ଯ୍ୟ କରୁଛନ୍ତି । ସମ୍ମାନିତ ଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ, ମହିଳା କମିଶନର ଉର୍ମିଳା ମହାପାତ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ମହାନଗର ନିଗମ କମିଶନର ଅରୁଗୁଲା ସ୍ନେହା, ମହିଳା ଆଇପିଏସ୍ ଅଧିକାରୀଣି ମିସ୍ ଅନନ୍ତା କେ.ବିଜୟ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ତନୁପ୍ରଭା ବେଉରା ମଞ୍ଚାସୀନ ହୋଇ ମହିଳା ସଶକ୍ତିକରଣ ଉପରେ ଆଲୋକପାତ କରିଥିଲେ।

# ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ କ୍ରୟ କମିଟି ବୈଠକ : ମୁଗ, ବିରି ଓ ଚିନାବାଦାମର ଦର ଧାର୍ଯ୍ୟ

ମାଲକାନଗିରି, ୧୭/୦୪ (ନି.ପ୍ର): ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଏଫଏଲସି ହଲ୍ ରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ କ୍ରୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ୨୦୨୫-୨୬ ରବି ଋତୁ ପାଇଁ ଜିଲ୍ଲାରେ ଉତ୍ପାଦିତ ହେଉଥିବା ମୁଗ, ବିରି ଓ ଚିନାବାଦାମର ସର୍ବନିମ୍ନ ସହାୟକ ମୂଲ୍ୟ ଧାର୍ଯ୍ୟ କରାଯିବା ସହ ଶସ୍ୟ ସଂଗ୍ରହ ପ୍ରକ୍ରିୟା ଉପରେ ବିସ୍ତୃତ ଆଲୋଚନା ହୋଇଛି। ଏହି ବୈଠକରେ ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଅନିଲ କୁମାର ପ୍ରହରାଜ, ସମବାୟ ସମିତି ସମୂହର ଉପ-ନିବନ୍ଧକ ଥିଓଫିଲ ଶବର, ମାର୍କଫେଡ୍ର ଆଂଚଳିକ ପରିଚାଳକ ଚନ୍ଦ୍ର ସେଠିଆ, ଆରଏମସି ସମ୍ପାଦକ ସଞ୍ଜୟ କୁମାର ଦାସ, ସାଂସଦ ପ୍ରତିନିଧି ସଞ୍ଜୟ ସରକାର ଏବଂ ସମସ୍ତ ବ୍ଲକ କୃଷି ଅଧିକାରୀମାନେ ଉପସ୍ଥିତ ଥିଲେ।
ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେ କହିଥିଲେ ଯେ, କୌଣସି ପ୍ରକୃତ ଚାଷୀ ଯେପରି ଶସ୍ୟ ବିକ୍ରୟରୁ ବଂଚିତ ନ ହୁଅନ୍ତି ଏବଂ ମଣ୍ଡିରେ ସେମାନଙ୍କ ପାଇଁ ପାନୀୟ ଜଳ ଓ ବିଶ୍ରାମାଗାର ଭଳି ସମସ୍ତ ମୌଳିକ ସୁବିଧା ଉପଲବ୍ଧ ହୁଏ, ତାହା ପ୍ରଶାସନ ପକ୍ଷରୁ ନିଶ୍ଚିତ କରାଯିବ। ସେହିପରି ସମବାୟ ଅଧିକାରୀଙ୍କୁ ସମବାୟ ସମିତି ଜରିଆରେ ହେଉଥିବା ପଞ୍ଜିକରଣ ପ୍ରକ୍ରିୟାକୁ ସ୍ୱଚ୍ଛ ରଖିବା ସହ ମଧ୍ୟସ୍ଥିମାନଙ୍କ ପ୍ରାଦୁର୍ଭାବ ରୋକିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କୁ ବ୍ଲକ ସ୍ତରୀୟ ଅଧିକାରୀମାନଙ୍କ ଜରିଆରେ ଚାଷୀଙ୍କୁ ମଣ୍ଡି ତାରିଖ ଓ ସରକାରୀ ଦର ସମ୍ପର୍କରେ ସଚେତନ କରିବାକୁ ଏବଂ ଫସଲର ଗୁଣବତା ଯାଂଚ୍ କରିବାକୁ ଦାୟିତ୍ୱ ଦିଆଯାଇଛି। ସାମଗ୍ରିକ ଭାବେ ଏହି ବୈଠକରେ ଚାଷୀଙ୍କ ସ୍ୱାର୍ଥ ରକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଛି। ସରକାରଙ୍କ ଦ୍ୱାରା ଧାର୍ଯ୍ୟ ହୋଇଥିବା ମୂଲ୍ୟରେ ଯେପରି ସୁବିଧାରେ ଚାଷୀମାନେ ନିଜର ଶସ୍ୟ ବିକ୍ରି କରିପାରିବେ, ସେଥିପାଇଁ ପ୍ରଶାସନିକ ସ୍ତରରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି।

# କରାଣ୍ଡିଆ ନଦୀବନ୍ଧ ସୁରକ୍ଷା କାର୍ଯ୍ୟରେ ହୋଇଥିବା ଦୁର୍ନୀତିରେ ତଦନ୍ତ କରିବାକୁ ଦାବି

କେନ୍ଦ୍ରାପଡ଼ା, ୧୭/୦୪ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ ଅନ୍ତର୍ଗତ ଇନ୍ଦାଲୋ ପଂଚାୟତର ପୁରୁଷୋତମପୁର ଠାରେ ଚଳିତ ଆର୍ଥିକ ବର୍ଷରେ ଜଳ ସମ୍ପଦ ବିଭାଗର ମହାନଦୀ, ଉତର ବିଭାଜନ-୧ ପକ୍ଷରୁ କରାଣ୍ଡିଆ ବାମପାର୍ଶ୍ୱରେ ନଦୀବନ୍ଧ ସୁରକ୍ଷା କାର୍ଯ୍ୟ ଚାଲୁଅଛି। ଏହି ନଦୀବନ୍ଧ ପ୍ରାୟ ୫ ବର୍ଷ ହେବଜଳ ପ୍ରବାହ ବନ୍ଦ ରହିଛି। ଆଷାଢ଼ ମାସରେ ମଧ କିଛିଦିନ ଭରପୁର ପାଣି ଆସେ। ନିକଟରେ ଥିବା ଜଳପୋକ ନିକଟରୁ ପାଣି ଗାଁଭିତରକୁ ପ୍ରବେଶ କରେ। କିନ୍ତୁ ସେଠାରେ ନଦୀବନ୍ଧ ସୁରକ୍ଷା କାର୍ଯ୍ୟ ହେଉନଥିବାବେଳେ ପୁରୁଷୋତମ ପୁର ଠାରେ ଆବଶ୍ୟକ ଠାରୁ ଅଧିକ ପଥର ସ୍ୱର ଅଧିକ ଲମ୍ବା ପର୍ଯ୍ୟନ୍ତ ପଥର ଲଟିଂ, ପ୍ୟାକିଂ କରାଯାଉଛି। କାର୍ଯ୍ୟ ହେଉଥିବା ସ୍ଥାନ ଏକ ବାଲିପଠା ହୋଇଥିବାବେଳେ କିପରି ଭାବରେ ନଦୀର ଗଭୀରତାର ଅନୁମାନ କଲେ ଓ ଗଭୀରତାକୁ ମାପିଲେ ତାହା ଏହି କାର୍ଯ୍ୟରେ ହୋଇଥିବା ଚଂଚକତାକୁ ଧରା ପକାଉଛି। ସୁନିଶ୍ଚିତ ଯୋଜନା ପ୍ରସ୍ତୁତ ନକରି ଏହି କାର୍ଯ୍ୟକୁ ମହାନଦୀ ଉତର ବିଭାଜନ-୧ ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀଙ୍କ କାର୍ଯ୍ୟକୁ ସନ୍ଦେହ କରାଯାଉଛି। ଏହି କାର୍ଯ୍ୟରେ ହୋଇଥିବା ୬୦ ପ୍ରତିଶତ ପଥର ନିମ୍ନମାନର ଓ କମ୍ପାପର ଅଟେ। ଏହି କାର୍ଯ୍ୟକୁ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଉମେଶ ପାଢ଼ି, ହିମାଂଶୁ ନାୟକ, ରମେଶଚନ୍ଦ୍ର ଦାସ, ସୁଧାଂଶୁ କୁମାର ସାହୁ, ଜୟ ଜଗଦୀଶ ସେଠୀ, ରଶ୍ମୀରଂଜନ ଚୌଧୁରୀ ପ୍ରମୁଖ ଜିଲ୍ଲାପାଳଙ୍କ ନିକଟରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି।

# ବ୍ୟବସାୟୀଙ୍କ ଘରୁ ୨୦ ଲକ୍ଷରୁ ଅଧିକ ଟଙ୍କାର ଅଳଙ୍କାର ଚୋରି : ପୋଲିସର ତନାଘନା ଜାରି

ଝାରସୁଗୁଡ଼ା, ୧୭/୦୪ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲା ବିମାନବନ୍ଦର ଥାନା ଅନ୍ତର୍ଗତ ତାଳପଟିଆ ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଏକ ବଡ଼ ଧରଣର ଚୋରି ଘଟଣା ଘଟି ଅଂଚଳରେ ଚଂଚଳତା ସୃଷ୍ଟି କରିଛି। ଗ୍ରାମର ପ୍ରତିଷ୍ଠିତ ବ୍ୟବସାୟୀ ଦଶରଥ ଶର୍ମାଙ୍କ ଘରୁ ଦୁର୍ବୃତମାନେ ପ୍ରାୟ ୨୦ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ସୁନା, ରୁପା ଓ ହୀରା ଅଳଙ୍କାର ସହ ନଗଦ ଟଙ୍କା ଚୋରି କରି ନେଇଛନ୍ତି। ସୂଚନାନୁସାରେ, ଗରମ ଯୋଗୁଁ ଏସି ଚାଲୁ ନଥିବାରୁ ପରିବାର ସଦସ୍ୟମାନେ ଘରର ଉପର ମହଲାରେ ଶୋଇଥିଲେ। ଏହାର ସୁଯୋଗ ନେଇ ୩ରୁ ୪ ଜଣ ଦୁର୍ବୃତ ଘର ପଛପଟେ ପଶି ଆଲମିରା ଭାଙ୍ଗି ଚୋରି କରିଥିବା ଅଭିଯୋଗ ହୋଇଛି।
ଚୋରି ହୋଇଥିବା ସାମଗ୍ରୀମାନଙ୍କ ମଧ୍ୟରେ ୪ଟି ସୁନା ଚେନ, ଏକ ଦାମୀ ହୀରା ସେଟ, ୧୦ରୁ ଅଧିକ ସୁନା କାନଫୁଲ ଓ ହାର ସହ ନଗଦ ୧୦ ହଜାର ଟଙ୍କା ରହିଥିବା ଜଣାପଡ଼ିଛି। ସମସ୍ତ ଅଳଙ୍କାରର ଆନୁମାନିକ ମୂଲ୍ୟ ୨୦ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଅନୁମାନ କରାଯାଇଛି।
ଘଟଣା ସମ୍ପର୍କରେ ଖବର ପାଇ ଝାରସୁଗୁଡ଼ା ଏସପି ଗୁଣ୍ଡାଲା ରାଘବେନ୍ଦ୍ର ରେଡ୍ଡୀ, ଏସଡିପିଓ ଉମାଶଙ୍କର ସିଂ, ବିମାନବନ୍ଦର ଥାନା ଆଇଆଇସି ବନ୍ଦନା ନାୟକ ଓ ଏସଆଇ ଅରୁଣ ସାହୁ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛନ୍ତି। ପୋଲିସ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁରଙ୍କ ସହାୟତା ନେଇ ତଦନ୍ତକୁ ତ୍ୱରାନ୍ୱିତ କରୁଛି।
ଘରର ସିସିଟିଭି ଫୁଟେଜ ଯାଂଚ କରିବାରୁ ୩ ଜଣ ଦୁର୍ବୃତ ଘର ପଛପଟୁ ପଶୁଥିବା ଦୃଶ୍ୟ ଧରାପଡ଼ିଛି। ଏହି ଘଟଣାର ଗଭୀର ତଦନ୍ତ ଚାଲିଥିବା ସହ ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।
ଏନେଇ ବିମାନବନ୍ଦର ଥାନାରେ ଏକ ମାମଲା ରୁଜୁ ହୋଇଛି ଏବଂ ଚୋରମାନଙ୍କ ସନ୍ଧାନରେ ପୋଲିସ ତଦନ୍ତ ଜାରି ରଖିଛି।

# ନକୁଳକୁ ସହଯୋଗର ହାତ ବଢ଼ାଇଲା ଜିଲ୍ଲା ଶିକ୍ଷା ବିଭାଗ

ମାଲକାନଗିରି, ୧୭/୦୪ (ନି.ପ୍ର): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ ନୂଆଗୁଡ଼ା ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନରତ ଅନାଥ ଛାତ୍ର ନକୁଳ ମାଡ଼ିକୁ ଭେଟି ତା'ର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଛନ୍ତି ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ ଓ ବ୍ଲକ ଶିକ୍ଷା ଅଧିକାରୀ ସୁମିତ ବିଶ୍ୱାସ ।ଉଭୟ ଅଧିକାରୀ ଆଜି ସକାଳ ପ୍ରାୟ ୯ଟା ୩୦ ମିନିଟ ସମୟରେ ନୂଆଗୁଡା ପ୍ରାଥମିକ ବିଦ୍ୟାଳୟ ଗସ୍ତରେ ଆସି ଅନାଥ ଛାତ୍ର ନକୁଳ ମାଡ଼ିକୁ ଭେଟିଥିଲେ। ଜାଣିବାକୁ ପାଇଥିଲେ କି ନକୁଳର ନିଜ ଘର ମାଲକାନଗିରି ବ୍ଲକ୍ ସିନ୍ଦ୍ରୀମାଳ ପଞ୍ଚାୟତ ଅନ୍ତର୍ଗତ ସିମାଗୁଡ଼ି ଗ୍ରାମରେ। ପିତା ଜୟସିଂହଙ୍କ ମୃତ୍ୟୁ ପରେ ନକୁଳର ମା ଶୁକ୍ରି ମାଡ଼ି ମାନସିକ ଭାରସାମ୍ୟ ହରାଇ ନକୁଳକୁ ଛାଡ଼ି କେଉଁ ଆଡେ ଚାଲିଯାଇଛନ୍ତି। ମାଥିଲି ବ୍ଲକ ଚମ୍ପାଝରନ ଗାଁରେ ରହୁଥିବା ନକୁଳର ମାମୁଁ ସନିଆ ପୁଜାରୀ ନକୁଳକୁ ନିଜ ପାଖରେ ରଖି ନୂଆଗୁଡ଼ା ପ୍ରାଥମିକ ବିଦ୍ୟାଳୟରେ ପଢ଼ାଇ ଆସୁଥିଲେ। ହେଲେ ନକୁଳର ଆଧାର କାର୍ଡ ନହୋଇ ପାରିବା ନେଇ ଦ୍ୱନ୍ଦ ଉପୁଜି ଥିଲା। ଏ ଖବର ମାଥିଲି ଶିକ୍ଷା ଅଧିକାରୀ ସୁମିତ ବିଶ୍ୱାସ ଜାଣିଲା ପରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ପାଣିଗ୍ରାହୀଙ୍କୁ ଜଣାଇଥିଲେ। ଉଭୟ ଅଧିକାରୀ ନକୁଳର ମାମୁଁ ସନିଆ ପୁଜାରୀଙ୍କୁ ଚମ୍ପାଝରନ୍ ଗ୍ରାମରେ ଭେଟିଥିଲେ। ତା'ର ପାଠ ପଢ଼ିବା ବ୍ୟବସ୍ଥା ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସଦର ମହକୁମାରେ କରିବା ପ୍ରସ୍ତାବକୁ ସନିଆ ଗ୍ରହଣ କରିଥିଲା । ଆସନ୍ତା ଶୁକ୍ରବାର ସନିଆ ମାଲକାନଗିରି ଯିବାକୁ ଜିଲ୍ଲା ଶିକ୍ଷା ଅଧିକାରୀ ଆର୍ଥିକ ସହଯୋଗ କରିଥିଲେ। ଏହାକୁ ସୁନିଶ୍ଚିତ କରିବାକୁ ଚମ୍ପାଝରନ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଦାୟିତ୍ୱ ଦିଆଯାଇଥିବା ଜଣାଯାଇଛି।

# ସାରୁଗାଁ ମହୋତ୍ସବର ତୃତୀୟ ସଂଧ୍ୟା: ଏସ୍ ଜିତୁ ଓ ସୌଜନ୍ୟା ରଥଙ୍କ କଣ୍ଠର ଯାଦୁରେ ମତୁଆଲା ଦର୍ଶକ

ଖଇରା, ୧୭/୪ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସାରୁଗାଁ ଉଡାପଡିଆରେ ଚାଲିଥିବା ଆମ ସାରୁଗାଁ ମହୋତ୍ସବର ଗୁରୁବାର ତୃତୀୟ ସଂଧ୍ୟା ଗୀତନାଚ ସାଙ୍ଗକୁ ସଭା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ମଧ୍ୟରେ ଅନୁଷ୍ଠିତ ହୋଇ ଯାଇଛି । ସଂଧ୍ୟାରେ କ୍ରୀଷ୍ଣା ଡ୍ୟାନ୍ସ ଗ୍ରୁପ ଓ ବନ୍ଦେ ମାତରମ କଲଚରାଲ ଏସୋସିଏସନର କଳାକାର ମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ କୁ ଦର୍ଶକ ମନଭରି ଉପଭୋଗ କରିଥିଲେ । ପରେ ମହୋତ୍ସବ କମିଟିର ସଭାପତି ରଘୁନାଥ ମହାନ୍ତିଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା ମୁଖ୍ୟ ଅତିଥି,ଯୁବ କଂଗ୍ରେସ ସଭାପତି ନିରଞ୍ଜନ ପରିଡା ମୁଖ୍ୟବକ୍ତା,ଯାତ୍ରା କଳାକାର ବିଷ୍ଣୁ ମହାପାତ୍ର,ଆଇନଜିବୀ ଯୁଧିଷ୍ଠିର ନାୟକ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ପାଦକ ଜୟନ୍ତ କୁମାର ଦାଶ ବିବରଣୀ ପାଠ କରିଥିଲେ । ଶିକ୍ଷାର ପ୍ରଚାର ପ୍ରସାର ପାଇଁ ସମର୍ପିତ ଜିବାନନ୍ଦ ମହାପାତ୍ର,ଶିଶୁ ନୃତ୍ୟଶିଳ୍ପୀ ଆରାଧ୍ୟା ମହାପାତ୍ର ଓ ପ୍ରତିକ ବିଶ୍ୱାଳଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ସୁନାମଧନ୍ୟ କଣ୍ଠଶିଳ୍ପୀ ଏସ ଜିତୁ ଓ ସୌଜନ୍ୟା ରଥଙ୍କ କଣ୍ଠର ଯାଦୁ ଓ ଟୁକୁନା ଷ୍ଟାଇଲିଷ୍ଟଙ୍କ କମେଡି ଦର୍ଶକଙ୍କୁ ବିମୁଗ୍ଧ କରିଥିଲା । କମିଟି ସଦସ୍ୟ ସ୍ୱାଧିନ ନାୟକ,ଭାଗିରଥି ଲେଙ୍କା,ତାପସ ପରିଡା ଓ ଗୋପିନାଥ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ ।

# ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷାଙ୍କ କୋଟିଆ ଗସ୍ତ : ପୋଷଣ ଓ ଶିକ୍ଷା ବ୍ୟବସ୍ଥାର ତୃଣମୂଳ ସମୀକ୍ଷା

ଜୟପୁର, ୧୭/୦୪ (ନି.ପ୍ର): କୋରାପୁଟ ଜିଲ୍ଲାର ସୀମାନ୍ତ ଅଞ୍ଚଳ କୋଟିଆରେ ଶିଶୁ ମାନଙ୍କ ସାମଗ୍ରିକ ବିକାଶ ଓ ପୋଷଣ ସୁବିଧାର ସମୀକ୍ଷା କରିଛନ୍ତି ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ଶ୍ରୀମତୀ ବବିତା ପାତ୍ର। ଗୁରୁବାର ଦିନ କୋରାପୁଟ ଜିଲ୍ଲା ଗସ୍ତ ଅବସରରେ ସେ କୋଟିଆ ପଞ୍ଚାୟତ ପରିଦର୍ଶନ କରି ସେଠାରେ ଚାଲିଥିବା ବିଭିନ୍ନ ସରକାରୀ ଯୋଜନାର ଅନୁଧ୍ୟାନ କରିଛନ୍ତି। ରାଜ୍ୟବ୍ୟାପୀ ପାଳିତ ହେଉଥିବା ଅଷ୍ଟମ ପୋଷଣ ଅଭିଯାନ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଆୟୋଜିତ ଏକ ବିଶାଳ ସଚେତନତା ଶୋଭାଯାତ୍ରାରେ ସେ ସାମିଲ ହୋଇ ଗ୍ରାମବାସୀଙ୍କ ମଧ୍ୟରେ ପୁଷ୍ଟିସାର ଖାଦ୍ୟ ଓ ସ୍ୱାସ୍ଥ୍ୟ ପ୍ରତି ସଚେତନତା ସୃଷ୍ଟି କରିଥିଲେ। ବିଶେଷ କରି ସେଠାକାର ମହିଳାମାନଙ୍କ ସହ ସିଧାସଳଖ ଆଲୋଚନା କରି ଗର୍ଭବତୀ ଓ ପ୍ରସୂତି ମାନଙ୍କ ସ୍ୱାସ୍ଥ୍ୟ ଏବଂ ଶିଶୁମାନଙ୍କ ସଠିକ୍ ପାଳନ ପୋଷଣ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଏହି ଗସ୍ତ କାଳରେ ଶ୍ରୀମତୀ ପାତ୍ର କୋଟିଆ ସ୍ଥିତ ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରି ସେଠାକାର ଭିତ୍ତିଭୂମି ଓ ପିଲାମାନଙ୍କୁ ପ୍ରଦାନ କରାଯାଉଥିବା ସୁବିଧା ଅସୁବିଧାର ତଦାରଖ କରିଥିଲେ। ସ୍ଥାନୀୟ ଅଞ୍ଚଳର କୌଣସି ବି ଶିଶୁ ଯେପରି ଶିକ୍ଷା ଗ୍ରହଣରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ସେ ଗୁରୁତ୍ୱ ଦେଇଥିଲେ। ଏ ଦିଗରେ ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ ଏବଂ ଶିଶୁ ଅଧିକାର ଆୟୋଗ ସବୁବେଳେ ସଜାଗ ଓ ପ୍ରତିବଦ୍ଧ ଅଛନ୍ତି ବୋଲି ସେ ମତବ୍ୟକ୍ତ କରିଥିଲେ।
ଶିକ୍ଷା ବ୍ୟବସ୍ଥାର ଅନୁଧ୍ୟାନ କରିବାକୁ ଯାଇ ସେ କୋଟିଆ ସରକାରୀ ଉଚ୍ଚ ବିଦ୍ୟାଳୟ, ବିଦ୍ୟାଳୟ ପରିସରରେ ଥିବା ଛାତ୍ରାବାସ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ବିଦ୍ୟାଳୟରେ ଥିବା କେତେକ ସମସ୍ୟା ତାଙ୍କ ନଜରକୁ ଆସିଥିଲା, ଯାହାର ତୁରନ୍ତ ନିରାକରଣ ପାଇଁ ସେ ଉପସ୍ଥିତ ଜିଲ୍ଲା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। କୋଟିଆର ପ୍ରାକୃତିକ ସୌନ୍ଦର୍ଯ୍ୟ ସହ ସେଠାକାର ପରିମଳ ଓ ସ୍ୱଚ୍ଛ ପରିବେଶକୁ ଦେଖି ଅଧ୍ୟକ୍ଷା ବେଶ ପ୍ରଶଂସା କରିଥିଲେ। ଏହି ଗସ୍ତ ସମୟରେ ଅଧ୍ୟକ୍ଷାଙ୍କ ସହିତ ପଟ୍ଟାଙ୍ଗୀ ବିଡିଓ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀର ଆଇନ୍ ଅଧିକାରୀ ଉପସ୍ଥିତ ଥିଲେ।
ପରବର୍ତ୍ତୀ ଅପରାହ୍ନ ସମୟରେ କୋରାପୁଟ ଜିଲ୍ଲା ସଦଭାବନା ଗୃହରେ ଜିଲ୍ଲାପାଳଙ୍କ ଆବାହନରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ସମୀକ୍ଷା ବୈଠକରେ ଅଧ୍ୟକ୍ଷା ନିଜର ଗସ୍ତ ବିବରଣୀ ଓ ବିଭିନ୍ନ ସୁବିଧା ଅସୁବିଧା ଆଦି ଆଲୋଚନା କରିବା ସହ ଶିଶୁ ଅଧିକାର ସମ୍ବନ୍ଧୀୟ ନିର୍ଦ୍ଦେଶ ଆଦି ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଉପରିସ୍ଥ ଅଧିକାରୀ ମାନଙ୍କ ସହିତ ଜିଲ୍ଲାର ଅନ୍ୟାନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

# ଛେଳି ଚୋରି ଘଟଣାରେ ୩ ଗିରଫ: ବନ୍ଧୁକ ଓ ଗୁଳି ଜବତ

ମାଲକାନଗିରି, ୧୭/୦୪ (ନି.ପ୍ର): ମାଲକାନଗିରି ଜିଲ୍ଲା ଏମଭି-୭୯ ଥାନା ପୁଲିସ ଛେଳି ଚୋରି ଘଟଣାରେ ୩ ଜଣଙ୍କୁ ଗିରଫ କରିଛି। ଏଥିସହ ସେମାନଙ୍କ ନିକଟରୁ ଗୋଟିଏ ପିସ୍ତଲ ଏବଂ ଗୁଳି ଜବତ କରିଛି। ଗିରଫ ୩ ଜଣଙ୍କ ପରିଚୟ ହେଉଛି ଏମଭି-୧୧୩ ଗ୍ରାମର ସୁଜୟ ମଣ୍ଡଳ ଓ ଏମପିଭି-୪୫ ଗ୍ରାମର ରାହୁଲ ଶିକାରୀ ଏବଂ ପୁର୍ନେନ୍ଦୁ ମଣ୍ଡଳ। ସୂଚନା ଅନୁଯାୟୀ, ଗତ ଦୁଇ ଦିନ ତଳେ ୬ ଜଣ ଚୋର ଦଳ ଗିରକାନପାଲୀ ଓ ଉଦୟଗିରି ଅଞ୍ଚଳରୁ ୩ଟି ଛେଳି ଚୋରି କରି ଆଣିଥିଲେ। ଏହା ଜାଣିବା ପରେ ଗିରକାନପାଲୀ ଗ୍ରାମ ସମେତ ଆଖଆଖ ଅଞ୍ଚଳର ଶତାଧିକ ଲୋକ ଚୋରଙ୍କ ପିଛା କରିଥିଲେ। ଚୋର ଦଳ ତାମନପାଲୀ ପାହାଡ଼ ନିକଟରେ ଆସି ଲୁଚି ରହିଥିବା ବେଳେ ସେଠାରେ ଗ୍ରାମବାସୀ ମଧ୍ୟରେ ମୁହାଁମୁହିଁ ହୋଇଥିଲା। ତେବେ ଚୋର ଦଳ ଗ୍ରାମବାସୀଙ୍କ ଉପରକୁ ପିସ୍ତଲରୁ ଗୁଳି କରି ଖସିଯିବାକୁ ଉଦ୍ୟମ କରିଥିଲେ । ଗୁଳି ବାଜି ଜଣେ ଗ୍ରାମବାସୀ ଆହତ ହୋଇଥିଲେ। କିନ୍ତୁ, ଗ୍ରାମବାସୀ ଦୁଇ ଜଣ ଚୋରଙ୍କୁ କାବୁ କରି ନିର୍ଘୃମ ମାଡ଼ ମାରି ଲହୁଲୁହାଣ କରିଥିଲେ। ଅନ୍ୟମାନେ ଖସିଯିବାରେ ସଫଳ ହୋଇଥିଲେ । ୩ଟି ଛେଳି ମଧ୍ୟରୁ ଦୁଇଟି କୁଆଡ଼େ ଚାଲିଯାଇଥିବା ବେଳେ ଗୋଟିଏ ଛେଳିକୁ ପୁଲିସ ଧରି ଗ୍ରାମବାସୀଙ୍କୁ ହସ୍ତାନ୍ତର କରିଥିଲା। ଏମଭି-୭୯ ଥାନା ଅଧିକାରୀ ପୂର୍ଣ୍ଣିମା ଟେଟେ ଏବଂ ଏସ ଆଇ ଚନ୍ଦନ କୁମାର ବେହେରାଙ୍କ ନେତୃତ୍ୱରେ ଏକ ପୁଲିସ ଟିମ୍ ଘଟଣାସ୍ଥଳରୁ ଦୁଇ ଆହତ ଚୋରଙ୍କୁ କାବୁ କରିଥିଲା ବେଳେ ଆଉ ଜଣଙ୍କୁ ଗିରଫ କରିଥିଲା।

# ସାରା ଭାରତରେ ୮୫ଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କଲା ଓଡ଼ିଆ ଚଳଚ୍ଚିତ୍ର ବିନ୍ଦୁସାଗର

ଭୁବନେଶ୍ୱର, ୧୭/୪ (ନି.ପ୍ର): ଓଲିଉଡ଼ ସିନେ ଇଣ୍ଡଷ୍ଟ୍ରି ଏବେ ଯୁବପୀଢ଼ିଙ୍କ କାନ୍ଧରେ । ୟଙ୍ଗ ଟ୍ୟାଲେଣ୍ଟେଡ ଟେକ୍ନିସିଆନ୍ସଙ୍କ ମାଧ୍ୟମରେ ଓଡ଼ିଆ ସିନେ ଇଣ୍ଡଷ୍ଟ୍ରିର ଶୁଭ ଦିନ ଆସିଛି । ଆମ ମାଟିର ମୌଳିକ କାହାଣୀକୁ ନେଇ ଗୋଟିଏ ପରେ ଗୋଟିଏ ହିଟ୍ ସିନେମା ଭେଟି ଦେଉଛନ୍ତି ଓଡ଼ିଆ ସିନେ ଦର୍ଶକଙ୍କୁ । ତେବେ ସେହିପରି ଏକ ୟଙ୍ଗ ଟ୍ୟାଲେଣ୍ଟେଡ ଗ୍ରୁପ ଭେଟି ଦେଇଛନ୍ତି ନୂଆ ଓଡ଼ିଆ ଚଳଚ୍ଚିତ୍ର 'ବିନ୍ଦୁସାଗର' । ସାରା ଭାରତରେ ୮୫ଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଛି। ମୁମ୍ବାଇର ଶିଳାଦିତ୍ୟ ବୋରା ଏହାର ପ୍ରଯୋଜନା କରିଥିବା ବେଳେ ଯୁବ ନିର୍ଦ୍ଦେଶକ ଅଭିଷେକ ସ୍ୱାଇଁ ନିର୍ଦ୍ଦେଶନା ଦେଇଛନ୍ତି । ଅଭିଷେକ ଦାସ ରଚନା କରିଛନ୍ତି । ପ୍ରକୃତି ମିଶ୍ର, ଦୀପନ୍ୱିତ ଦାସ ମହାପାତ୍ର, ସତ୍ୟ ରଞ୍ଜନ, ସୋନାଲି ଶର୍ମିଷ୍ଠାଙ୍କ ସମେତ ଅନେକ ବଲିଉଡ କଳାକାର ରବୀନ ଦାସ, ଜଗନ୍ନାଥ ସେଠ ପ୍ରମୁଖ ଅଭିନୟ କରିଛନ୍ତି ।



# ବଳାଙ୍ଗୀ ମହୋତ୍ସବ ଉଦ୍‌ଘାଟିତ

## ♦କଳା ସଂସ୍କୃତି ହିଁ ଗୋଟିଏ ଭୂଖଣ୍ଡର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥାଏ
## ♦ଓଡିଶୀ, ଛଉ, ସମ୍ବଲପୁରୀ ନୃତ୍ୟରେ ଝୁମିଲେ ଦର୍ଶକ




ବାରିପଦା , ୧୭/୪ (ନି.ପ୍ର): ପବିତ୍ର ମହା ବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବ ବର୍ଷ ପାଳନ ଉପଲକ୍ଷେ ବାରିପଦା ଠାରେ ମୟୂରଭଞ୍ଜର ମହାନ ଗଣପର୍ବ ବଳାଙ୍ଗୀ ମହୋତ୍ସବ ଉଦଘାଟିତ ହୋଇ ଯାଇଛି । ମହୋତ୍ସବ କମିଟିର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ ଉତ୍ସବରେ ଉଦଘାଟକ ତଥା ମୁଖ୍ୟ ଅତିଥି ଭାବରେ ମୟୂରଭଞ୍ଜ ମହାରାଜା ତଥା ପୂର୍ବତନ ମନ୍ତ୍ରୀ ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ସମ୍ମାନିତ ଅତିଥି ଭାବରେ ମୟୁରଭଞ୍ଜ ଆଇନ ମହାବିଦ୍ୟାଳୟ ର ଅଧକ୍ଷ ଡ଼. ରଞ୍ଜନ କୁମାର ତରେଇ, ଜିଲ୍ଲା ଓକିଲ ସଙ୍ଘର ସଭାପତି ଜ୍ୟୋତି ପ୍ରକାଶ ରଥ, ସମ୍ପାଦକ ବିପ୍ଳବ କୁମାର ବାରିକ, ମହୋତ୍ସବ କମିଟିର ଅଧକ୍ଷ ଅରବିନ୍ଦ ଦାସ ପ୍ରମୁଖ ଯୋଗଦେଇ କଳା ସଂସ୍କୃତି ହିଁ ଗୋଟିଏ ଭୂଖଣ୍ଡର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥାଏ ବୋଲି କହିବା ସହିତ ବାରିପଦା ଠାରେ ବୁଢାବଳଙ୍ଗ, ଚିପଟ ଏବଂ ଇଟାଯୋଡି ନଦୀର ତ୍ରିବେଣୀ ସଙ୍ଗମ ସ୍ଥଳୀରେ ଦୀର୍ଘ ୨୪ ବର୍ଷ ଧରି ପାଳିତ ହୋଇ ଆସୁଥିବା ବଳାଙ୍ଗୀ ମହୋତ୍ସବ ମୟୂରଭଞ୍ଜ ଜିଲ୍ଲାରେ କଳା ସଂସ୍କୃତିର ସୁରକ୍ଷା ଏବଂ ସମୃଦ୍ଧି ପାଇଁ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରି ଆସୁଛି ବୋଲି କହିଥିଲେ। ସହ ସମ୍ପାଦକ ଡ଼. ଶଶୀଧର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିବା ବେଳେ, ପଣ୍ଡିତ ଭାଗବତ ପଣ୍ଡା ମଙ୍ଗଳା ଚରଣ ପାଠ କରିଥିଲେ। ଏହି ଅବସରରେ ଶ୍ରୀ ଶ୍ରୀ ଅନନ୍ତ ନାରାୟଣଙ୍କ ପୂଜା ଯଜ୍ଞ, ଓଡ଼ିଆ ନବବର୍ଷ ପାଳନ, ବିଭିନ୍ନ ବର୍ଗର କଳାକାର ମାନଙ୍କର ନୃତ୍ୟ ସହ ଜିଲ୍ଲା ତଥା ଜିଲ୍ଲା ବାହାରୁ ବହୁ ସାଂସ୍କୃତିକ ଦଳ ଯୋଗଦେଇ ସେମାନଙ୍କର କଳା କୌଶଳ ପ୍ରଦର୍ଶନ କରିଥିଲେ। ଓଡିଶୀ ନୃତ୍ୟ ଏବଂ ସମ୍ବଲପୁରୀ ନୃତ୍ୟ ଦର୍ଶକଙ୍କୁ ମତୁଆଲା କରିଥିଲା। ବଳାଙ୍ଗୀ ସେନାର କୁମାରେଶ ନାୟକ, ମିଥୁନ ବାରିକ, ସନତ ବାରିକ, ଦିଲ୍ଲୀପ ପାତ୍ର, ପ୍ରକାଶ କାଣ୍ଡି, ରୋହିତ ବେହେରା, ମନୋରଞ୍ଜନ ବାରିକ ପ୍ରମୁଖଙ୍କ ନେତୃତ୍ୱରେ ବହୁ ସ୍ୱେଚ୍ଛାସେବୀ ମେଳା ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ମହୋତ୍ସବ କମିଟିର ସମ୍ପାଦକ ଦୀପକ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ପୂର୍ବତନ ରାଷ୍ଟ୍ରପତି ଡ଼ଃ ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ସ୍ମରଣ କଲେ ରାଜ୍ୟପାଳ

ଭୁବନେଶ୍ୱର, ୧୭/୪ (ନି.ପ୍ର): ପୂର୍ବତନ ରାଷ୍ଟ୍ରପତି ଡ଼ଃ ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ସ୍ମୃତିଚାରଣ କରିଛନ୍ତି ରାଜ୍ୟପାଳ ଡ.ହରିବାବୁ କମ୍ଭମପତି । ଏନେଇ ସୋସିଆଲ ମିଡିଆ ଏକ୍ସରେ ରାଜ୍ୟପାଳ କହିଛନ୍ତି ଯେ, ମହାନ ଦାର୍ଶନିକ ଏବଂ ଭାରତର ପୂର୍ବତନ ରାଷ୍ଟ୍ରପତି ଡ଼ଃ ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ପୁଣ୍ୟତିଥିରେ ନମ୍ର ଶ୍ରଦ୍ଧାଞ୍ଜଳି।

ରାଜ୍ୟପାଳ କହିଛନ୍ତି ଯେ, ତାଙ୍କର ଜ୍ଞାନ, ଆଦର୍ଶ ଏବଂ ଶିକ୍ଷା ପ୍ରତି ସମର୍ପଣ ଦେଶକୁ ସଦା ପ୍ରେରିତ କରିଆସିବ ଏବଂ ଆଗାମୀ ପିଢ଼ୀ ପାଇଁ ଏକ ପଥପ୍ରଦର୍ଶକ ଭାବେ ରହିବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ମହିଳା ସଂରକ୍ଷଣକୁ ...

ମହିଳାମାନଙ୍କୁ ସେମାନଙ୍କ ଅଧିକାର ଦେବା ପାଇଁ ଆମେ ଆଉ ଦଶନ୍ଧି ଅପେକ୍ଷା କରିପାରିବା ନାହିଁ। ଜନଗଣନା ଏକ ସମୟସାପେକ୍ଷ ପ୍ରକ୍ରିୟା, ତେଣୁ ଏହାକୁ ବାଇପାସ୍ କରି ସୀମା ନିର୍ଦ୍ଧାରଣ କରିବା ଜରୁରୀ। ସେ ଅଭିଯୋଗ କରିଥିଲେ ଯେ ବିରୋଧୀ ଦଳଗୁଡ଼ିକ କେବଳ ବୈଷୟିକ କାରଣ ଦର୍ଶାଇ ନାରୀ ଶକ୍ତିର ବିକାଶକୁ ରୋକୁଛନ୍ତି। ଲୋକସଭାରେ ବିଲ୍ ଉପରେ ଭୋଟ୍ ଗ୍ରହଣ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମସ୍ତ ଦଳର ସାଂସଦମାନଙ୍କୁ ଦଳଗତ ରାଜନୀତିରୁ ଊର୍ଦ୍ଧ୍ୱକୁ ଉଠି 'ମାତୃ ଶକ୍ତି' ସପକ୍ଷରେ ଭୋଟ୍ ଦେବାକୁ ଅନୁରୋଧ କରିଥିଲେ। ସେ କହିଥିଲେ ଯେ ଏହି ବିଲ୍ ଦେଶର ଭବିଷ୍ୟତ ବଦଳାଇ ଦେବ, ତେଣୁ ଏହାକୁ ସମର୍ଥନ କରିବା ଆବଶ୍ୟକ। ତେବେ ପ୍ରଧାନମନ୍ତ୍ରୀଙ୍କ ଏହି ପ୍ରୟାସ ଦୁଇ ତୃତୀୟାଂଶ ସଦସ୍ୟଙ୍କ ସମର୍ଥନ ହାସଲରେ ବିଫଳ ହୋଇଛି। କଂଗ୍ରେସ ସମେତ ସମସ୍ତ ବିରୋଧୀ ଦଳ ସରକାରଙ୍କ ପ୍ରସ୍ତାବକୁ କଡ଼ା ବିରୋଧ କରିଥିଲେ। ସେମାନଙ୍କ ଯୁକ୍ତି ଥିଲା ଯେ ଜନଗଣନା ବିନା ସୀମା ନିର୍ଦ୍ଧାରଣ କରିବା ସାମ୍ବିଧାନିକ ନିୟମର ଉଲ୍ଲଂଘନ। ସରକାର ଜନଗଣନାକୁ ଏଡ଼ାଇ ନିଜ ପସନ୍ଦ ଅନୁଯାୟୀ ନିର୍ବାଚନ ମଣ୍ଡଳୀର ପୁନର୍ଗଠନ କରିବାକୁ ଚାହୁଁଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ବିଲ୍‌ରେ ପଛୁଆ ବର୍ଗର ମହିଳାଙ୍କ ପାଇଁ ସ୍ୱତନ୍ତ୍ର ସଂରକ୍ଷଣ ନଥିବାରୁ ବିରୋଧୀ ଦଳମାନେ ସରକାରକୁ ଘେରିଥିଲେ।

### ୨୧ ଯାଏଁ ତାତିରୁ ...

ଜିଲ୍ଲାରେ ତାତି ସାଙ୍ଗକୁ ଗୁଳୁଗୁଳି ହେବା ନେଇ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ଆଗାମୀ ୨୪ ଘଣ୍ଟା ପାଇଁ ସୁନ୍ଦରଗଡ଼, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ ଜିଲ୍ଲାରେ ବର୍ଷା ପବନ ସହ ବିଜୁଳି ଘଡ଼ଘଡ଼ିର ସମ୍ଭାବନା ରହିଛି । ୧୯ ତାରିଖରେ କନ୍ଧମାଳ, ରାୟଗଡା, କୋରାପୁଟ, ମାଲକାନଗିରି ଜିଲ୍ଲାରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହୋଇପାରେ । ଆଗାମୀ ୨୪ ଘଣ୍ଟାରେ ଦିନର ତାପମାତ୍ରା ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ବଢିପାରେ ବୋଲି ଆକଳନ କରିଛି ପାଣିପାଗ ବିଭାଗ ।

### ବିଜୁଙ୍କ ଶ୍ରାଦ୍ଧ...

ବିଜୁ ବାବୁଙ୍କ ଦେଶପ୍ରେମ ଓ ଓଡ଼ିଶା ବିକାଶରେ ବିଜୁଙ୍କ ଅବଦାନକୁ ମନେ ପକାଇ ଦେଇଥିଲେ ଶ୍ରଦ୍ଧାଞ୍ଜଳି । ଅନ୍ୟପଟେ ବିଜୁଙ୍କ ଫଟୋ ଉଠାଇଦେବା କଥା କହି ବିଜେଡିକୁ ଟାର୍ଗେଟ କରିଛନ୍ତି ପୁରୁଖା ପ୍ରଭାତ ତ୍ରିପାଠୀ । ବିଜୁଙ୍କ ଶ୍ରାଦ୍ଧ ଦିବସରେ ନବୀନ ଓଡ଼ିଶାରେ ଅନୁପସ୍ଥିତ ଥିଲେ ମଧ ଦିଲ୍ଲୀରେ ବିଜୁଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି । ଭିଡ଼ିଓ କନଫରେନ୍ସିଂ ଜରିଆରେ ଶଙ୍ଖ ଭବନ କାର୍ଯ୍ୟକ୍ରମରେ ଯୋଗ ଦେଇ ମାରିଛନ୍ତି ବିଶ୍ୱାସଘାତକ ବାଣ । ବିଜୁଙ୍କ ସହ ବିଶ୍ୱାସଘାତକତା କରି ନିଜ ପାପକୁ ମୁଖା ତଳେ ଲୁଚାଇପାରିବେନି ବୋଲି କହି ବିଜୁ ଲିଗାସିର ନେତାଙ୍କୁ ନବୀନ ଟାର୍ଗେଟ କରିଥିବା ଚର୍ଚ୍ଚା ହେଉଛି । ଅନ୍ୟପଟେ ବିଜୟ କହିଛନ୍ତି, ଓଡ଼ିଶା ନାଗରିକ ମଞ୍ଚ ବିଜୁ ବାବୁଙ୍କ ଶ୍ରାଦ୍ଧ ଦିବସ ପାଳିବାରୁ ନବୀନ ବାବୁ ଦିଲ୍ଲୀରେ ସଭା କରିବାକୁ ବାଧ ହେଲେ । ବିଜୁଙ୍କ ଶ୍ରାଦ୍ଧ ଦିବସ ବିଜେଡି ଓ ବିଜୁ ଲିଗାସି ମଧରେ ସୀମିତ ନାହିଁ । ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଜୁଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ।

### ବଢ଼ିଲା ରାହୁଲ ଗାନ୍ଧୀଙ୍କ ...

ତାଙ୍କ ନିକଟରେ ବ୍ରିଟିଶ ସରକାରଙ୍କର କିଛି ଅତି ଗୋପନୀୟ ଦଲିଲ ଓ ଇମେଲ୍ ରହିଛି ଯାହା ପ୍ରମାଣ କରୁଛି ଯେ ରାହୁଲ ଗାନ୍ଧୀ ବାସ୍ତବରେ ଜଣେ ବ୍ରିଟିଶ ନାଗରିକ। ଯଦି ଏହି ସ୍ପର୍ଶକାତର ଅଭିଯୋଗ ପ୍ରମାଣିତ ହୁଏ, ତେବେ ରାହୁଲଙ୍କ ସାଂସଦ ପଦ ତଥା ନିର୍ବାଚନ ଲଢ଼ିବାର ଯୋଗ୍ୟତା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହେବ। ଏହି ମାମଲାରେ ଭାରତୀୟ ନ୍ୟାୟ ସଂହିତା, ସରକାରୀ ଗୋପନୀୟତା ଆଇନ, ବିଦେଶୀ ନାଗରିକ ଆଇନ ଓ ପାସପୋର୍ଟ ଆଇନର ବିଭିନ୍ନ କଠୋର ଧାରା ଅନୁଯାୟୀ ତଦନ୍ତ କରିବାକୁ ଆବେଦନ କରାଯାଇଛି। ପୂର୍ବରୁ ଏହି ଘଟଣାର ଶୁଣାଣି ରାୟବରେଲି କୋର୍ଟରେ ଚାଲିଥିବା ବେଳେ ଡିସେମ୍ବର ୨୦୨୫ରେ ଏହାକୁ ଲକ୍ଷ୍ନୌକୁ ସ୍ଥାନାନ୍ତର କରାଯାଇଥିଲା। ହାଇକୋର୍ଟଙ୍କ ଏହି ସଦ୍ୟତମ ଆଦେଶ ପରେ ଏବେ ସମଗ୍ର ଦେଶର ନଜର ଉତ୍ତରପ୍ରଦେଶ ସରକାର ଏବଂ ସମ୍ଭାବ୍ୟ କେନ୍ଦ୍ରୀୟ ତଦନ୍ତ ପ୍ରକ୍ରିୟା ଉପରେ ଆବଦ୍ଧ ରହିଛି, ଯାହା ଆଗାମୀ ଦିନରେ ଭାରତୀୟ ରାଜନୀତିରେ ଏକ ବଡ଼ ଧରଣର ଭୂକମ୍ପ ସୃଷ୍ଟି କରିପାରେ।

### ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ...

ରାଜ୍ୟର ପ୍ରଗତିକୁ ତ୍ୱରାନ୍ୱିତ କରିବା ଓ ଜନସାଧାରଣଙ୍କ ମଙ୍ଗଳକାମନାରେ ନିଷ୍ଠାପୂର୍ଣ୍ଣ ପ୍ରୟାସକୁ ଆଗେଇ ନେବା ପାଇଁ ପ୍ରଧାନମନ୍ତ୍ରୀଙ୍କ ମୂଲ୍ୟବାନ ଉପଦେଶ ଓ ପ୍ରେରଣା ପାଇଲି। ତାଙ୍କର ଦୃଢ଼ ନେତୃତ୍ୱ ଓ ଦେଶସେବାରେ ପ୍ରତିବଦ୍ଧତା ଆମ ସମସ୍ତଙ୍କ ପାଇଁ ଅପାର ପ୍ରେରଣା। ଓଡିଶାର ସମୃଦ୍ଧି ଓ ଲୋକମାନଙ୍କ ଉନ୍ନତି ପାଇଁ ଆମେ ସମସ୍ତେ ଏକତ୍ରିତ ହୋଇ କାମ କରିବାକୁ ପ୍ରତିବଦ୍ଧ।

# ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରାଧାବଲ୍ଲଭପୁରର ସ୍ୱର୍ଣ୍ଣ ଜୟନ୍ତୀ ସମାରୋହ




ବାସୁଦେବପୁର, ୧୭/୪ (ନି.ପ୍ର): ବାସୁଦେବପୁର ପୌର ପାଳିକା ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରାଧାବଲ୍ଲଭପୁରର ସ୍ୱର୍ଣ୍ଣ ଜୟନ୍ତୀ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ଉଦଘାଟନ ଦିବସରେ ସଭାପତିତ୍ୱ କରିଥିଲେ ସ୍ୱର୍ଣ୍ଣ ଜୟନ୍ତୀ କମିଟିର ସଭାପତି ରାଜୀବ ବେହେରା। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ। ଏହି ଉତ୍ସବରେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ ବିଶିଷ୍ଟ ଆଧାତ୍ମିକ ପ୍ରବକ୍ତା ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ। ଏହି ଉତ୍ସବରେ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ ସମାଜସେବୀ ସୁରେଶ ଚନ୍ଦ୍ର ମହାନ୍ତି, କାଉନ ସିଲର ଭକ୍ତ ରଞ୍ଜନ ପଟ୍ଟନାୟକ, କାର୍ତ୍ତିକ ଚନ୍ଦ୍ର ଖିଲାର, ରେବତୀ ସେଣ୍ଠ, ସର୍ବେଶ୍ୱର ମଲିକ,ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ମହାରଣା, ସାମ୍ବାଦିକ ବୈଲୋଚନ ସାହୁ , ସ୍ୱର୍ଣ୍ଣ ଜୟନ୍ତୀ କମିଟିର ସମ୍ପାଦକ ପ୍ରଶାନ୍ତ ନାୟକ। ସମସ୍ତ ଅତିଥି ଖୁବ୍ ସୁନ୍ଦର ଓ ଆକର୍ଷଣୀୟ ବକ୍ତବ୍ୟ ପ୍ରଦାନ କରିଥିଲେ। ଉଦଯାପନ ଦିବସରେ ସଭାପତିତ୍ୱ କରିଥିଲେ ସ୍ୱର୍ଣ୍ଣ ଜୟନ୍ତୀ କମିଟିର ସମ୍ପାଦକ ପ୍ରଶାନ୍ତ ନାୟକ। ଏହି ଉତ୍ସବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ, ବିଶିଷ୍ଟ ସାହିତ୍ୟିକ ପବିତ୍ର ପାଣିଗ୍ରାହୀ, ପୌର ପାଳିକା ଅଧକ୍ଷା ନିବେଦିତା ବେହେରା, ପୁରାତନ ଛାତ୍ର ମହେନ୍ଦ୍ର ପ୍ରସାଦ ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସର୍ବେଶ୍ୱର ମହାନ୍ତି,ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ମହାରଣା ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ସଂଯୋଜନା କରିଥିଲେ ଉଦ୍ୟାନ କୃଷି ଅବସର ପ୍ରାପ୍ତ ସହକାରୀ ନିର୍ଦ୍ଦେଶକ ତପନ କୁମାର ମହାନ୍ତି। ଏହି ଉତ୍ସବରେ ଶିକ୍ଷକ ବସନ୍ତ ବାରିକ୍ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ଅବସର ପ୍ରାପ୍ତ ଶିକ୍ଷକ କମ୍ବୁନାଥ ପାଣିଗ୍ରାହୀ, ଶ୍ରୀଧର ବେଜ, ସୁରେନ୍ଦ୍ର ପ୍ରସାଦ ପାଣିଗ୍ରାହୀ, ବୁଦ୍ଧିରାମ ଦଳେଇ, ଉଦୟ ନାରାୟଣ ପାଢ଼ୀ, ବଳରାମ ଜେନା, ରେଖା ପଟ୍ଟନାୟକ, ପ୍ରତିଷ୍ଠାତା ସଭ୍ୟ ଭାସ୍କର ଚନ୍ଦ୍ର ବାରିକ୍, ସୁରେଶ ଚନ୍ଦ୍ର ମହାନ୍ତି,ମହେନ୍ଦ୍ର ପ୍ରସାଦ ବେହେରା, ପୁରାତନ ଛାତ୍ର ତପନ କୁମାର ମହାନ୍ତି ପ୍ରମୁଖଙ୍କୁ ମାନପତ୍ର ଓ ଉପଢ଼ୌକନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ମରନୋତ୍ତର ସମ୍ମାନ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଶ୍ୟାମ ସୁନ୍ଦର ମହାନ୍ତି,ରମାକାନ୍ତ ପାଢ଼ୀ, ନରହରି ମହାନ୍ତି,ଘନଶ୍ୟାମ ମଲ୍ଲିକ, ରମେଶ ଚନ୍ଦ୍ର ପଣ୍ଡା, ଆରତୀ ମହାନ୍ତି, ମିନାକ୍ଷୀ ପାଣିଗ୍ରାହୀ, ଧରାଶ୍ରୀ ତ୍ରିପାଠୀ ଙ୍କ ପରିବାର ବର୍ଗ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ବାଲେଶ୍ୱର ବାରବାଟୀର ବୟୋଜ୍ୟେଷ୍ଠ ସମାଜସେବୀ ଲକ୍ଷ୍ମଣ ବେହେରାଙ୍କ ଏକାଦଶାହ ସମ୍ପନ୍ନ



ବାଲେଶ୍ୱର , ୧୭/୪ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ବାରବାଟି ର ଓଲନ୍ଦାଜ୍ ସାହିରେ ବୁଢ଼ା କାର୍ତ୍ତିକ ମଣ୍ଡପ ନିକଟରେ ବୟୋଜ୍ୟେଷ୍ଠ , ଧର୍ମ ପରାୟଣ , ସମାଜସେବୀ ଲକ୍ଷ୍ମଣ ବେହେରାଙ୍କ ଏକାଦଶାହ୍ ଶ୍ରଦ୍ଧାଞ୍ଜଳି ଜ୍ୟୋଷ୍ଠ ପୁତ୍ର ପୂର୍ବତନ ଷ୍ଟେଟ ବ୍ୟାଙ୍କ ମ୍ୟାନେଜର ଅନିରୁଦ୍ଧ ବେହେରାଙ୍କ ନେତୃତ୍ୱରେ ୧୬ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ଲକ୍ଷ୍ମଣ ବେହେରାଙ୍କ ଆବିର୍ଭାବ ୨୦ ନଭେମ୍ବର ୧୯୨୯ ମସିହା ତିରୋଧାନ ଦିବସ ୬ ଏପ୍ରିଲ ୨୦୨୬ ମସିହା । ଏକାଦଶାହ ଶ୍ରଦ୍ଧାଞ୍ଜଳିରେ ମଧ୍ୟମ ପୁତ୍ର ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ବେହେରା, କନିଷ୍ଠ ପୁତ୍ର ପୂର୍ବତନ B.S.F କମାଣ୍ଡର ହରେକୃଷ୍ଣ ବେହେରା। ଝିଅ ଗୋଦାବରୀ ବେହେରା , ଗୌରୀ ବେହେରା , କାବେରୀ ବେହେରା ଓ ପରିବାର କୁଟୁମ୍ବର୍ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଏହି ଏକାଦଶାହ ଦିବସରେ ଦୈନିକ ଖବର କାଗଜ ଧ୍ୱନି ପ୍ରତିଧ୍ୱନି ର ସମ୍ପାଦକ ସୃଷ୍ଟିଧର ପରିଡ଼ା , ବରିଷ୍ଠ ସାମ୍ବାଦିକ , ଦିବଂଗତ କମିଟିର ସଭାପତି ଦେବବ୍ରତ ପାଣିଗ୍ରାହୀ , ପ୍ରେସ ଇକ୍ସପ୍ରେସ କ୍ଲବର ମିଡ଼ିଆ ସଭାପତି ଓ ଜନପ୍ରିୟ ଖବର କାଗଜ ର ସମ୍ପାଦକ ଉଜ୍ଜ୍ୱଳ ଚନ୍ଦ୍ର କର ସାମ୍ବାଦିକ ଦିବଂଗତ କମିଟିର ସମ୍ପାଦକ ଗଗନ ଚନ୍ଦ୍ର ସେଠୀ, ବାଲେଶ୍ୱର ଆଇନଜୀବୀ ସଙ୍ଘର ସଭାପତି ମନୋଜ କୁମାର ନାୟକ , ସାମ୍ବାଦିକ ଭଗବାନ ଚନ୍ଦ୍ର ଦାସ , ସମାଜ ସେବୀ ସରସ୍ୱତୀ ପଣ୍ଡା , ଯଶୋଦା ନନ୍ଦନ ଆଶ , ବିଳାସ ମିଶ୍ର , କାଉନସିଲର ମୀନା ମହାନ୍ତି , ସମାଜ ସେବୀ ସୁବୋଧ ମହାନ୍ତି ରାଷ୍ଟ୍ରୀୟ ସ୍ୱୟଂସେବକ ସଙ୍ଘର ପ୍ରଚାରକ ବିଷ୍ଣୁ ଭାଇ, ଯୋଗେନ୍ ଦା, ରମାକାନ୍ତ ଭାଇ, ସୁଦର୍ଶନ ଭାଇ, ରଘୁବୀର୍ ଭାଇ, କୁମାର ଭାଇ ଉପସ୍ଥିତ ରହି ଲକ୍ଷ୍ମଣ ବେହେରାଙ୍କ ଏକାଦଶାହରେ ପରିବାରବର୍ଗଙ୍କୁ ଆଶୀର୍ବାଦ କଲ୍ୟାଣ କରିଥିଲେ ଏବଂ କହିଥିଲେ ଲକ୍ଷ୍ମଣ ବେହେରା ଏପରି ବ୍ୟକ୍ତିତ୍ୱ ଥିଲେ ସମାଜସେବା ସହ ଲୋକଙ୍କ ସୁଖ ଦୁଃଖର ସାଥୀ ଥିଲେ। ୪ ଖଣ୍ଡ ଗାଁ (ବାରବାଟୀ, ଓଲନ୍ଦାଜ୍ ସାହି, ଡିନାମାରଡିଙ୍ଗ, ଦାମୋଦରପୁର) ର ମୁଖିଆ ଥିଲେ। ତେଣୁ ତାଙ୍କ ବିୟୋଗରେ ଆଜି ସମସ୍ତେ ମର୍ମାହତ। ତାଙ୍କ ଅମର ଆତ୍ମାର ସତଗତି କାମନା କଲେ। ଏପରିକି ସଦର ବିଧାୟକ ମାନସ କୁମାର ଦତ୍ତ ପଶ୍ଚିମବଙ୍ଗ ନିର୍ବାଚନ ପାଇଁ ବିଜେପି ତାଙ୍କୁ ଗୁରୁଦାୟିତ୍ୱ ଦେଇ ଥିବାରୁ ଏକାଦଶାହରେ ଯୋଗ ନଦେଇ ପାରୁଥିବା ହେତୁ ୯ମ ଦିନରେ ଲକ୍ଷ୍ମଣ ବେହେରାଙ୍କ ନିବାସରେ ଉପସ୍ଥିତ ରହି ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ସେ ମଧ କହିଥିଲେ ଲକ୍ଷ୍ମଣ ବେହେରା ଏଭଳି ବ୍ୟକ୍ତିତ୍ୱ ଥିଲେ ତାହା କେହି ଭୁଲି ପାରିବେ ନାହିଁ। ବିଜେପିର ଯୁବନେତା ତଥା ସମାଜସେବୀ ଗୌରାଙ୍ଗ ଦାସ, ୨୪ ନଂ ୱାର୍ଡ ସଭାପତି ଅଶୋକ ଦାସ, ଜୟନ୍ତ ସେଠୀ, ମନୋରଞ୍ଜନ ନନ୍ଦୀ, ପବନ କମିଲା ଓ ବିଜେପିର କର୍ମୀମାନେ ଯୋଗ ଦେଇ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ଏହି ଏକାଦଶାହ ଶ୍ରଦ୍ଧାଞ୍ଜଳିରେ ବହୁ ବୁଦ୍ଧିଜୀବି, ଗୁଣି ଜ୍ଞାନୀ ଲୋକ, ସମସ୍ତ ଗ୍ରାମବାସୀ ଯୋଗଦେଇ ଲକ୍ଷ୍ମଣ ବେହେରାଙ୍କ ଜୀବନୀ ବିଷୟରେ ଆଲୋକପାତ କରିଥିଲେ।

# ଜଳେଶ୍ୱର କଂଗ୍ରେସ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

## ♦ବାଲି ମାଫିଆଙ୍କ ଦ୍ୱାରା ଆକ୍ରମଣର ଶିକାର ହୋଇଥିବା ହରିପଦ ମାନ୍ନାଙ୍କୁ ନ୍ୟାୟ
## ♦ଆକ୍ରମଣକାରୀମାନଙ୍କୁ ଆଜି ପର୍ଯ୍ୟନ୍ତ ଗିରଫ କରାନଯିବା ଦୁର୍ଭାଗ୍ୟଜନକ
## ♦ବାଲି ମାଫିଆ କବଳରୁ ନଦୀ ଓ ଲୋକଙ୍କୁ ସୁରକ୍ଷା ଦେବାପାଇଁ ଦାବି
## ♦ସ୍ଥାନୀୟ ପୁଲିସର ନିଷ୍କ୍ରିୟତା ବିରୁଦ୍ଧରେ ଡିଜିଙ୍କୁ ଭେଟିବ କଂଗ୍ରେସ



ଜଳେଶ୍ୱର ୧୭/୦୪ (ନି.ପ୍ର) ଜଳେଶ୍ୱର ତହସିଲ ଅନ୍ତର୍ଗତ ସେକସରାଇ ଗ୍ରାମରେ ସୁବର୍ଣ୍ଣରେଖା ନଦୀରୁ ବେଆଇନ ବାଲି ଖନନ ବିରୁଦ୍ଧରେ ସ୍ୱର ଉଠାଇଥିବା ହରିପଦ ମାନ୍ନାଙ୍କ ଉପରେ ଗତ ଏପ୍ରିଲ ୧୦ ତାରିଖରେ ମରଣାନ୍ତକ ଆକ୍ରମଣ ହେଲା । ତାଙ୍କ ଘର ନିକଟରେ ତାଙ୍କ ବେକରେ ଭୁଜାଲି ମାଡ କରି ତାଙ୍କୁ ଜୀବନରୁ ମାରିଦେବା ପାଇଁ ଉଦ୍ୟମ ହେଲା । ଭାଗ୍ୟ ବଶତଃ ସେ ବଂଚିଗଲେ । ମାତ୍ର ଏବେବି ମୃତ୍ୟୁ ସହିତ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ତାଙ୍କ ଉପରେ ହୋଇଥିବା ଆକ୍ରମଣକୁ ୮ ଦିନ ବିତିବାକୁ ବସିଲାଣି । ମାତ୍ର ଆଜି ପର୍ଯ୍ୟନ୍ତ ଆକ୍ରମଣ କାରି ଦୁର୍ବୃତ୍ତ ମାନଙ୍କୁ ପୁଲିସ ଗିରଫ କରିନାହିଁ । ଶାସକ ଦଳର ନେତାଙ୍କ ଚାପରେ ପୁଲିସ ଚୁପ ବସିଛି ବୋଲି ଆମର ବିଶ୍ୱାସ ବୋଲି ଆଜି ସେକସରାଇ ଗ୍ରାମରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ଦଳର ବରିଷ୍ଠ ନେତା ଅଭିଯୋଗ କରିଛନ୍ତି । ସୁବର୍ଣ୍ଣରେଖା ନଦୀ ବାଲି ମାଫିଆ ମାନଙ୍କ ଦୌରାତ୍ମ୍ୟରେ ଆଜି କ୍ଷତ ବିକ୍ଷତ । ନଦୀର ସ୍ୱାସ୍ଥ୍ୟ ବିଗିଡ଼ିବାକୁ ବସିଲାଣି । ଅନେକ ନଦୀକୂଳିଆ ଗାଁ ଗୁଡିକ ବିପଦସଂକୁଳ ଅବସ୍ଥାକୁ ଚାଲିଗଲାଣି । ଏବେ ଏହି ବେଆଇନ ବାଲି ଖନନ ଲୋକଙ୍କ ଜୀବନ ଓ ଗାଁ ଗୁଡିକର ଶାନ୍ତ ପରିବେଶ ପ୍ରତି ବିପଦ ସୃଷ୍ଟି କଲାଣି । ବାଲି ମାଫିଆ ମାନଙ୍କ ଦୌରାତ୍ମ୍ୟ ସୀମା ଲଙ୍ଘିଲାଣି । ଏହା ବିରୁଦ୍ଧରେ ଜନ ଆନ୍ଦୋଳନ କରିବ ବୋଲି ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରାଯାଇଛି । ହରିପଦ ମାନ୍ନାଙ୍କ ଉପରେ ଆକ୍ରମଣ କରିଥିବା ଦୁର୍ବୃତ୍ତ ମାନଙ୍କୁ ତୁରନ୍ତ ଗିରଫ କରିବା, ଦାୟିତ୍ୱରେ ଖିଲାପ କରିଥିବା ସ୍ଥାନୀୟ ପୁଲିସ ଉପରେ କାର୍ଯ୍ୟାନୁଷ୍ଠାନ ନେବା, ବେଆଇନ ବାଲି ଖାଦାନ ଗୁଡିକୁ ତୁରନ୍ତ ବନ୍ଦ କରିବା ଇତ୍ୟାଦି ଦାବି ଗୁଡିକୁ ଆଜି ସାମ୍ବାଦିକ ସମ୍ମିଳନୀରେ ଉଥାପନ କରାଯାଇଛି । ଆଜିର ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ନେତା ଶ୍ରୀ ମଧୁସୂଦନ ଦାସ, ବ୍ଲକ କଂଗ୍ରେସ ସଭାପତି ହେମନ୍ତ ଗିରି, ଟାଉନ କଂଗ୍ରେସ ସଭାପତି ଶ୍ରୀ ଜଗଦିଶ ନନ୍ଦୀ, ସୌଭିକ ଜେନା, ହରିପଦ ମାନ୍ନା ଙ୍କ ବଡ ଭଉଣୀ ସ୍ନେହଲତା ମାନ୍ନା, ନରେଶ ଚନ୍ଦ୍ର ଦାସ, ସୁବଳ ସାହୁ, ପୂର୍ଣଚନ୍ଦ୍ର ସାହୁ, ଜୟନ୍ତ ପରିଡା, ଅଶୋକ ସାହୁ ପ୍ରମୁଖ ଗ୍ରାମବାସୀ ମାନେ ଯୋଗ ଦେଇଥିଲେ ।

# ଫକିରମୋହନଙ୍କ ସାହିତ୍ୟ ସୃଷ୍ଟି କରିଥିଲା ସାରସ୍ୱତ ବିପ୍ଳବ : ଡ଼. ପ୍ରଦୀପ କୁମାର ଗିରି

ଉଦଳା, ୧୭/୪ (ନି.ପ୍ର): ଉଦଳା ବ୍ଲକ ଅନ୍ତର୍ଗତ କୁଣ୍ଡାବାଇ ଗ୍ରାମସ୍ଥିତ ରୋହିଦାସ ସୋରେନ ଡ଼ିଗ୍ରୀ ମହାବିଦ୍ୟାଳୟ ତରଫରୁ ଓଡ଼ିଆ ପକ୍ଷ- ୨୦୨୬ ପାଳନ ଅବସରରେ 'କ୍ରାନ୍ତିକାରୀ ସାରସ୍ୱତ ସ୍ରଷ୍ଟା ଫକିରମୋହନ ସେନାପତି' ଶିର୍ଷକ ଏକ ଆଲୋଚାଚକ୍ର ଅନୁଷ୍ଠିତ ହୋଇ ଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଡ଼କ୍ଟର ପ୍ରଦୀପ କୁମାର ଗିରି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିବା ସହ ଫକିରମୋହନଙ୍କ ସାହିତ୍ୟକୃତି କିପରି ସାରସ୍ୱତ ବିପ୍ଳବ ସୃଷ୍ଟି କରିଥିଲା ବ୍ୟକ୍ତ କରିଥିଲେ । ବାଲେଶ୍ୱରସ୍ଥିତ କୁନ୍ତଳାକୁମାରୀ ସାବତ ସରକାରୀ ମହିଳା ମହାବିଦ୍ୟାଳୟର ସହକାରୀ ପ୍ରଫେସର ରାଜକିଶୋର ପଣ୍ଡିତ ଓ କପ୍ତିପଦା ମହାବିଦ୍ୟାଳୟର ଅଧ୍ୟାପିକା ଅବନ୍ତି ଷଡ଼ଙ୍ଗୀ ଅତିଥି ଭାବରେ ଯୋଗଦେଇ ଓଡ଼ିଆ ଭାଷା ନିମନ୍ତେ ଫକିରମୋହନ ସେନାପତିଙ୍କ ନିରନ୍ତର ଉଦ୍ୟମ କିଭଳି ଜନମାନସକୁ ବହୁଳ ଭାବରେ ପ୍ରଭାବିତ କରିଥିଲା ସେ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଓଡ଼ିଆ ବିଭାଗର ମୁଖ୍ୟ ଅଧାପକ ଡ଼କ୍ଟର ଅକ୍ଷୟ କୁମାର ଗିରି ମଂଚ ପରିଚାଳନା ଦାୟିତ୍ୱ ତୁଲାଇବା ସହ ଫକୀର ମୋହନଙ୍କ ସାହିତ୍ୟ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶରେ ଗଢ଼ିତୋଳିବାରେ କିଭଳି ଭୂମିକା ନେଇଥିଲା ବକ୍ତବ୍ୟ ମାଧ୍ୟମରେ କହିଥିଲେ । ଏହାପରେ ଛାତ୍ର ଅନୁପ ପ୍ରଧାନ ଫକୀର ମୋହନଙ୍କ ଉପରେ ଏକ ସ୍ୱରଚିତ ସନ୍ଦର୍ଭ ଉପସ୍ଥାପନ କରିଥିଲେ । ଅଧାପକ ଡ଼କ୍ଟର ଅଜିତ କୁମାର ମହାପାତ୍ର ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧାପିକା ମିନାକ୍ଷୀ ସାହୁ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ ।

# ଅନୁଭୂତିରେ ଶ୍ରୀଜଗନ୍ନାଥ ପୁସ୍ତକ ଲୋକାର୍ପିତ




ଭଦ୍ରକ , ୧୭/୪ (ନି.ପ୍ର): ଶ୍ରୀ ଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ମୁଖ୍ୟ ଆବାହକ ଶରତ କୁମାର ସାହୁଙ୍କ ଲିଖିତ ଅନୁଭୂତିରେ ଜଗନ୍ନାଥ ଶୀର୍ଷକ ପୁସ୍ତକଟି ସ୍ଥାନୀୟ ବିଧାୟକ ସିତାଂଶୁ ଶେଖର ମହାପାତ୍ରଙ୍କ ଦ୍ୱାରା ଲୋକାର୍ପିତ କରାଯାଇଛି। ପ୍ରଚାର ସମିତି ପକ୍ଷରୁ ସନ୍ଥିଆ ନଗରସ୍ଥିତ ଶ୍ରୀ ରାଧାମଦନମୋହନ ଜୀୟୁ ମଠରେ ଏକ ଆଧ୍ୟାତ୍ମିକ ସଭା ସମିତିର ମୁଖ୍ୟ ପରିଚାଳକ ପ. ଭାଗୀରଥି ନନ୍ଦଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ଭଦ୍ରକ ମାନ୍ୟବର ବିଧାୟକ ତଥା ଯୋଜନା ବୋର୍ଡ଼ର ଅଧକ୍ଷ ଶ୍ରୀ ମହାପାତ୍ର ପୁସ୍ତକଟିକୁ ଲୋକାର୍ପଣ କରି ଆମର ପୁସ୍ତକ ଆମର ପାରିବାରିକ ଓ ସାମାଜିକ ଜୀବନକୁ ଦିଗ୍‌ଦର୍ଶନ ଦେଇଥାଏ ବୋଲି ସୂଚାଇ ଥିଲେ।

# ଗୁରୁ ମହିମା ଅଲେଖ ସଂଘ, ଯୁବ ଯାଦବ ଓ ଯୁବ ବ୍ୟବସାୟୀଙ୍କ ପକ୍ଷରୁ ଜଳଛତ୍ର ସହିତ ଦହି ସର୍ବତ ପ୍ରଦାନ



ଭଦ୍ରକ, ୧୭/୪ (ନି.ପ୍ର): ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଲକ୍ଷ୍ୟ ରଖି ଭଦ୍ରକ ଅଲେଖ ମହିମା ସେବା ସଂଘ ପକ୍ଷରୁ ଆଜି ଗୁରୁବାର ଚରମ୍ପା ସ୍ଥିତ ଆଇଟି ଆଇ କଲେଜ ନିକଟରେ ଠାରେ ବାଟୋଇଙ୍କୁ ଜଳଛତ୍ର ପ୍ରଦାନ କରାଯାଇଛି ଏହି ଜଳଛତ୍ର ଗ୍ରୀଷ୍ମ ପ୍ରବାହ ଶେଷ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଅଲେଖ ସାହୁ ପ୍ରକାଶ କରିଛନ୍ତି । ଜଳ ହିଁ ଜୀବନ । ପ୍ରଚଣ୍ଡ ରୌଦ ତାପ ହେତୁ ବାଟୋଇ ମାନେ କ୍ଲାନ୍ତ ଅନୁଭବ କରୁଥିବାରୁ ଏହି ଜଳ ଛତ୍ର ର ବ୍ୟବସ୍ଥା କରାଯାଇଛି ଏହା ଚରମ୍ପା କେନାଲ ରୋଡ଼ ଠାରେ ଦିଆଯାଉଛି କ୍ଷସେହିପରି ବାଇପାସ ଠାରେ ଯୁବ ବ୍ୟବସାୟୀ ତ୍ରିଲୋଚନ ବାରିକ, ରାମ ନବମୀ କମିଟି, ଯୁବ ଯାଦବ ମହାସଭା ପକ୍ଷରୁ ମଧ ଦହି ସର୍ବତ ଯାତ୍ରୀ ମାନଙ୍କୁ ପ୍ରଦାନ କରାଯାଇଛି । ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ରାଜ୍ୟ ଯୁବ ଯାଦବ ସଭାପତି ଅମର କୁମାର ନାୟକ, ଜିଲ୍ଲା ଯୁବ ଯାଦବ ସଭାପତି ରବିନାରାୟଣ ଖିଲାର, ସାମ୍ବାଦିକ ଆଶିଷ କୁମାର ମହାନ୍ତି, ପ୍ରଦୀପ କୁମାର ବଳ, ନବଘନ ଦାସ, ଯୁବ ନେତା ସୁରେନ୍ଦ୍ର ମୋହନ ରାୟ, କୁଲିଆ ମହାନ୍ତି, ମୋହନ ନାୟକ, ହରେକୃଷ୍ଣ ସାହୁ, ସୁରେଶ ମହାନ୍ତି ପ୍ରମୁଖ ଙ୍କ ନେତୃତ୍ୱ ରେ ଏହି ଦହି ସର୍ବତ ବଣ୍ଟନ ହେଉଛି ।

# ଡାଏଟରେ ରକ୍ତଦାନ ଶିବିର ଆୟୋଜିତ: ୩୫ ୟୁନିଟ ରକ୍ତ ସଂଗୃହୀତ

ବାରିପଦା , ୧୭/୪ (ନି.ପ୍ର): ମୁର୍ଗାବାଡି ସ୍ଥିତ ଜିଲ୍ଲା ଶିକ୍ଷା ଓ ତାଲିମ ପ୍ରତିଷ୍ଠାନ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି ଓ ଅତିଥି ଭାବେ ଯୋଗଦେଇ ପୂର୍ବତନ ଅଧକ୍ଷ ଅନାଦି ବିନ୍ଧାଣି, ସମାଜସେବୀ ଅମର କୁମାର ସେଠି ଓ ସୋମନାଥ ସିଂହ ଏହି ଶିବିରକୁ ଉଦଘାଟନ କରିବା ସହ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ ଓ ପ୍ରତିଷ୍ଠାନର ଅଧକ୍ଷ ପ୍ରମୋଦ କୁମାର ଡାକୁଆଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ଏହି ଶୁବିରରେ ନିଜେ ଅଧକ୍ଷ ଶ୍ରୀ ଡାକୁଆ, ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଅଭିମନ୍ୟୁ ବେହେରା ଓ ଜଗେଶ୍ୱର ଘୋଷ ମହାପାତ୍ର ତଥା ଶିକ୍ଷକ ପ୍ରଶିକ୍ଷକ ଭବେଶ ଚନ୍ଦ୍ର ଦେହୁରୀ, ଦିଲ୍ଲୀପ କୁମାର ସିଂ, ସୂର୍ଯ୍ୟେନ୍ଦୁ ଦାସ, ସଂଜୀବ କୁମାର ପାତ୍ର ଓ ସେକ୍ସନ ଅଫିସର ବନ କୁମାରୀ ସିଂ ପ୍ରମୁଖ ରକ୍ତଦାନ କରି ଛାତ୍ରଛାତ୍ରୀମାନଙ୍କୁ ରକ୍ତଦାନ କରିବା ପାଇଁ ଉତ୍ସାହିତ କରିଥିଲେ ଓ ଏହି ଶିବିରରେ ମୋଟ ୩୫ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା ଓ ଅନେକ ଛାତ୍ରଛାତ୍ରୀ ଉତ୍ସାହର ସହ ପ୍ରଥମ ଥର ପାଇଁ ରକ୍ତଦାନ କରିଥିଲେ ଓ ଓଡିଶା ରକ୍ତ କେନ୍ଦ୍ର, ବାରିପଦା ର ମେଡିକାଲ ଅଫିସର ଡଃ ନୀଲେଶ ଦାସଙ୍କ ନେତୃତ୍ୱରେ ପାର୍ଥସାରଥୀ ମହାନ୍ତ, ଛବି ମହାନ୍ତ, ପ୍ରଫୁଲ୍ଲ ମାଝୀ, ଶମ୍ଭୁନାଥ ପଲେଇ ରକ୍ତ ସଂଗ୍ରହ କରିଥିଲେ। ରକ୍ତକେନ୍ଦ୍ର ତରଫରୁ ସମସ୍ତ ରକ୍ତଦାତା ଓ ଅନୁଷ୍ଠାନକୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇ ଉତ୍ସାହିତ କରାଯାଇଥିଲା ଓ ଶିକ୍ଷକ ପ୍ରଶିକ୍ଷିକା ଲିପିକା ଦାସ, ସାଗରିକା ମହାପାତ୍ର ଶିବିର ପରିଚାଳନାରେ ସହଯୋଗ କରିଥିଲେ।



# ମଧୁମେହ, ଉଚ୍ଚରକ୍ତଚାପ, କୋଲେଷ୍ଟ୍ରଲ ଇତ୍ୟାଦିକୁ ନିୟନ୍ତ୍ରଣ କରିଥାଏ ମିଲେଟ : ଅଧ୍ୟାପିକା କୁମକୁମ



ଉଦଳା, ୧୭/୪ (ନି.ପ୍ର): ସ୍ଥାନୀୟ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟ ଗୃହବିଜ୍ଞାନ ବିଭାଗ ତରଫରୁ 'ମିଲେଟ ଆଧୁନିକ ବିଶ୍ୱପାଇଁ ପ୍ରାଚୀନ ଶସ୍ୟ' ବିଷୟବସ୍ତୁ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଶଶିଭୂଷଣ ପାଣିଗ୍ରାହୀ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରି ମିଲେଟ ଏକ ସୁପର ଫୁଡ୍ ବୋଲି ବ୍ୟକ୍ତ କରିଥିଲେ । ଗୃହବିଜ୍ଞାନ ବିଭାଗର ବରିଷ୍ଠ ଅଧ୍ୟାପିକା କୁମକୁମ ଦାସ ମଂଚ ପରିଚାଳନା ଦାୟିତ୍ୱ ତୁଲାଇବା ସହ ମିଲେଟ ଏକ ପ୍ରଚୀନ ଖାଦ୍ୟ ଓ ବିଭିନ୍ନ ପ୍ରକାରର ମିଲେଟ ବିଷୟରେ ବର୍ଣ୍ଣନା କରି ଏହା କିପରି ମଧୁମେହ, ଉଚ୍ଚରକ୍ତଚାପ, କଲେଷ୍ଟ୍ରଲ ଇତ୍ୟାଦି ରୋଗକୁ ନିୟନ୍ତ୍ରଣ କରିଥାଏ ବିସ୍ତୃତ ବର୍ଣ୍ଣନା କରିଥିଲେ । ଅଧ୍ୟାପିକା ମଂଜୁଳା କଳିଆ ମିଲେଟର ଗୁରୁତ୍ୱକୁ ଉପଲବ୍ଧି କରି ୨୦୧୮ ମସିହାକୁ ମିଲେଟ ବର୍ଷ ରୁପେ ସରକାର ଘୋଷଣା କରିଥିଲେ ଏବଂ ୨୦୨୩କୁ ଆନ୍ତର୍ଜାତିକ ମିଲେଟ ବର୍ଷ ରୁପେ ପାଳନ କରିଥିଲେ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧାପକ ଗିରିଜାଶଙ୍କର ପାତ୍ର ଓ ଅଧାପିକା ସୁଧାରାଣି ବେହେରା ମିଲେଟ ହେଉଛି ଭିଟାମିନ ଓ ଖଣିଜ ଲବଣରେ ଭରପୁର ଥିବା ଏକ ପୁଷ୍ଟିକର ଖାଦ୍ୟ ଅଟେ । ଏହା ଶରୀରକୁ ସୁସ୍ଥ ରଖିବା ସଙ୍ଗେ ସଙ୍ଗେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ ବୋଲି ବ୍ୟକ୍ତ କରିଥିଲେ । ଏହାପରେ ଛାତ୍ରୀ ଅନିତା ରଣା, ସୀମା ମୁଣ୍ଡା ଓ ମଧୁସ୍ମିତା ମୁର୍ମୁ ନିଜ ନିଜର ସନ୍ଦର୍ଭ ପାଠ କରିଥିଲେ । ଆଲୋଚନାଚକ୍ରକୁ ସଫଳ କରିବା ପାଇଁ ସମସ୍ତେ ସହଯୋଗ କରିଥିବାରୁ ଅଧ୍ୟାପିକା କୁମକୁମ ଶେଷରେ କୃତଜ୍ଞତା ଜଣାଇଥିଲେ ।

## ଜଙ୍ଗଲ ନିଆଁ ରୋକିବାରେ ଏଆଇର ସହାୟତା

ଭୁବନେଶ୍ୱର, ୧୭/୪ (ନି.ପ୍ର): ଜଙ୍ଗଲରେ ନିଆଁ ଲାଗିବା ରୋକିବା ପାଇଁ ଆମେ ଏଆଇ ଟେକ୍ନୋଲୋଜି ମଧ ବ୍ୟବହାର କରୁଛୁ ବୋଲି ଜଙ୍ଗଲ ମନ୍ତ୍ରୀ ଗଣେଶ ରାମ ଖୁଣ୍ଟିଆ କହିଛନ୍ତି । ସେ କହିଛନ୍ତି ଘଞ୍ଚ ଜଙ୍ଗଲ ଅଞ୍ଚଳ ଗୁଡିକରେ ଆମେ ନଜର ରଖିଛୁ । ଯେତିକି ପୟଣ୍ଟ ନିଆଁ ଲାଗିଥିଲା ତାହା ଏବେ ଧୀରେ ଧୀରେ କମୁଛି । ପାଗ ଅନୁକୂଳ ରହିଛି । ଚଳିତ ବର୍ଷ ଜଙ୍ଗଲରେ ନିଆଁ ଲାଗିବା ସଂଖ୍ୟା କମିବ ବୋଲି ଆମେ ଆଶା କରୁଛୁ । ଆଦିବାସୀମାନଙ୍କର ପାରମ୍ପରିକ କିଛି ପରମ୍ପରା ରହିଛି । ଚାଷ ପାଇଁ ଆଦିବାସୀମାନେ ନିଆଁ ଲଗାଇଥାନ୍ତି, ତେଣୁ ତାଙ୍କ ଉପରେ ମଧ ଆମ ଟିମ ନଜର ରଖିଛନ୍ତି । ଆମ ବିଭାଗ ଅଧିକାରୀମାନେ ମଧ ସ୍ଥାନୀୟ ଗାଁ ଲୋକଙ୍କ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରୁଛନ୍ତି ।

# ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର: ପ୍ରେମ ପାଇଁ ହତ୍ୟା ଅଭିଯୋଗ ଆଣିଲେ ମୃତ ଯୁବକଙ୍କ ବାପା

ନୀଳଗିରି , ୧୭/୪ (ନି.ପ୍ର): ଗଛରୁ ଝୁଲନ୍ତାଅବସ୍ଥାରେ ଯୁବକଙ୍କ ମୃତ ଦେହଉଦ୍ଧାର କରାଯାଇଛି । ପୁଅକୁ ମାରି ଗଛରେ ଟାଙ୍ଗି ଦେଇଥିବା ଅଭିଯୋଗ ଆଣିଛନ୍ତି ମୃତକଙ୍କ ବାପା ।ଏଭଳି ଘଟଣା ଘଟିଛି ନୀଳଗିରି ଥାନା ଅଧୀନ ଚଷାଖଣ୍ଡ ଗ୍ରାମର ପାଣିଟାଙ୍କି ନିକଟରେ ।ଆଜି ସକାଳେ ସ୍ଥାନୀୟ ଲୋକମାନେ ଉକ୍ତ ଯୁବକଙ୍କ ଶବଟି ଏକ ଗଛରେ ଝୁଲୁଥିବାର ଦେଖିବାପରେ ପୋଲିସକୁ ଅବଗତ କରିଥିଲେ। ନୀଳଗିରି ପୋଲିସ ଓ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାରକରି ୧୮୮/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ପ୍ରାଥମିକ ତଦନ୍ତ ଅନୁସାରେ ଯୁବକଜଣକ ରେମୁଣା ଥାନା ଅଧୀନ ନାଲାପାଟଣା ଗ୍ରାମର





ରବୀନ୍ଦ୍ର ସିଂଙ୍କ ପୁଅ ଅଜୟ ସିଂ(୨୬) ବୋଲି ଜଣାପଡିଛି। ଘଟଣାସ୍ଥଳରୁ ଏକ ପଲସର ବାଇକ ଯାହାର ନମ୍ବର (ଓଡି୦୧ଏ-ଏକ୍ସ୮୫୭୭) ଓ ଚପଲ ଉଦ୍ଧାର କରାଯାଇଥିଲା ।ବାପା ରବୀନ୍ଦ୍ରଙ୍କ ଅଭିଯୋଗ ମୁତାବକ ତାଙ୍କ ପୁଅକୁ ପ୍ରେମ କାରଣରୁ ହତ୍ୟା କରାଯାଇ ଏଠାରେ ଟାଙ୍ଗି ଦିଆଯାଇଛି ।ଗତକାଲି ବିଳମ୍ବିତ ରାତିରେ ପୁଅକୁ ୯୮୬୧୩୦୪୨୧୯ ମୋବାଇଲ ନମ୍ବରରୁ ଫୋନ ଆସିଥିଲା ।ପରେ ଅଜୟ ତାର ସାନଭାଇକୁ ଏହି ନମ୍ବରରୁ ଫୋନ ଆସିଛି ମୁଁ ଚଷାଖଣ୍ଡ ଯାଉଛି ବୋଲି କହି ଘରୁବାହାରି ଆସିଥିଲା। ହେଲେ ସକାଳୁ ପୁଅର ମୃତ ଖବର ପୋଲିସପକ୍ଷରୁ ଜାଣିବାକୁ ପାଇଥିଲେ ।ତେବେ କିଏ ପୁଅକୁ ଡାକି ଏଠାରେ ମାରିଲା ତାରା ସମସ୍ତ ତଥ୍ୟ ମୋବାଇଲରେ ରହିଛି ବୋଲି ବାପା ଅଭିଯୋଗ କରିବାସହ ପୂର୍ବରୁ ଚଷାଖଣ୍ଡ ଗ୍ରାମର ଜଣେ ଯୁବତୀ ମୋ ପୁଅକୁ ବାରମ୍ବାର ଫୋନ କରୁଥିଲେ ବୋଲି ବାପା କହିଛନ୍ତି ।ତେବେ ଏହା ହତ୍ୟା ନା ଆତ୍ମହତ୍ୟା ତାହା ସନ୍ଦେହ ଘେରରେ ଥିବା ବେଳେ ପୋଲିସପକ୍ଷରୁ ତଦନ୍ତ ଜାରି ରହିଛି ।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ

ଭଦ୍ରକ, ୧୭/୪ (ନି.ପ୍ର): ଭଦ୍ରକ ସହରର ସୁଖ୍ୟାତ ଧର୍ମପ୍ରାଣା ମହିଳା ତଥା ଘଣ୍ଟେଶ୍ୱର କଲେଜ ସ୍ଥିତ 'ଅନାମ ସୂତାର ଲାଇବ୍ରେରୀ'ର ପ୍ରତିଷ୍ଠାତା ଶୁକ ଦେଇଙ୍କର ୮୪ ବର୍ଷ ବୟସରେ ହୃଦଘାତରେ ଭଦ୍ରକ ସାଳନ୍ଦୀ କଲୋନୀ ସ୍ଥିତ ବାସ ଭବନରେ ପରଲୋକ ହୋଇଯାଇଛି । ବିଶିଷ୍ଟ ଶିଳ୍ପପତି ସ୍ୱର୍ଗତଃ ଅନାମ ସୂତାରଙ୍କର ସେ ଥିଲେ ସହଧର୍ମିଣୀ । ତିହିଡି ବ୍ଲକର ନରେନ୍ଦ୍ରପୁର ଗ୍ରାମରେ ଶୁକ ଦେଇ ଲାଇବ୍ରେରୀ, ଶିବ ମନ୍ଦିର, ଜଗନ୍ନାଥ ମନ୍ଦିର, ହନୁମାନ ମନ୍ଦିର, ତାରିଣୀ ମନ୍ଦିର ଆଦି ବିଭିନ୍ନ ଧର୍ମାନୁଷ୍ଠାନ ପ୍ରତିଷ୍ଠା କରି ଖୁବ୍ ଜନପ୍ରିୟ ଥିଲେ। ଭଦ୍ରକରେ ତାଙ୍କର ଦେହାନ୍ତ ଖବର ପ୍ରଚାରିତ ହେବା ପରେ ଭଦ୍ରକ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ବିଶିଷ୍ଟ ସଂସ୍କୃତି ଗବେଷକ ପଣ୍ଡିତ ଦୈତ୍ୟାରି ମହାପାତ୍ର, ଅଧକ୍ଷ ନିହାର ରଞ୍ଜନ କର, ସାମ୍ବାଦିକ ରବି ନାରାୟଣ ଖିଲାର, କବି ବୈକୁଣ୍ଠ ନାଥ ଓଝା, ଡାକ୍ତର ଅନୀଲ କୁମାର ଦାଶ, ନାଟ୍ୟଶ୍ରୀ ନିର୍ମଳ ରାଉତ, ପ୍ରଧାନଶିକ୍ଷୟିତ୍ରୀ ସାବିତ୍ରୀ ଓଝା, କବି ପ୍ରମିଳା ବଳ, ଚିତ୍ରଶିଳ୍ପୀ ନୀରନ ନାୟକ ଓ ନାରାୟଣ ସୂତାର, ବ୍ୟଙ୍ଗକବି ବିଜୟଶ୍ରୀ ଗୋକୁଳାନନ୍ଦ ରାଉତ, ଇଂ ଇତ୍ୟାଶା ମହାମାୟୀ ନାଥ , ନାଟ୍ୟକାର ଗୌରାଙ୍ଗ ଚରଣ ବାରିକଙ୍କ ସମେତ ବହୁ ବୁଦ୍ଧିଜୀବୀ, ଶିଳ୍ପପତି, ସାହିତ୍ୟିକ, ପ୍ରଶାସକ, ଶିକ୍ଷାବିତ୍ ତଥା ରାଜନେତା ଶେଷ ଦର୍ଶନ କରିଥିଲେ। କର୍ମଭୂମି ନରେନ୍ଦ୍ରପୁରରେ ଜ୍ୟେଷ୍ଠ ପୁତ୍ର ସାହିତ୍ୟିକ ଇଂ ଅଭୟ ସୂତାର ମୁଖଗ୍ନୀ ଦେଇଥିଲେ। ବୋହୂ ଅଧାପିକା ସ୍ୱପ୍ନାବାସବଦତ୍ତା ସୂତାରଙ୍କ ସମେତ ପୁତ୍ର ଅଜୟ, ଅକ୍ଷୟ, ଅଧୀର, ଅଶୋକ, ଗଙ୍ଗାଧର, ଗୟାଧର, ଗଗନ, ମାନସ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ପଲ୍ଲିଶ୍ରୀ ମେଳା -୨୦୨୬ ଉଦ୍‌ଯାପିତ

ବାରିପଦା, ୧୭/୪ (ନି.ପ୍ର): ସ୍ଥାନୀୟ ଛଉ ପଡ଼ିଆରେ ଦୀର୍ଘ ପାଞ୍ଚ ଦିନ ଧରି ଚାଲିଥିବା ଜିଲ୍ଲାସ୍ତରୀୟ ପଲ୍ଲିଶ୍ରୀ ମେଳା-୨୦୨୬ ଇତି ମଧ୍ୟରେ ଉଦଯାପିତ ହୋଇଛି । ଚଳିତ ମେଳାରେ ପ୍ରାୟ ୭୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର କାରବାର ହୋଇଛି । ମେଳାରେ ସର୍ବାଧିକ ଉତ୍ପାଦ ବିକ୍ରିରେ କେନ୍ଦ୍ରାପଡାର ସୃଜନୀ ପିଜି, ଶ୍ରେଷ୍ଠ ଡିସପ୍ଲେ ଆର୍ଟିଷ୍ଟ ଭାବରେ ଗୋପୀନାଥ ସାହୁ (ଗୁଣପୁର, ରାୟଗଡ଼ା), ଶ୍ରେଷ୍ଠ ଅଭିନବ ଷ୍ଟଲ୍- ବାଉଁଶ ପ୍ରଡ୍ୟୁସର୍ ଗ୍ରୁପ୍, ବାଙ୍ଗିରିପୋଷି ପୁରସ୍କୃତ ହୋଇଛନ୍ତି । ସେହିପରି ବିଭିନ୍ନ ଫଟୋଗ୍ରାଫି ଓ କ୍ଷୁଦ୍ର ଭିଡିଓ (ରିଲ୍ସ) ନିର୍ମାଣରେ ସଚ୍ଚର ସଲ୍ ଗ୍ରୁପ୍ (ମହାରାଜା ଶ୍ରୀରାମଚନ୍ଦ୍ର ବିଶ୍ୱବିଦ୍ୟାଳୟ, ତକତପୁର) ପୁରସ୍କୃତ ହୋଇଛି । ଶ୍ରେଷ୍ଠ ପ୍ରଦର୍ଶନୀରେ କୃଷି ଏବଂ କୃଷକ ସଶକ୍ତିକରଣ, ଶ୍ରେଷ୍ଠ ଅଭିନବ ଉତ୍ପାଦ ଷ୍ଟଲ୍ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ, ମୟୂରଭଞ୍ଜ, ଶ୍ରେଷ୍ଠ ସାମାଜିକ ସଚେତନତାରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ବାରିପଦା ପୁରସ୍କୃତ ହୋଇଛନ୍ତି । ସେହିପରି ମୁରୁଜ ପ୍ରତିଯୋଗିତାରେ ବିଜୟା ମୁର୍ମୁ, ହୁଳହୁଳିରେ ଦିପ୍ତୀରେଖା ଦେଓ, ଶଙ୍ଖ ଫୁଙ୍କାରେ ମଳିକ ପଲ୍, ହନୁମାନ ଚାଳିଶାରେ ଶ୍ରୟାଂଶୀ ପାତ୍ର ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି । ଏହି ଅବସରରେ ଆୟୋଜିତ ସାଂସ୍କୃତିକ ସଂନ୍ଧ୍ୟାରେ କାଲବେରିଆ ନୃତ୍ୟ (ରାଜସ୍ଥାନ), ବଜାଶାଲ୍ ନୃତ୍ୟ (କଳାହାଣ୍ଡି କଟପ୍ପା ଦଳ) ସମେତ ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀ ନିଜ ନିଜର ନୃତ୍ୟ ପରିବେଷଣ ନୃତ୍ୟ ପ୍ରଦର୍ଶନ କରିଥିଲେ । ସେହିପରି ହାଇଦ୍ରାବାଦର ଦୁଃସାହସିକ କ୍ରୀଡ଼ା ମଲ୍ଲଖମ୍ବ ପ୍ରଦର୍ଶନ ସମସ୍ତଙ୍କୁ ବିମୋହିତ କରିଥିଲା । ଏହି ଉଦଯାପନୀ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦୁଃଖବନ୍ଧୁ ନାୟକ, ଉପ-ଜିଲ୍ଲାପାଳ କରଞ୍ଜିଆ ଡ଼. ଦୟାସିନ୍ଧୁ ପରିଡ଼ା, ତହସିଲଦାର ବାରିପଦା ଶ୍ରୀ ସପନ କୁମାର ସାହୁ, ସ୍ୱତନ୍ତ୍ର ଭୂ-ଅର୍ଜନ(ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ) ଅଧିକାରୀ ଲଲାଟେନ୍ଦୁ ସି, ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଶୁଭାଶିଷ ନାୟକ, ଜିଲ୍ଲା ସାମାଜିକ ସମୀକ୍ଷକ ଶ୍ରୀ ପ୍ରଦୀପ ଚକ୍ରବର୍ତ୍ତୀ, ଜୀବନଜୀବିକା ପ୍ରକଳ୍ପ ମ୍ୟାନେଜର ମଧୁସ୍ମିତା ଭୂୟାଁ, ଡେପୁଟି ସିଇଓ (ଓରମାସ୍) ଭାଗ୍ୟଲକ୍ଷ୍ମୀ ରାଉତ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ମମତାମୟୀ ବିଶ୍ୱାଳ ପ୍ରମୁଖ ମଞ୍ଚାସୀନ ଥିଲେ ।





# ବେଆଇନ୍ ଭାବେ ବାଇକ ବନ୍ଧକ ରଖି ସୁଧରେ ଟଙ୍କା ଦେଉଥିବା ବ୍ୟକ୍ତିଙ୍କ ଘରେ ଚଢ଼ାଉ : ଗୋଟିଏ ଅଟୋ, ୨୦ ବାଇକ ଉଦ୍ଧାର

ବୈଶିଙ୍ଗା , ୧୭/୪ (ନି.ପ୍ର): ବୈଶିଙ୍ଗା ଥାନା ଅର୍ନ୍ତଗତ ରଙ୍ଗାମାଟିଆ ଗ୍ରାମର ଜନୈକ ବ୍ୟକ୍ତିଙ୍କ ଘରେ ଗୁରୁବାର ରାତି ୯ଟା ସମୟରେ ପୋଲିସର ଏକ ଟିମ ଅଚାନକ ଚଢ଼ାଉ କରି ବେଆଇନ ଭାବେ ଗଚ୍ଛିତ ରଖାଯାଇଥିବା ବିଭିନ୍ନ କମ୍ପାନୀର ୨୦ ଟି ବାଇକ ଓ ଗୋଟିଏ ଡିଜେଲ ଅଟୋ ଜବତ କରାଯାଇଥିଲା। ତେବେ ମିଳିଥିବା ସୂଚନା ଅନୁଯାଇ ଅଜିତ କୁମାର ଦାଶ ନାମକ ଯୁବକ ବେଆଇନ ଭାବେ ଲୋକଙ୍କ ଠାରୁ ଗାଡି ବନ୍ଧକ ରଖି ଟଙ୍କା ସୁଧରେ ଦେଇଥାନ୍ତି। ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ଏହି ଚଢ଼ାଉ କରିଥିଲା। ତେବେ ତଦନ୍ତ ସମୟରେ ଗାଡ଼ି ବନ୍ଧକ ଦେଇଥିବା ନେଇ ଗାଡ଼ି ମାଲିକଙ୍କ ଲିଖିତ ଚୁକ୍ତିନାମା ପୋଲିସ ନିକଟରେ ଉପସ୍ଥାପନ କରିଥିଲେ ଅଜିତ। ସେହି ଚୁକ୍ତିନାମା ଗୁଡିକ ବାବଦରେ ଶୁକ୍ରବାର ଚିକିନିଖି ଯାଞ୍ଚ କରାଯାଇଥିଲା। ଏହାକୁ ନେଇ ପୋଲିସ ପକ୍ଷରୁ ୧୮୬ ନଂ ରେ ଏକ ମାମଲା ରୁଜୁ କରାଯାଇଛି ଓ ସମ୍ପୃକ୍ତ ଗାଡ଼ି ମାଲିକଙ୍କୁ ଥାନାକୁ ଡକାଯାଇ ବନ୍ଧକ ରଖିଥିବା ଗାଡ଼ି ଗୁଡ଼ିକ ସେମାନଙ୍କୁ ଫେରାଇ ଦେବାକୁ ପଦକ୍ଷେପ ନିଆଯାଉଥିବା କହିଛନ୍ତି ଥାନାଧିକାରୀ ବାରିଣୀ ଦାସ। ଅଟକ ରଖାଯାଇଥିବା ଅଜିତ କୁମାର ଦାଶଙ୍କୁ ନୋଟିସ ଜାରି କରାଯାଇ ଥାନାରୁ ଜାମିନରେ ଛଡ଼ା ଯାଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ବୈଶିଙ୍ଗା ପୋଲିସର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଯୋଗୁଁ ନିଜ ବାଇକ ଗୁଡ଼ିକ ସୁରକ୍ଷିତ ଫେରି ପାଇବା ପରେ ବେଶ୍ ଖୁସି ଜାହିର କରିଥିଲେ ପରିସ୍ଥିତିରେ ପଡ଼ି ବନ୍ଧା ପକାଇଥିବା ଋଣ ଗ୍ରସ୍ତ ଗାଡ଼ି ମାଲିକ ମାନେ। ତେବେ ଏହି ବାଇକ ଗୁଡିକ ମଧ୍ୟରେ ଚୋରା ବାଇକ୍ ଅଛି କି ନାହିଁ ଅନୁସନ୍ଧାନ ଜାରି ରହିଛି ।



# ସାଇ ସାଧନା ପକ୍ଷରୁ ଜଳ ସେବା ଓ ଘୋଳ ଦହି ବିତରଣ

ଉଦଳା, ୧୭/୪ (ନି.ପ୍ର): ଉଦଳାର ଦିବ୍ୟସିଂପୁରସ୍ଥ ସାଇ ସାଧନା ଟ୍ରଷ୍ଟ ତରଫରୁ ସାଇ ସାଧନା ବିଜ୍ଞାନ ମହାବିଦ୍ୟାଳୟ ସମ୍ମୁଖରେ ଚଳିତ ମାସ ଜଳ ସେବା ଓ ଘୋଳ ଦହି ବିତରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ସାଇ ସାଧନା ଟ୍ରଷ୍ଟର ଚେୟାରମେନ ଶ୍ରୀ ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀ ଏହି ଜଳ ସେବାକୁ ଉଦ୍‌ଘାଟନ କରି ଉପସ୍ଥିତ ଜନସାଧାରଣଙ୍କୁ ଜଳ ଦାନ ମହାପୂଣ୍ୟ ବୋଲି ଅଭିବ୍ୟକ୍ତି ପ୍ରଦାନ କରିଥିଲେ । ଏହି ସେବା ମହାବିଷୁବ ସଂକ୍ରାନ୍ତିରୁ ଆରମ୍ଭ ହୋଇ ଜୁନ୍ ୧୪ ରଜ ସଂକ୍ରାନ୍ତି ଯାଏ ଦୀର୍ଘ ୬୦ ଦିନ ଧରି ଚାଲିବ । ୨୦୧୫ ମସିହାରୁ ଏହି କାର୍ଯ୍ୟକ୍ରମ ଚାଲି ଆସୁଅଛି । ପ୍ରତ୍ୟେକ ମଙ୍ଗଳବାର ଓ ଶୁକ୍ରବାର ଖରାବେଳେ ପ୍ରାୟ ଦୁଇ ହଜାରରୁ ଅଧିକ ଲୋକ ସୁସ୍ୱାଦୁ ଦହି ପାଣି, ଜଳଜିରା ପାଣି, ରସ୍ନାପାଣି ସେବନ କରି ରାସ୍ତାରେ ଯିବା ଆସିବା କରୁଥିବା ସାଧାରଣ ଜନତା ଆଶ୍ୱସ୍ତି ପ୍ରକାଶ କରୁଛନ୍ତି । ଏହି ପ୍ରକାର କାର୍ଯ୍ୟକ୍ରମ ପାଇଁ ଜନ ସାଧାରଣଙ୍କ ତରଫରୁ ଶ୍ରୀଯୁକ୍ତ ବିନ୍ଧାଣୀ ତାଙ୍କ ପତ୍ନୀ କୁମୁଦୁନୀ ବିନ୍ଧାଣୀ ଓ ତାଙ୍କ ପରିବାରବର୍ଗଙ୍କୁ ବିଶେଷ ଭାବରେ ଧନ୍ୟବାଦ ପ୍ରଦାନ କରିଥିଲେ।



# ଆମଗାଁ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

ବସ୍ତା, ୧୭/୪ (ନି.ପ୍ର): ବସ୍ତା ବ୍ଲକ ଦୁଧହଂସା ପଞ୍ଚାୟତ ଜୟପୁର ଦୁଧହଂସା ଦୁଇଗାଁ ରେ ଗଢିଉଠିଥିବା ଆମଗାଁ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆଜି ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇ ଅଛି ।ଚାରିଟେବୁଲ ଟ୍ରଷ୍ଟର ସଭାପତି ସୁଲଗ୍ନା ଇନିଚ୍ୟୁଟ୍ ର ଚେୟାରମେନ ଶ୍ରୀଯୁକ୍ତ ଘନଶ୍ୟାମବିଶ୍ୱାଳ ଙ୍କ ପୌରହିତ୍ୟରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଅଛି । ଆସନ୍ତା ୪ ।୫।୨୦୨୬ ତାରିଖରୁ ୯।୫ ।୨୦୨୬ତାରିଖ ପର୍ଯ୍ୟନ୍ତ ଯଜ୍ଞ ଚାଲୁ ରହିଥିବା ବେଳେ ବିଦ୍ୱାନ ପଣ୍ଡିତ ବିରେନ୍ଦ୍ର ପଣ୍ଡା ଙ୍କ ପ୍ରବଚନ ଚଣ୍ଡିପାଠ ଓ ପ୍ରତ୍ୟେକ ସଧ୍ୟାରେ ଭଜନ ସାସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ୭୦ଟି ସଂୟ ସହାୟୀକା ମହିଳା ଗୋଷ୍ଠି ଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ହେବ ।୬ଦିନଧରି ମିନା ବଜାର ସାଙ୍ଗକୁ ନାଚ ଗୀତ ମେଜିକ ଚେୟାର ଲେମ୍ବ ଚାମୋଚ ରେଖେଳ ବିଜେତା ମାନଙ୍କୁ ପୁରସ୍କାର ଓ ଅଞ୍ଚଳର ମାନ୍ୟଗନ୍ୟ ବକ୍ତିଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପ୍ରତିଦିନ ସଂଧ୍ୟାରେ ଅନୁଷ୍ଠିତ ହେବାର ବ୍ୟବସ୍ଥା କରାଯାଇଛି ବୋଲି ସାମ୍ବାଦିକ ସମ୍ମିଳନୀ ରେ ମତ ପ୍ରକାଶ ପାଇଛି । ଏହି ସମ୍ମିଳନୀରେ ବୌଶାଖୀ ମହୋତ୍ସବର ସଭାପତି ପୁରୁଷୋତ୍ତମ ବିଶ୍ୱାଳ ସମ୍ପାଦକ ହରେକୃଷ୍ଣ ବେହେରା ଦୁଧହଂସା ଗାଁ ମାଲିକ ମନୋରଞ୍ଜନ ବିଶ୍ୱାଳ ଜୟପୁର ଗାଁମାଲିକ ଗୌରାଙ୍ଗ ସାହୁ ସଦସ୍ୟ ରାମକୃଷ୍ଣ ବେହେରା ଚିତ୍ତରଞ୍ଜନ ବେଜ ନିରଞ୍ଜନ ବେହେରା ସୁରେଶ ବେହେରା ମୃତ୍ୟୁଞ୍ଜୟ ସାହୁ ଲମ୍ବୁଧର ପ୍ରଧାନ ରମେଶ ବେହେରା ସୁଶାନ୍ତ ଆଚାର୍ଯ୍ୟ ଲକ୍ଷ୍ମୀଧର ରାଉଳ କମଳାକାନ୍ତ ବେହେରା ସମେତ ଦୁଇ ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ ।





# ବି.ଜେ.ବି.ଉଚ୍ଚ ବିଦ୍ୟାଳୟରେ ଅଗ୍ନିଶମ ସପ୍ତାହ ପାଳିତ

ଖୋରଧା, ୧୭/୪ (ନି.ପ୍ର): ବି.ଜେ.ବି. ଉଚ୍ଚ ବିଦ୍ୟାଳୟ ଠାରେ ଜାତୀୟ ଅଗ୍ନିଶମ ସପ୍ତାହ ପାଳିତ ହୋଇଯାଇଛି । ବିଦ୍ୟାଳୟ ର ପ୍ରଧାନଶିକ୍ଷକ ବିଭୁ ପ୍ରସାଦ ସେନାପତି ଅଗ୍ନି ସେବା ସପ୍ତାହ ପାଳନ ର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଅଗ୍ନିଶମ ବାହିନୀର ଅଧିକାରୀ ଗୌତମ ସାମନ୍ତରାୟ, ହାବିଲଦାର ସୁଶାନ୍ତ କୁମାର ସାହୁ, ଅଗ୍ନିଯୋଧା ପରେଶ କୁମାର ପ୍ରଧାନ , ଜିତେନ୍ଦ୍ର ରଣା ଛାତ୍ର, ଛାତ୍ରୀ ମାନଙ୍କୁ ନିଆଁ ଲାଗିବାର କାରଣ ଓ ନିରାକରଣ ର ଉପାୟ ଗୁଡିକ ଉପରେ ଆଲୋଚନା କରିଥିଲେ । ଗ୍ୟାସ ସିଲିଣ୍ଡର ତଥା ଅନ୍ୟ କୌଣସି ସ୍ଥାନ ରେ ନିଆଁ ଲାଗିଲେ ତାହାକୁ କିପରି ସହଜରେ ଆୟତ କରିହେବ ସେସମ୍ପର୍କ ରେ ଛାତ୍ରଛାତ୍ରୀମାନଙ୍କ ସମ୍ମୁଖ ରେ ଗ୍ୟାସ ସିଲିଣ୍ଡର ରେ ଅଗ୍ନି ସଂଯୋଗ କରି ତଥା ଜଳୁଥିବା ନିଆଁକୁ ଆୟତ୍ତ କରିବା ର କୌଶଳ ଦେଖାଇଥିଲେ। ପିଲାମାନେ ଏହି କୌଶଳ ଅଧିକାରୀ ମାନଙ୍କ ଠାରୁ ଶିଖି ନିଜେ ଜଳୁଥିବା ଗ୍ୟାସ ସିଲିଣ୍ଡର ରେ ନିଆଁ ଲିଭାଇବାରେ ସକ୍ଷମ ହୋଇଥିଲେ । ଏହି କାର୍ଯ୍ୟକ୍ରମ ରେ ବିଦ୍ୟାଳୟ ର ଏନ.ସି.ସି ଛାତ୍ର,ଛାତ୍ରୀ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ବିଦ୍ୟାଳୟ ର ଶିକ୍ଷକ ବିଭୁପ୍ରସାଦ ପଣ୍ଡା , ଚନ୍ଦ୍ରକାନ୍ତ ଦାସ, ଜଗନ୍ନାଥ ରାଉତ, ଚିନ୍ମୟ ମାର୍ଥା, ଏମ. ଡି. ଖତିବୁଦ୍ଦିନ, ଶିକ୍ଷୟତ୍ରୀ ଚନ୍ଦ୍ରଲେଖା ମିଶ୍ର , ଅନୁପମା ସାହୁ , ପ୍ରିୟଦର୍ଶିନୀ ସାହୁ, ସୌଦାମିନୀ ବାରିକ ତଥା ଶିକ୍ଷା କର୍ମଚାରୀ ସୁଶିଲ କୁମାର ରାଉତ, ନୀଳାମ୍ବର ନାୟକ ଓ ଆଲୋକ ରଣସିଂହ ଅଂଶ ଗ୍ରହଣ କରିଥିଲେ।



# କଳିଙ୍ଗ ବୀରଙ୍କ ସ୍ମୃତି ଚାରଣ କଲେ ବିଜେଡି କର୍ମୀ

ଖଇରା, ୧୭/୪ (ନି.ପ୍ର): ବାଲେଶ୍ୱର ଜିଲା ଖଇର ବ୍ଲକ ର ବିଭିନ୍ନ ପଞ୍ଚାୟତର ଲୋକ ପ୍ରତିନିଧି ତଥା ବିଜେଡି କର୍ମୀଙ୍କ ଦ୍ୱାରା ଖଇରା ଦୁର୍ଗାମଣ୍ଡପରେ ବିଜୁ ଶ୍ରଦ୍ଧୋତ୍ସବ ପାଳିତ ହୋଇ ଯାଇଛି । ପ୍ରଥମେ ବିଜୁବାବୁଙ୍କ ସମେତ ଗାନ୍ଧୀ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ପରେ ବ୍ଲକ ସଭାପତି ରାଜେନ୍ଦ୍ର କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ମୃତି ଚାରଣ ସଭାରେ ପୁର୍ବତନ ମନ୍ତ୍ରୀ ତଥା ଜିଲା ବିଜେଡି ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଯୋଗଦେଇ ବିଜୁବାବୁ ପ୍ରଚେଷ୍ଟା ରେ ଓଡିଶାରେ ହୋଇଥିବା ପ୍ରଗତି ଉପରେ ଆଲୋକପାତ କରିଥିଲେ । ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର,ସୁଷମା ମହାପାତ୍ର ଓ ଉମାକାନ୍ତ ମହାରଣା, ସମିତିସଭ୍ୟ ନଳିନୀ କୁମାର ସାହୁ, ସରପଞ୍ଚ ମାଳତୀ ସେଠୀ, ଜୟନ୍ତୀ ପତି ଓ ରତ୍ନାକର ଦଳେଇ, ସମିତି ସଭ୍ୟା ପ୍ରତିନିଧି ଜିତେନ୍ଦ୍ର ବେହେରା, ବିଜୟ ବାରିକ, ରବିନ୍ଦ୍ର ମହାନ୍ତି,ବିଶ୍ୱଭୂଷଣ ପ୍ରଧାନ, ଅନନ୍ତ ପ୍ରସାଦ ବାରିକ,କମଳ ଲୋଚନ ଜେନା ଙ୍କ ସମେତ ବହୁ କର୍ମୀ ଯୋଗ ଦେଇ ବିଜୁବାବୁଙ୍କ ବହୁମୁଖୀ ପ୍ରତିଭା ଉପରେ ବକ୍ତବ୍ୟ ରଖିଥିଲେ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida